



ସଲ୍‌ମାନଙ୍କ ଫିଲ୍ମରେ ଅରବିନ୍ଦ ସ୍ୱାମୀ ▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-275 ◆FRIDAY ◆03 APRIL 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୨୭୫ ◆ଶୁକ୍ରବାର ◆୦୩ ଏପ୍ରିଲ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ଆନ୍ଧ୍ରରେ ଅଧ ରାତିରେ ଭୋଟ

## ରାତି ୮ରୁ ୨ଟା ମଧ୍ୟରେ ୫୨ଲକ୍ଷ ମତଦାନ





### ୨୦୨୪ ନିର୍ବାଚନରେ ସାଂଘାତିକ ଅନିୟମିତତା

### ୩୫୦୦ ବୁଥରେ ରାତି ୨ଟାରେ ହୋଇଛି ମତଦାନ

### ରାତି ୧୧.୪୫ରୁ ୨ଟା ମଧ୍ୟରେ ୧୭ ଲକ୍ଷ ଭୋଟିଂ

### ମତଦାନ ହାରାହାରି ସମୟ ମାତ୍ର ୬ ସେକେଣ୍ଡ

■ ନୂଆଦିଲ୍ଲୀ, ୨।୪ (ଏଜେନ୍ସି): ୨୦୨୪ ସାଧାରଣ ନିର୍ବାଚନରେ ଓଡ଼ିଶା, ହରିଆଣା, ତେଲଙ୍ଗାନା ସହ ପ୍ରାୟ ୧୮ଟି ରାଜ୍ୟର ୬୦ରୁ ଉର୍ଦ୍ଧ୍ୱ ସଂସଦୀୟ କ୍ଷେତ୍ରରେ ବିପୁଳ ଅନିୟମିତା ହୋଇଥିବା ଅଭିଯୋଗ ହୋଇଥିଲା। ଏହି ପ୍ରସଙ୍ଗରେ ଓଡ଼ିଶାରୁ ବିଜେଡି ସବିଶେଷ ପ୍ରମାଣ ସହ ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ ହେଁ କୌଣସି ଫଳ ମିଳିନାହିଁ । ଏହାକୁ ନେଇ ଜାତୀୟସ୍ତରରେ ସୂଚନାଧିକାର କର୍ମୀମାନେ ମଧ୍ୟ ଏହି ପ୍ରସଙ୍ଗରେ ନିର୍ବାଚନ କମିଶନଙ୍କୁ ଘେରିଛନ୍ତି। ଏହି ସମୟରେ ଆନ୍ଧ୍ରରେ ୨୦୨୪ ବିଧାନସଭାର ନିର୍ବାଚନ ସଂକ୍ରାନ୍ତ ଯେଉଁ ତଥ୍ୟ ମିଳିଛି ତାହା ସବୁ ଅନିୟମିତତାକୁ ଅତିକ୍ରମ କରି ଯାଇଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗ କେବଳ ସାଂଘାତିକ ନୁହେଁ, 'ଅସ୍ୱାଭାବିକ' ମତଦାନ ଓ ନିର୍ବାଚନ କମିଶନଙ୍କ ଷଡ଼ଯନ୍ତ୍ର ବୋଲି ଅଭିଯୋଗ କରିଛନ୍ତି ବିଶିଷ୍ଟ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଓ ଅର୍ଥନୀତିଜ୍ଞ ପରକଳା ପ୍ରଭାକର।

ନୂଆଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀରେ ଉଭୟ ଦେଇଥିବା ତଥ୍ୟ ଅନୁସାରେ ଆନ୍ଧ୍ରପ୍ରଦେଶରେ ୨୦୨୪ ସାଧାରଣ ନିର୍ବାଚନରେ ମୋଟ ମତଦାନର ୪.୧୬ ପ୍ରତିଶତ ଭୋଟ ରାତି ୧୧.୪୫ରୁ ୨ଟା ମଧ୍ୟରେ ପୁଲିଂ ହୋଇଛି। ଏପରିକି ମଧ୍ୟରାତ୍ରି ପରେ ପ୍ରାୟ ୧୭ ଲକ୍ଷ ମତଦାନ ହୋଇଥିବା ଦର୍ଶାଯାଇଛି। ସେହିପରି ୩୫୦୦ ବୁଥ୍‌ରେ ରାତି ୨ଟାରେ ମତଦାନ ହୋଇଥିବା ଦର୍ଶାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ସାଂଘାତିକ ବିଷୟ ହେଉଛି, ସାଧାରଣତଃ ଗୋଟିଏ ଭୋଟ ପରେ ଇଭିଏମ୍ ରିସେଟ୍ ବା ପୁନର୍ବାର ମତଗ୍ରହଣ ନିମନ୍ତେ ନିଜକୁ ପ୍ରସ୍ତୁତ କରିବାକୁ ଅନ୍ୟୂନ ୧୪ ସେକେଣ୍ଡ ଲାଗୁଥିବାବେଳେ ଆନ୍ଧ୍ରପ୍ରଦେଶର ଅନେକ ବୁଥ୍‌ରେ ପ୍ରତି ୬ ସେକେଣ୍ଡରେ ମତଦାନ ହୋଇଥିବା ଦେଖାଯାଇଛି। ଯାହା ଅତ୍ୟନ୍ତ ଅସମ୍ଭବ ବୋଲି ଅଭିଯୋଗକାରୀ ପ୍ରଭାକର କହିଛନ୍ତି ।

ଅଭିଯୋଗ ଅନୁସାରେ ଆନ୍ଧ୍ରପଦେଶରେ ନିର୍ବାଚନ କମିଶନଙ୍କ ଦ୍ୱାରା ଜାରି କରାଯାଇଥିବା ମତଦାନ ପ୍ରତିଶତ ବାରମ୍ବାର ପରିବର୍ତ୍ତନ ଦେଖାଯାଇଥିଲା। ମତଦାନ ଦିନ ସନ୍ଧ୍ୟାରେ ଏହା ୬୮.୧୨ ପ୍ରତିଶତ ଥିବାବେଳେ, ୪ ଦିନପରେ ଏହା ବୃଦ୍ଧି ପାଇଁ ୮୧.୭୯ ପ୍ରତିଶତ ହୋଇ ଯାଇଥିଲା। ଯାହାକୁ ନେଇ ନିର୍ବାଚନ କମିଶନଙ୍କୁ ତୀବ୍ର ସମାଲୋଚନା କରିଛନ୍ତି ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ। ସେ କହିଛନ୍ତି ଯେ ନିର୍ବାଚନ ▶ପୃଷ୍ଠା-୭

### ପଶ୍ଚିମବଙ୍ଗରେ ଏସ୍‌ଆଇଆର୍ ଅଧିକାରୀଙ୍କୁ ୯ ଘଣ୍ଟା ପଣବନ୍ଦୀ

## ମମତା ସରକାରଙ୍କୁ ସୁପ୍ରିମକୋର୍ଟଙ୍କ କଡ଼ା ଭର୍ତ୍ସନା

■ ନୂଆଦିଲ୍ଲୀ, ୨।୪ (ଏଜେନ୍ସି): ପଶ୍ଚିମବଙ୍ଗ ନିର୍ବାଚନ ପୂର୍ବରୁ ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର) ପ୍ରକ୍ରିୟାରେ ନିୟୋଜିତ ୭ ଜଣ ବିଚାର ବିଭାଗୀୟ ଅଧିକାରୀଙ୍କୁ ମାଲଦା ଜିଲ୍ଲାରେ ପ୍ରାୟ ୯ ଘଣ୍ଟା ଧରି ପଣବନ୍ଦୀ କରି ରଖାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। ଭୋଟର ତାଲିକାରୁ ପ୍ରାୟ ୬୩ ଲକ୍ଷ ନାମ କଟାଯିବା ଏବଂ ୬୦ ଲକ୍ଷ ନାମକୁ ଯାଞ୍ଚ ଅଧୀନରେ ରଖାଯିବାକୁ ନେଇ ସ୍ଥାନୀୟ ଲୋକ ଉତ୍ତ୍ୟକ୍ତ ହୋଇଥିଲେ। କାଳିଆଚକ-୨ ବ୍ଲକ କାର୍ଯ୍ୟାଳୟରେ ଯାଞ୍ଚ୍ କରୁଥିବା ୭ ଜଣ ଅଧିକାରୀଙ୍କୁ ବିକ୍ଷୋଭକାରୀମାନେ ଘେରି ଯାଇଥିଲେ। ଏହି ଅଧିକାରୀମାନଙ୍କ ମଧ୍ୟରେ ୩ ଜଣ ମହିଳା ଥିଲେ ଓ ଏମାନଙ୍କ ସହ ଜଣେ ୫ ବର୍ଷରୁ ଶିଶୁ ଥିଲେ। ରାତି ପ୍ରାୟ ୧ଟାରେ ପୁଲିସ ସେମାନଙ୍କୁ ଉଦ୍ଧାର କରିଥିଲା। ଏହି ସମୟରେ ବିକ୍ଷୋଭକାରୀମାନେ ପୁଲିସ ଗାଡ଼ି ଉପରକୁ ପଥରମାଡ଼ କରିବା ସହ ଜାତୀୟ ରାଜପଥ-୧୨ ଅବରୋଧ କରିଥିଲେ।



ସୁପ୍ରିମକୋର୍ଟ ଏହି ଘଟଣାକୁ 'ରାଜ୍ୟ ସରକାରଙ୍କ ଅପରାଧିକ ବିଫଳତା' ବୋଲି କହିଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱରେ ଗଠିତ ବେଞ୍ଚ୍ କେତୋଟି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାର ତଦନ୍ତ ପାଇଁ ନିର୍ବାଚନ କମିଶନଙ୍କୁ ସିବିଆଇ କିମ୍ବା ଏନ୍‌ଆଇଏକୁ ଦାୟିତ୍ୱ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ବିଚାର ବିଭାଗୀୟ ଅଧିକାରୀଙ୍କ ସୁରକ୍ଷା ପାଇଁ କେନ୍ଦ୍ରୀୟ ବାହିନୀ ମୁତୟନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୁଣି ପଶ୍ଚିମବଙ୍ଗର ମୁଖ୍ୟ ଶାସନ ସଚିବ, ଡିଜିପି ଏବଂ ଜିଲ୍ଲାପାଳଙ୍କୁ କୈଫିୟତ ମଗାଯାଇଛି ଏବଂ ଏପ୍ରିଲ ୬ରେ କୋର୍ଟରେ ହାଜର ହେବାକୁ କୁହାଯାଇଛି। ସୁପ୍ରିମକୋର୍ଟ ପଶ୍ଚିମବଙ୍ଗକୁ ସବୁଠାରୁ ପୋଲାରାଇଜ୍‌ଡ ଅର୍ଥାତ ମେରୁକୃତ ରାଜ୍ୟ ଭାବେ ବର୍ଣ୍ଣନା କରିଛନ୍ତି। ସେଠାରେ ଅଦାଲତଙ୍କ ଆଦେଶ ପାଳନ ବେଳେ ମଧ୍ୟ ରାଜନୀତି କରାଯାଉଛି। ଜଣେ ୫ ବର୍ଷର ଶିଶୁକୁ ଖାଦ୍ୟ ଓ ପାଣିରୁ ବଞ୍ଚିତ ରଖାଯିବା ଘଟଣାକୁ କୋର୍ଟ ଅତି ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ▶ପୃଷ୍ଠା-୭

## ୧୬ ତାରିଖ ପର୍ଯ୍ୟନ୍ତ ସଂସଦ ମୁଲତବୀ

### ମହିଳା ସଂରକ୍ଷଣ ବିଲ୍ ପାଇଁ ୧୬ରେ ପୁଣି ବୈଠକ

■ ନୂଆଦିଲ୍ଲୀ, ୨।୪ (ଏଜେନ୍ସି): ସଂସଦର ବଜେଟ ଅଧିବେଶନକୁ ଆଜି ଏପ୍ରିଲ ୧୬ ତାରିଖ ପର୍ଯ୍ୟନ୍ତ ମୁଲତବୀ କରାଯାଇଛି । ଲୋକସଭା ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ ଏବଂ ମହିଳା ଆସନ ସଂରକ୍ଷଣ ବିଲ୍ ପାଇଁ ୧୬ରୁ ସଂସଦର ଅଧିବେଶନ ପୁଣି ଆରମ୍ଭ ହେବ । ଏହା ଦୁଇ ତିନି ଦିନ ପର୍ଯ୍ୟନ୍ତ ଚାଲିପାରେ । ଲୋକସଭା ଆସନ ସଂଖ୍ୟା ୫୪୩ରୁ ୮୧୬କୁ ବୃଦ୍ଧି କରିବା ସହିତ ମହିଳାମାନଙ୍କ ପାଇଁ ୨୭୩ ଆସନ ସଂରକ୍ଷିତ ରଖିବା ଲାଗି ସରକାର ଏଭଳି ପଦକ୍ଷେପ ନେଇଛନ୍ତି ।

ନିର୍ଦ୍ଧାରତିକ କାର୍ଯ୍ୟସୂଚୀ ଅନୁଯାୟୀ ୨୮ ଜାନୁଆରୀରୁ ଆରମ୍ଭ ହୋଇଥିବା ସଂସଦର ବଜେଟ୍ ଅଧିବେଶନ ଆଜି ଏପ୍ରିଲ ଦୁଇ ତାରିଖରେ ଅନିର୍ଦ୍ଦିଷ୍ଟକାଳ ପାଇଁ ମୁଲତବୀ ହେବା କଥା। କିନ୍ତୁ ଉପରୋକ୍ତ ଦୁଇଟି ବିଲ୍ ପାଇଁ ସରକାର ୧୬ ତାରିଖରେ ପୁଣି ଅଧିବେଶନ ଡକାଇବାକୁ ନିଷ୍ପତ୍ତି ନେଇଛନ୍ତି। ଗୃହ ମୁଲତବୀ ହେବାପୂର୍ବରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଆଜି ରାଜ୍ୟସଭାରେ କହିଥିଲେ ଯେ ଗୁରୁତ୍ୱପୂର୍ଣ୍ଣ ଆଇନ ପ୍ରଣୟନ ଲାଗି ସଂସଦ ବୈଠକ ପୁଣି ବସିବ। ସେ କହିଲେ, ଆମ ପାଖରେ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଓ ବିଲ୍ ରହିଛି । ଆଗାମୀ ଦୁଇ ତିନି ସପ୍ତାହ ମଧ୍ୟରେ ଏହାକୁ ସଂସଦରେ ଆଗତ କରାଯିବ । କିନ୍ତୁ ସେ ଏହି ବିଲ୍ ବିଷୟରେ କିଛି ନିର୍ଦ୍ଦିଷ୍ଟ ସୂଚନା ଦେଇନଥିଲେ । କେବଳ ସେ ଏତିକି କହିଥିଲେ ଯେ ବିରୋଧୀ ଦଳର ନେତାମାନଙ୍କ ସହିତ ସରକାର ଏସଂପର୍କରେ ବିଚାରଆଲୋଚନା ଚଳାଇଛନ୍ତି। ମିଳିଥିବା ସୂଚନା ▶ପୃଷ୍ଠା-୭

### ଶୀର୍ଷ ନେତୃତ୍ୱ ଅସନ୍ତୋଷ ପରେ ରାଜ୍ୟ ବିଜେପିରେ ତନାଘନା

## ଚୈତ୍ରରେ ନିଗମ; ବୈଶାଖରେ ମନ୍ତ୍ରିମଣ୍ଡଳ !

■ ଭୁବନେଶ୍ୱର, ୨।୪ (ସମିସ): ୧୯ ମାସର ଦୀର୍ଘ ପ୍ରତୀକ୍ଷା ପରେ ମଙ୍ଗଳବାର ରାଜ୍ୟ ସରକାର ୩୦ ଜିଲ୍ଲାରେ ଜିଲ୍ଲା ଯୋଜନା କମିଟି ଅଧକ୍ଷ ନିଯୁକ୍ତ କରିଛନ୍ତି। ଏହି ନିଯୁକ୍ତି ପରେ ରାଜ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ବାଟ ଫିଟିଥିବା ମଧ କୁହାଯାଉଛି। ଏହି ନିଯୁକ୍ତି ପଛରେ ନିକଟରେ ଦିଲ୍ଲୀରେ ବିଜେପି କେନ୍ଦ୍ରୀୟ ନେତୃତ୍ୱଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ଭେଟଘାଟ ଥିବା ଏବେ ବିଜେପି ଅଳିନ୍ଦରେ ଆଲୋଚନା ହେଉଛି। ଗତ ଶନିବାର ମନ-ମୋହନ ଯୋଡ଼ି ଦିଲ୍ଲୀ ଗସ୍ତ ସମୟରେ ବିଜେପି ଶୀର୍ଷ ନେତୃତ୍ୱ ରାଜ୍ୟରେ ସଂଗଠନ ଓ ସରକାରଙ୍କ ମଧ୍ୟରେ ତାଳମେଳର ଅଭାବ ଓ ପ୍ରଦର୍ଶନକୁ ନେଇ ଅସନ୍ତୋଷ ପ୍ରକାଶ ସହ ଯୁଦ୍ଧକାଳୀନ ଭିତ୍ତିରେ ଦଳୀୟ ନେତାଙ୍କୁ ଥଇଥାନ ଓ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପାଇଁ ପରାମର୍ଶ ଦେଇଥିବା ସୂଚନା ମିଳିଛି। ଏହାର ପ୍ରତିଫଳନ ସ୍ୱରୂପ ୩୦ ଜିଲ୍ଲାରେ ବିଭିନ୍ନ ବିଧାୟକମାନଙ୍କୁ ଜିଲ୍ଲା ଯୋଜନା କମିଟିରେ ଥଇଥାନ କରାଯାଇଛି । ୧୪ ତାରିଖ ପୂର୍ବରୁ ଚୈତ୍ରମାସରେ ନିଗମ ନିଯୁକ୍ତି ଚୂଡ଼ାନ୍ତ ହେବ ଓ ବୈଶାଖରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବ ବୋଲି ଜଣାପଡ଼ିଛି ।

### ମନ୍ତ୍ରିମଣ୍ଡଳରେ ସାମିଲ ହେବେ ୮ ନୂଆ ମୁହଁ

### ବଦଳିବ ୬ ମନ୍ତ୍ରୀଙ୍କ ବିଭାଗ, ବାଦ ପଡ଼ିବେ ୩

ଏହି ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ମନ-ମୋହନ ଯୋଡ଼ିଙ୍କ ସଦ୍ୟ ଦିଲ୍ଲୀ ଗସ୍ତ ସମୟରେ ବିଜେପି ଶୀର୍ଷ ନେତୃତ୍ୱ ରାଜ୍ୟରେ ସରକାରଙ୍କ ଗତିବିଧିକୁ ନେଇ ଦୀର୍ଘ ଆଲୋଚନା କରିଛନ୍ତି। ଦୁଇ ମାସ ପରେ ସରକାରକୁ ୨ ବର୍ଷ ପୂରିବ। ମାତ୍ର ଏହି ଅବଧି ମଧ୍ୟରେ ସରକାର ସେପରି କିଛି ଆଖିଦୃଶିଆ ପଦକ୍ଷେପ ନେବାରେ ସଫଳ ହୋଇପାରିନାହାନ୍ତି । ସରକାରଙ୍କ ପ୍ରତି ଲୋକଙ୍କ ମଧ୍ୟରେ ସେପରି କିଛି ଆକର୍ଷଣ ଦେଖାଯାଉନାହିଁ। ସୁଭଦ୍ରା, ସମୃଦ୍ଧ କୃଷକ କଲ୍ୟାଣ ଯୋଜନା ମାଧ୍ୟମରେ ସରକାର ଲୋକଙ୍କୁ ପ୍ରଭାବିତ କରିବାକୁ ଉଦ୍ୟମ ବି ବିଶେଷ ଫଳପ୍ରଦ ହୋଇନାହିଁ। ଓଲଟି ରାଜ୍ୟ ସରକାର କାର୍ଯ୍ୟ ଓ ଛବିକୁ ନେଇ ତୃଣମୂଳସ୍ତରରେ ଏକ ନକରାତ୍ମକ ପରିବେଶ ସୃଷ୍ଟି ହୋଇଛି। ଲୋକଙ୍କୁ ପ୍ରଭାବିତ ତ ଦୂରର କଥା, ଦଳୀୟ ନେତା ବି ନିରୁତ୍ସାହିତ ଅନୁଭବ କରୁଛନ୍ତି। ବିଶେଷକରି ନିଗମ ବୋର୍ଡ, ଡିପିସି ନିଯୁକ୍ତିରେ ବିଳମ୍ବ ସରକାରଙ୍କ ନିଷ୍ପତ୍ତି ନେବା କ୍ଷମତା ଓ ଦକ୍ଷତାକୁ ନେଇ ପ୍ରଶ୍ନ ଉଠାଇଛି। ଗୋଷ୍ଠୀକନ୍ଦଳ କାରଣରୁ ଏସବୁରେ ନିଯୁକ୍ତି ହୋଇପାରୁ ନାହିଁ ବୋଲି ସାଧାରଣରେ ସୃଷ୍ଟି ହୋଇଥିବା ବାର୍ତ୍ତାକୁ ନେଇ ଶୀର୍ଷ ନେତୃତ୍ୱ ଅସନ୍ତୋଷ ପ୍ରକାଶ କରିଥିବାକୁହାଯାଉଛି। ତେଣୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ନିଗମ ନିଯୁକ୍ତି ଓ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କାର୍ଯ୍ୟ ଶେଷ କରିବାକୁ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସଭାପତିଙ୍କୁ ଶୀର୍ଷ ନେତୃତ୍ୱ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି। ▶ପୃଷ୍ଠା-୭


SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN CORE COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in



15001/2/2627





ପବିତ୍ର ଗୁଡ୍ ଫ୍ରାଇଡ଼େ - ୨୦୨୬ ଅବସରରେ
ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଗୁଡ୍ ଫ୍ରାଇଡ଼େ ପ୍ରଭୁ ଯୀଶୁଙ୍କ ବଳିଦାନର ସ୍ମାରକୀ ବହନ କରେ । ପ୍ରଭୁ ଯୀଶୁ ମାନବଜାତିକୁ ପ୍ରେମ, ତ୍ୟାଗ, ଭ୍ରାତୃତ୍ୱ ଓ କ୍ଷମାର ବାର୍ତ୍ତା ପ୍ରଦାନ କରିଥିଲେ । ଏହି ଦିନଟି ପ୍ରଭୁ ଯୀଶୁଙ୍କ କ୍ରୁଶବିଦ୍ଧ ହେବାର ପବିତ୍ର ସ୍ମାରକୀ ଦିବସ, ଯାହାଙ୍କର ଜୀବନ ମାନବ ସମାଜକୁ ଦୁଃଖରୁ ମୁକ୍ତି ଦେବାକୁ ସମର୍ପିତ ଥିଲା ।

ମୁଁ ରାଜ୍ୟର ଖ୍ରୀଷ୍ଟ ଧର୍ମାବଲମ୍ବୀ ଭାଇଭଉଣୀମାନଙ୍କ ସହିତ ପ୍ରଭୁ ଯୀଶୁଙ୍କ ପ୍ରଦର୍ଶିତ ପ୍ରେମ, କରୁଣା ଓ ତ୍ୟାଗର ପଥରେ ଅଗ୍ରସର ହେବାର ସଂକଳ୍ପ ସହ ଗୁଡ୍ ଫ୍ରାଇଡ଼େ ପାଳନରେ ସାମିଲ ହେଉଛି ।

(ହରି ବାବୁ କମ୍ଭମପାଟି)



ଗୁଡ୍ ଫ୍ରାଇଡେ ଉପଲକ୍ଷେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଗୁଡ୍ ଫ୍ରାଇଡେ ଆମ ଖ୍ରୀଷ୍ଟିଆନ ଭାଇଭଉଣୀମାନଙ୍କ ପାଇଁ ଏକ ପବିତ୍ର ଦିବସ । ଏହି ଦିବସ ଆମକୁ ତ୍ୟାଗ ଓ ବଳିଦାନର ମୂଲ୍ୟ ସମ୍ପର୍କରେ ସଚେତନ କରିଥାଏ । ମାନବ ସମାଜର କଲ୍ୟାଣ ପାଇଁ ଯୀଶୁଖ୍ରୀଷ୍ଟଙ୍କ ସର୍ବୋଚ୍ଚ ତ୍ୟାଗକୁ ଆଧାର କରି ଆସନ୍ତୁ, ଏକ ଆଦର୍ଶ ସମାଜ ଗଠନ ଦିଗରେ ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/15001/2/26-27/0002



## ରାଜ୍ୟସଭା ଉପ-ନେତା ପଦରୁ ରାଘବ ଚଡ୍ଡାଙ୍କୁ ହଟାଇଲା ଆପ୍

ନୂଆଦିଲ୍ଲୀ, ୨।୪(ଏଜେନ୍ସି): ଆମ ଆଦମୀ ପାର୍ଟି (ଆପ୍) ନିଜର ବରିଷ୍ଠ ନେତା ତଥା ସାଂସଦ ରାଘବ ଚଡ୍ଡାଙ୍କୁ ରାଜ୍ୟସଭାରେ ଦଳର ଉପ-ନେତା ପଦରୁ ହଟାଇଛି। ଫଳରେ ଦଳ ମଧ୍ୟରେ ଫାଟ ସୃଷ୍ଟି ହୋଇଥିବା ନେଇ ଚର୍ଚ୍ଚା ଜୋର ଧରିଛି। ରାଘବଙ୍କ ସ୍ଥାନରେ ପଞ୍ଜାବ ସାଂସଦ ଅଶୋକ ମିତ୍ତଲଙ୍କୁ ରାଜ୍ୟସଭାର ନୂଆ ଉପ-ନେତା କରାଯାଇଛି। ସୂଚନା ଅନୁଯାୟୀ, ରାଜ୍ୟସଭା ସଚିବାଳୟକୁ ଚିଠି ଲେଖି ଆପ୍ ଜଣାଇଛି ଯେ, ରାଘବଙ୍କୁ ସଂସଦରେ କହିବା ପାଇଁ ସମୟ ଦିଆ ନଯାଉ। ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ଅରବିନ୍ଦ କେଜ୍ରିୱାଲ ଓ ମନୀଷ ସିସୋଦିଆ କୋର୍ଟରୁ ନିର୍ଦ୍ଦୋଶରେ ଖଲାସ ହେବା ପରେ ମଧ୍ୟ ରାଘବ ଚଡ୍ଡା କୌଣସି ପ୍ରତିକ୍ରିୟା ରଖି ନଥିଲେ। ସେ ସାମାଜିକ ଗଣମାଧ୍ୟମରେ ମଧ୍ୟ ଚୁପ୍ ରହିଥିଲେ, ଯାହା ଦଳର ହାଇକମାଣ୍ଡକୁ ଅସନ୍ତୁଷ୍ଟ କରିଛି। କେଜ୍ରିୱାଲଙ୍କ ଦ୍ୱାରା ଆୟୋଜିତ ସାମ୍ବାଦିକ ସମ୍ମିଳନୀ ଏବଂ ଯନ୍ତର ମନ୍ତରରେ ହୋଇଥିବା ଜନସଭାରେ ମଧ୍ୟ ରାଘବଙ୍କୁ ଦେଖିବାକୁ ମିଳି ନଥିଲା। ନୂଆ ଉପ-ନେତା ଆଶୋକ ମିତ୍ତଲ କହିଛନ୍ତି ଯେ, ଦଳରେ ସବୁକିଛି ଠିକ୍ ଅଛି। ଏହା ଏକ ସାଧାରଣ ପ୍ରକ୍ରିୟା ଏବଂ ଦଳ ପ୍ରତ୍ୟେକ ସଦସ୍ୟଙ୍କୁ ସୁଯୋଗ ଦେବାକୁ ଚାହୁଁଛି। ସୂଚନାଯୋଗ୍ୟ ଯେ, ୩୭ ବର୍ଷୀୟ ରାଘବ ଚଡ୍ଡା ୨୦୧୨ରୁ ଆପ ସହିତ ଜଡ଼ିତ ଅଛନ୍ତି ଏବଂ ତାଙ୍କୁ କେଜ୍ରିୱାଲଙ୍କ ଅତି ଘନିଷ୍ଠ ବୋଲି ବିଚାର କରାଯାଏ। ସେ ପଞ୍ଜାବ ସରକାରରେ ପରାମର୍ଶଦାତା ଏବଂ ଦିଲ୍ଲୀ ଜଳ ବୋର୍ଡର ଉପାଧ୍ୟକ୍ଷ ଭାବେ କାର୍ଯ୍ୟ କରିସାରିଛନ୍ତି। ତେବେ ହଠାତ ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦବୀରୁ ହଟାଯିବା ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।

## ଦିଲ୍ଲୀରୁ ହଟିବ ୧.୪୦ ଲକ୍ଷ ଚୀନ୍ ସିସିଟିଭି କ୍ୟାମେରା

ନୂଆଦିଲ୍ଲୀ, ୨।୪(ଏଜେନ୍ସି): ଜାତୀୟ ସୁରକ୍ଷା ଓ ଡାଟା ଚୋରି ଭୟରେ ଦିଲ୍ଲୀ ସରକାର ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ଦିଲ୍ଲୀର ପିଡବ୍ଲ୍ୟୁଡି ମନ୍ତ୍ରୀ ପ୍ରବେଶ ସାହିବ ସିଂ ସହରରେ ଲାଗିଥିବା ପ୍ରାୟ ୧.୪୦ ଲକ୍ଷ ଚୀନ୍ ସିସିଟିଭି କ୍ୟାମେରା ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତରୁ ଜଣାପଡ଼ିଛି ଯେ, ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ଲାଗିଥିବା କ୍ୟାମେରାଗୁଡ଼ିକର ଲାଇଭ ଫୁଟେଜ ସୀମା ପାର ହୋଇ ପାକିସ୍ତାନକୁ ପଠାଯାଉଥିଲା। ଦିଲ୍ଲୀ ଓ ଗାଜିଆବାଦ୍‌ରୁ ଏକ ଗୁଇନ୍ଦା ର୍ୟାକେଟ୍‌ର ପର୍ଦ୍ଦାଫାସ୍ ହେବା ପରେ ଏହି ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଦିଲ୍ଲୀ ପିଡବ୍ଲ୍ୟୁଡି ପକ୍ଷରୁ ମୋଟ୍ ୨, ୭୪, ୩୮୯ ସିସିଟିଭି ଲଗାଯାଇଥିଲା, ଯେଉଁଥିରୁ ୧.୪୦ ଲକ୍ଷ କ୍ୟାମେରା ଚୀନ କମ୍ପାନୀ 'ହାଇକଭିଜନ'ର ଥିଲା। ଏହି କ୍ୟାମେରାଗୁଡ଼ିକରେ ଚୀନ ନିର୍ମିତ ଚିପସେଟ୍ ବ୍ୟବହାର କରାଯାଇଛି, ଯାହା ଇଣ୍ଟରନେଟ ସହ ସଂଯୁକ୍ତ ଥିଲା। ମନ୍ତ୍ରୀ କହିଛନ୍ତି ଯେ ଏହି କ୍ୟାମେରାଗୁଡ଼ିକ ଆମ ଆଦମୀ ପାର୍ଟି ଶାସନ ସମୟରେ ଲଗାଯାଇଥିଲା। ବର୍ତ୍ତମାନ ଏହାକୁ ହଟାଇବା ପାଇଁ ପିଡବ୍ଲ୍ୟୁଡିକୁ ଆଦେଶ ଦିଆଯାଇଛି। ଗୁପ୍ତଚରୀ ଅଭିଯୋଗ ଆସିବା ପରେ କେନ୍ଦ୍ର ସରକାର ଦେଶବ୍ୟାପୀ ସିସିଟିଭି ନେଟୱର୍କର ଯାଞ୍ଚ୍ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଦେଶର ତଥ୍ୟ ଯେପରି ଶତ୍ରୁ ରାଷ୍ଟ୍ର ପାଖକୁ ନଯାଏ, ସେଥିପାଇଁ ଦିଲ୍ଲୀରୁ ଏହି ବିପଜ୍ଜନକ ଚୀନ୍ କ୍ୟାମେରାଗୁଡ଼ିକୁ ହଟାଇବା ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୫୦, ୦୦୦ କ୍ୟାମେରା ବଦଳାଇବା ପାଇଁ ଅନୁମୋଦନ ମିଳିଛି।

## ୩ଟି ସହରରେ ଆଇ-ପିଏସି ପରିସରରେ ଇଡିର ବଡ଼ ଧରଣର ଚଢ଼ାଉ

ନୂଆଦିଲ୍ଲୀ, ୨।୪(ଏଜେନ୍ସି): ପଶ୍ଚିମବଙ୍ଗର ବହୁଚର୍ଚ୍ଚିତ କୋଇଲା ଚୋରା ଚାଲାଣ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଗୁରୁବାର ରାଜନୈତିକ ପରାମର୍ଶଦାତା ସଂସ୍ଥା ଆଇ-ପିଏସି ସହିତ ଜଡ଼ିତ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ଇଡ଼ି ପକ୍ଷରୁ ଏହି ଚଢ଼ାଉ ଦିଲ୍ଲୀ, ବେଙ୍ଗାଲୁରୁ ଏବଂ ହାଇଦରାବାଦ୍‌ରେ ଏକାସାଙ୍ଗେ କରାଯାଇଛି। ଆଇ-ପିଏସିର ନିର୍ଦ୍ଦେଶକ ଋଷି ରାଜ ସିଂହଙ୍କ ବେଙ୍ଗାଲୁରୁ ସ୍ଥିତ ବାସଭବନ ସମେତ ସଂସ୍ଥାର ଅନେକ ବରିଷ୍ଠ ଅଧିକାରୀଙ୍କ ପରିସରରେ ତଲାସି କରାଯାଇଛି। ଇଡି ଅନୁଯାୟୀ, କୋଇଲା ସ୍କାମ୍‌ରୁ ମିଳିଥିବା ପ୍ରାୟ ୧୦ କୋଟି ଟଙ୍କା ହାୱାଲା ଜରିଆରେ ଆଇ-ପିଏଲସିକୁ ପଠାଯାଇଥିଲା। ୨୦୨୨ରେ ଗୋଆ ବିଧାନସଭା ନିର୍ବାଚନ ସମୟରେ ତୃଣମୂଳ କଂଗ୍ରେସ ତରଫରୁ ଏହି ଅର୍ଥ ପ୍ରଦାନ କରାଯାଇଥିବା ସନ୍ଦେହ କରାଯାଉଛି। ପୂର୍ବରୁ ଜାନୁଆରୀ ମାସରେ କୋଲକାତା ସ୍ଥିତ ଆଇ-ପିଏସି ଅଫିସ୍‌ରେ ଚଢ଼ାଉ ବେଳେ ମମତା ବାନାର୍ଜୀ ନିଜେ ସେଠାକୁ ଯାଇଥିଲେ। ଇଡ଼ି ଅଭିଯୋଗ କରିଛି ଯେ ସେଠାରୁ ମୁଖ୍ୟମନ୍ତ୍ରୀ ମମତା କିଛି ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ଏବଂ ଇଲେକଟ୍ରୋନିକ୍ସ ଡିଭାଇସ୍ ହଟାଇ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଆଇ-ପିଏସି ସଂସ୍ଥାଟି ଆଗାମୀ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପାଇଁ ମମତାଙ୍କ ତୃଣମୂଳ କଂଗ୍ରେସର ନିର୍ବାଚନୀ ରଣନୀତି ପ୍ରସ୍ତୁତ କରୁଛି। ନିର୍ବାଚନ ପୂର୍ବରୁ କେନ୍ଦ୍ରୀୟ ଏଜେନ୍ସିର କାର୍ଯ୍ୟାନୁଷ୍ଠାନ ରାଜ୍ୟ ରାଜନୀତିରେ ହଇଚଇ ସୃଷ୍ଟି କରିଛି। ଇଡ଼ି ବର୍ତ୍ତମାନ ଏହି ମାମଲାରେ ସ୍ୱାଧୀନ ସିବିଆଇ ତଦନ୍ତ ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। କାରଣ ରାଜ୍ୟ ସରକାର ତଦନ୍ତରେ ବାଧା ସୃଷ୍ଟି କରୁଥିବା ଏଜେନ୍ସି ଦାବି କରିଛି।

## ଇଣ୍ଡୋନେସିଆରେ ୭.୪ ତୀବ୍ରତାର ଶକ୍ତିଶାଳୀ ଭୂକମ୍ପ

ଜାକର୍ତ୍ତା, ୨।୪(ଏଜେନ୍ସି): ଇଣ୍ଡୋନେସିଆରେ ଗୁରୁବାର ସକାଳେ ଉତ୍ତର ମୋଲୁକା ସାଗର ଅଞ୍ଚଳରେ ଏକ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି। ଏହି ପ୍ରାକୃତିକ ବିପର୍ଯ୍ୟୟରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଭାବେ ଆହତ ହୋଇଛନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହାର ତୀବ୍ରତା ୭.୮ ରେକର୍ଡ କରାଯାଇଥିବା ବେଳେ, ପରେ ଏହାକୁ ୭.୪କୁ ସଂଶୋଧନ କରାଯାଇଛି। ଭୂପୃଷ୍ଠରୁ ପ୍ରାୟ ୩୫ କିମି ଗଭୀରତାରେ ଏହାର କେନ୍ଦ୍ରବିନ୍ଦୁ ଥିଲା। ଭୂକମ୍ପ ପରେ ସୁନାମି ସତର୍କତା ଜାରି କରାଯାଇଥିଲା, କିନ୍ତୁ ବିପଦ ନଥିବା ଜାଣିବା ପରେ ପ୍ରାୟ ୨ ଘଣ୍ଟା ପରେ ଏହି ସତର୍କତା ପ୍ରତ୍ୟାହାର କରି ନିଆଯାଇଛି। ଉତ୍ତର ସୁଲାୱେସି ରାଜ୍ୟରେ ମାନାଡୋ ସହରରେ ଏକ ଅଟ୍ଟାଳିକା ଭୁଶୁଡିବା ଫଳରେ ଜଣେ ବ୍ୟକ୍ତି ମୃତ୍ୟୁବରଣ କରିଛନ୍ତି। ଏଥିସହ ଅନେକ ଘର ଓ କୋଠାବାଡ଼ି କ୍ଷତିଗ୍ରସ୍ତ ହୋଇଛି। ଇଣ୍ଡୋନେସିଆ ପ୍ରଶାନ୍ତ ମହାସାଗରୀୟ 'ରିଙ୍ଗ ଅଫ୍ ଫାୟାର' ଅଞ୍ଚଳରେ ଅବସ୍ଥିତ। ଏଠାରେ ଏକାଧିକ ଟେକ୍ଟୋନିକ ପ୍ଲେଟ୍ ଥିବାରୁ ଏହି ଦେଶରେ ବାରମ୍ବାର ଭୂକମ୍ପ ଏବଂ ଆଗ୍ନେୟଗିରି ଉଦ୍‌ଗୀରଣ ଭଳି ଘଟଣା ଘଟିଥାଏ। ସୂଚନାଯୋଗ୍ୟ, ୨୦୦୪ରେ ହୋଇଥିବା ଭୂକମ୍ପ ଓ ସୁନାମି ଯୋଗୁଁ ଇଣ୍ଡୋନେସିଆର ଆଚେ ପ୍ରଦେଶ ସମେତ ୧୨ଟି ଦେଶରେ ପ୍ରାୟ ୨.୩୦ ଲକ୍ଷ ଲୋକ ପ୍ରାଣ ହରାଇଥିଲେ। ସେହିପରି ୨୦୧୮ ରେ ସୁଲାୱେସି ଭୂକମ୍ପରେ ୪, ୩୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ।

# ହର୍ମୁଜ ଖୋଲିବାକୁ ତନାଘନା

## ଲଣ୍ଡନ ବୈଠକରେ ସାମିଲ ହେବେ ଭାରତ ସମେତ ୩୫ଟି ଦେଶ

ଲଣ୍ଡନ/ ପ୍ୟାରିସ୍, ୨।୪(ଏଜେନ୍ସି): ହର୍ମୁଜ ପ୍ରଣାଳୀ ଖୋଲିବା ପାଇଁ ବ୍ରିଟେନ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ବ୍ରିଟେନ ବୈଦେଶିକ ମନ୍ତ୍ରୀ ଇଭେଟ କୁପରଙ୍କ ଅଧ୍ୟକ୍ଷତାରେ ଏକ ଆଭାସୀ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଫ୍ରାନ୍ସ, ଜର୍ମାନୀ, ଇଟାଲୀ, କାନାଡ଼ା, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ସହ ୩୫ଟି ଦେଶ ଅଂଶଗ୍ରହଣ କରିବେ। ଆମେରିକା ରାଷ୍ଟ୍ରପତି ବୁଧବାର ସ୍ପଷ୍ଟ କରିଥିଲେ ଯେ ହର୍ମୁଜ ପ୍ରଣାଳୀକୁ ସୁରକ୍ଷିତ ରଖିବା ସେହି ଦେଶମାନଙ୍କର ଦାୟିତ୍ୱ ଯେଉଁମାନେ ଏହି ମାର୍ଗ ଉପରେ ନିର୍ଭର କରନ୍ତି। ତେଣୁ ଏହି ବୈଠକରେ ଆମେରିକା ଯୋଗ ଦେଉନାହିଁ। ଟ୍ରମ୍ପ ଅନ୍ୟ ଦେଶଗୁଡ଼ିକୁ ସାହାସ ଜୁଟାଇ ନିଜେ ଏହି ଜଳପଥକୁ ସୁରକ୍ଷିତ ରଖିବାକୁ କହିଛନ୍ତି। ୟୁରୋପୀୟ ଅଧିକାରୀଙ୍କ ଅନୁଯାୟୀ, ଅସ୍ତ୍ରବିରତି ପରେ ଏହି ଜଳପଥକୁ ଖୋଲିବା ପାଇଁ ଦୁଇଟି ପର୍ଯ୍ୟାୟରେ କାର୍ଯ୍ୟ କରାଯାଇପାରେ। ପ୍ରଥମ ପର୍ଯ୍ୟାୟରେ ସମୁଦ୍ର ମଧ୍ୟରେ ବିଛା ଯାଇଥିବା ମାଇନ୍ସଗୁଡ଼ିକୁ ହଟାଇ ଜଳପଥକୁ ସୁରକ୍ଷିତ କରିବା। ଦ୍ୱିତୀୟ ପର୍ଯ୍ୟାୟରେ ଏହି ମାର୍ଗ ଦେଇ ଯାଉଥିବା ତୈଳବାହୀ ଜାହାଜଗୁଡ଼ିକୁ ସାମରିକ ସୁରକ୍ଷା ପ୍ରଦାନ କରିବା। ସେପଟେ ବ୍ରିଟେନ ପ୍ରଧାନମନ୍ତ୍ରୀ କିର ଷ୍ଟାରମର କହିଛନ୍ତି ଯେ ହର୍ମୁଜ ପ୍ରଣାଳୀକୁ ପୁଣିଥରେ ଖୋଲିବା ସହଜ ହେବ ନାହିଁ। ଏଥିପାଇଁ ସାମରିକ ଶକ୍ତି ସହ ଦୃଢ଼ କୂଟନୈତିକ ପ୍ରୟାସ ଓ ସିପିଂ ଇଣ୍ଡଷ୍ଟ୍ରୀ ସହ ସମନ୍ୱୟ ରକ୍ଷା କରିବାକୁ ପଡ଼ିବ।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଆଭିମୁଖ୍ୟକୁ ନେଇ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ ଅସନ୍ତୋଷ ପ୍ରକାଶ କରିଛନ୍ତି। ହର୍ମୁଜ ପ୍ରଣାଳୀକୁ ସାମରିକ ଶକ୍ତି ବଳରେ ମୁକ୍ତ କରିବା ଏକ ଅବାସ୍ତବ କଳ୍ପନା ବୋଲି ସେ କହିଛନ୍ତି। ଦକ୍ଷିଣ କୋରିଆ ଗସ୍ତ ସମୟରେ ଗଣମାଧ୍ୟମକୁ ସୂଚନା ଦେଇ ମାକ୍ରୋନ କହିଛନ୍ତି ଯେ ବଳପୂର୍ବକ ଏହି ସାମୁଦ୍ରିକ ପଥକୁ ଖୋଲିବା ସମ୍ଭବ ନୁହେଁ। ଏହାଦ୍ୱାରା ସେହି ପଥ ଦେଇ ଯାଉଥିବା ଜାହାଜଗୁଡ଼ିକ ଇରାନର କ୍ଷେପଣାସ୍ତ୍ର ଓ ଆଇଆରଜିସିଙ୍କ ଆକ୍ରମଣର ଶିକାର ହେବାର ଭୟ ରହିଛି। ମାକ୍ରୋନଙ୍କ ଅନୁଯାୟୀ, ଇରାନ ସହ ଆଲୋଚନା ମଧ୍ୟରେ ଏହି ସମସ୍ୟାର ସମାଧାନ ହୋଇପାରିବ। ସେହିପରି ଟ୍ରମ୍ପଙ୍କ ନାଟୋ ସହଯୋଗୀଙ୍କ ପ୍ରତି ସମାଲୋଚନା ଉପରେ ମାକ୍ରୋନ କହିଛନ୍ତି ଯେ ଆମେରିକା ଓ ଇସ୍ରାଏଲ ନିଜ ନିଷ୍ପତ୍ତିରେ ଏହି ଯୁଦ୍ଧ ଆରମ୍ଭ କରିଛନ୍ତି। ଅନ୍ୟଦେଶମାନେ ସେମାନଙ୍କୁ ସାହାଯ୍ୟ କରୁନାହାନ୍ତି ବୋଲି କହିବା ଅନୁଚିତ, କାରଣ ଏହା ଫ୍ରାନ୍ସର ମିଶନ ନୁହେଁ। ଅନ୍ୟପକ୍ଷରେ କହିବାକୁ ଗଲେ ଫ୍ରାନ୍ସ ଏହି ଯୁଦ୍ଧରେ ସିଧାସଳଖ ସାମିଲ ହେବାକୁ ଚାହୁଁ ନାହିଁ ଏବଂ କୂଟନୈତିକ ସ୍ତରରେ ସମାଧାନ ସପକ୍ଷରେ ଅଛି।

ସୂଚନାଯୋଗ୍ୟ ଯେ ଆମେରିକା ଓ ଇସ୍ରାଏଲର ଆକ୍ରମଣ ପରେ ଇରାନ ହରମୁଜ ସମୁଦ୍ର ପଥକୁ ବନ୍ଦ କରିଦେଇଛି। ଭାରତ ସମେତ କିଛି ବନ୍ଧୁ ରାଷ୍ଟ୍ରଙ୍କୁ ଛାଡ଼ିଦେଲେ ଅନ୍ୟମାନଙ୍କ ପାଇଁ ଇରାନ ଏହାକୁ ବନ୍ଦ ରଖିଛି। ଫଳରେ ଏଠାରେ ବିଭିନ୍ନ ଦେଶର ୭୦୦ରୁ ଅଧିକ ତୈଳବାହୀ ଜାହାଜ ଅଟକି ରହିଛି। ଏଥିରେ ଭାରତର ୪୦ରୁ ଅଧିକ ଜାହାଜ ମଧ୍ୟ ରହିଛି। ଫଳରେ ଉପସାଗରରୁ ତୈଳ ପରିବହନ ହୋଇପାରୁ ନାହିଁ।

- ବ୍ରିଟେନ ଉଦ୍ୟମକୁ ଭାରତର ସମର୍ଥନ
- ଟ୍ରମ୍ପଙ୍କୁ ସତର୍କ କରାଇଲେ ମାକ୍ରୋନ
- ହର୍ମୁଜକୁ ବଳପୂର୍ବକ ଖୋଲିବା ଅବାସ୍ତବ
- ହର୍ମୁଜରେ ଫସିଛନ୍ତି ବିଭିନ୍ନ ଦେଶର ୭୦୦ରୁ ଅଧିକ ଜାହାଜ



## ହର୍ମୁଜରେ 'ଭାରତୀୟ ବନ୍ଧୁମାନେ ସୁରକ୍ଷିତ, ଚିନ୍ତା କରନ୍ତୁ ନାହିଁ'

ତେହରାନ, ୨।୪(ଏଜେନ୍ସି): ଇସ୍ରାଏଲ- ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା ସାମରିକ ସଂଘର୍ଷ ଯୋଗୁଁ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ପରିବହନ ମାର୍ଗ ହର୍ମୁଜ ପ୍ରଣାଳୀରେ ଅସ୍ଥିରତା ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଇରାନ ଭାରତକୁ ଆଶ୍ୱାସନା ଦେଇ କହିଛି ଯେ ଭାରତୀୟ ଜାହାଜ ଓ କର୍ମଚାରୀମାନେ ସମ୍ପୂର୍ଣ୍ଣ ସୁରକ୍ଷିତ ଅଛନ୍ତି। ଭାରତ ସ୍ଥିତ ଇରାନ ଦୂତାବାସରୁ ସୋସିଆଲ ମିଡ଼ିଆ 'ଏକ୍ସ'ରେ ଏକ ପୋଷ୍ଟ କାରାଯାଇ କୁହାଯାଇଛି ଯେ, ଆମର ଭାରତୀୟ ବନ୍ଧୁମାନେ ସୁରକ୍ଷିତ ହାତରେ ଅଛନ୍ତି, ବ୍ୟସ୍ତ ହୁଅନ୍ତୁ ନାହିଁ। ବର୍ତ୍ତମାନ ସୁଦ୍ଧା ଅତିକମ୍‌ରେ ୮ଟି ଭାରତୀୟ ଜାହାଜ ଏହି ପ୍ରଣାଳୀରୁ ସଫଳତାର ସହ ବାହାରିଛନ୍ତି। ତଥାପି ଭାରତ ପାଇଁ ଆସୁଥିବା ଏଲ୍‌ପିଜି, ଅଶୋଧିତ ତୈଳ ଓ ଏଲ୍‌ଏନ୍‌ଜି ବହନ କରୁଥିବା ପ୍ରାୟ ୧୯ଟି ଜାହାଜ ଏବେ ମଧ୍ୟ ହର୍ମୁଜ ପ୍ରଣାଳୀରେ ଅଟକି ରହିଛି। ଏଥିମଧ୍ୟରୁ ୧୦ଟି ବିଦେଶୀ ଓ ବାକିସବୁ ଭାରତୀୟ ପତାକାଧାରୀ ଜାହାଜ। ଇରାନ କହିଛି ଯେ, ଭାରତ, ଚୀନ୍, ରୁଷିଆ, ଇରାକ ଓ ପାକିସ୍ତାନ ଭଳି ବନ୍ଧୁ ରାଷ୍ଟ୍ରଗୁଡ଼ିକର ଜାହାଜକୁ ଯାତାୟତ ପାଇଁ ଅନୁମତି ଦିଆଯାଇଛି। ଉଲ୍ଲେଖଥାଉ କି, ହର୍ମୁଜ ପ୍ରଣାଳୀ ଅବରୋଧ ହେବା ଫଳରେ ଭାରତରେ ଶକ୍ତି ଯୋଗାଣରେ ବାଧା ସୃଷ୍ଟି ହୋଇଛି। ଇରାନ ସୁରକ୍ଷାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଅନେକ ଜାହାଜ ଅଟକି ରହିଥିବାରୁ ଭାରତ ସରକାର ସ୍ଥିତି ଉପରେ ତୀକ୍ଷଣ ନଜର ରଖିଛନ୍ତି।

## ଆମେରିକା ଓ ଇରାନ ମଧ୍ୟରେ ଗୁପ୍ତ ଆଲୋଚନା!

ୱାସିଂଟନ, ୨।୪(ଏଜେନ୍ସି): ଜଣାଶୁଣା ଆମେରିକୀୟ ନ୍ୟୁଜ୍ ଓ ମିଡିଆ କମ୍ପାନୀ ଆକ୍ସିଅସ୍ ଏକ ଗୁରୁତ୍ୱପୂର୍ଣ୍ଣ ରିପୋର୍ଟ ପ୍ରକାଶ କରିଛି। ଏହି ରିପୋର୍ଟ ଅନୁଯାୟୀ, ଆମେରିକା ଓ ଇରାନ ମଧ୍ୟରେ ଏକ ସମ୍ଭାବ୍ୟ ଚୁକ୍ତି ପାଇଁ ଆଲୋଚନା ଚାଲିଛି। ଇରାନ ପୁଣି ଥରେ ହର୍ମୁଜ ପ୍ରଣାଳୀ ଖୋଲିବା ବଦଳରେ ଆମେରିକା ଯୁଦ୍ଧ ବିରତି ବା ଅସ୍ତ୍ରବିରତି ଘୋଷଣା କରିପାରେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ 'ଟ୍ରୁଥ ସୋସିଆଲ୍' ପୋଷ୍ଟରେ ସ୍ପଷ୍ଟ କରିଛନ୍ତି ଯେ, ଯେପର୍ଯ୍ୟନ୍ତ ହର୍ମୁଜ ପ୍ରଣାଳୀ ସମ୍ପୂର୍ଣ୍ଣ ଭାବେ ଖୋଲା ଏବଂ ସୁରକ୍ଷିତ ହୋଇନାହିଁ, ସେ ପର୍ଯ୍ୟନ୍ତ ଅସ୍ତ୍ରବିରତି ହେବ ନାହିଁ। ସେ ଚେତାବନୀ ଦେଇ କହିଛନ୍ତି ଯେ ଏହା ନହେଲେ ଇରାନକୁ ପାଷାଣ ଯୁଗକୁ ପଠାଇ ଦେବେ। ଟ୍ରମ୍ପ ବୁଧବାର ସାଉଦି ପ୍ରିନ୍ସ ମହମ୍ମଦ ବିନ ସଲମାନ (ଏମ୍‌ବିଏସ୍)ଙ୍କ ସହ ଆଲୋଚନା କରିଛନ୍ତି। ଚୀନ ଓ ପାକିସ୍ତାନ ମଧ୍ୟ ଅସ୍ତ୍ରବିରତିର ପ୍ରସ୍ତାବ ଆଣିଛନ୍ତି, ଯେଉଁଥିରେ ଅସ୍ତ୍ରବିରତି ଏବଂ ହର୍ମୁଜ ପ୍ରଣାଳୀ ଖୋଲିବା ବିଷୟରେ ଉଲ୍ଲେଖ ଅଛି। ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସ ମଧ୍ୟ ବିଭିନ୍ନ ମଧ୍ୟସ୍ଥିଙ୍କ ସହ କଥାବାର୍ତ୍ତା ହେଉଛନ୍ତି। ସେ ଇରାନକୁ ବାର୍ତ୍ତା ଦେଇଛନ୍ତି ଯେ ଟ୍ରମ୍ପ ଏବେ ଧୈର୍ଯ୍ୟ ହରାଉଛନ୍ତି ଏବଂ ଯଦି ଶୀଘ୍ର ଚୁକ୍ତି ନ ହୁଏ, ତେବେ ଇରାନର ଭିତ୍ତିଭୂମି ଉପରେ ଆକ୍ରମଣ ବୃଦ୍ଧି ପାଇବ। ଅପରପକ୍ଷରେ ଆମେରକା ସହ କୌଣସି କୂଟନୈତିକ ସଫଳତାର ସମ୍ଭାବନାକୁ ପ୍ରତ୍ୟାଖ୍ୟାନ କରିଛନ୍ତି।

# ୫୦ ବର୍ଷ ପରେ ପୁଣି ଚନ୍ଦ୍ର ଅଭିମୁଖେ ମଣିଷ

ଫ୍ଲୋରିଡ଼ା, ୨।୪(ଏଜେନ୍ସି): ଆମେରିକୀୟ ମହାକାଶ ସଂସ୍ଥା ନାସା ଗୁରୁବାର ଅର୍ଥାତ ଏପ୍ରିଲ ୨ ତାରିଖ ସକାଳ ୪.୦୫ ମିନିଟ୍‌ରେ ଫ୍ଲୋରିଡ଼ାସ୍ଥିତ କେନେଡ଼ି ସ୍ପେସ୍ ସେଣ୍ଟରରୁ 'ଆର୍ଟେମିସ-୨' ମିଶନର ସଫଳ ଉତ୍କ୍ଷେପଣ କରିଛି। ୧୯୭୨ ପରେ ପ୍ରଥମ ଥର ପାଇଁ ମଣିଷ ପୃଥିବୀର ନିମ୍ନ କକ୍ଷ (ଏଲ୍‌ଇଓ) ଅତିକ୍ରମ କରି ଚନ୍ଦ୍ର ନିକଟକୁ ଯାତ୍ରା କରିଛି। ଏହି ମିଶନରେ ୪ ଜଣିଆ କ୍ରୁ ଅର୍ଥାତ ମହକାଶଚାରୀ ଅଛନ୍ତି। ସ୍ପେସ ଲଞ୍ଚ୍ ସିଷ୍ଟମ (ଏସ୍‌ଏଲ୍‌ଏସ୍) ରକେଟ ସାହାଯ୍ୟରେ ୪ ଜଣ ମହକାଶଚାରୀଙ୍କୁ ନେଇ 'ଓରିଅନ' ମହାକାଶଯାନ ଚନ୍ଦ୍ର ଅଭିମୁଖେ ଯାତ୍ରା କରିଛି। ଏହି ମହାକାଶଚାରୀମାନେ ହେଲେ, ମିଶନ କମାଣ୍ଡର ରିଡ୍ ୱାଇଜମ୍ୟାନ, ମିଶନ ସ୍ପେଶାଲିଷ୍ଟ ଖ୍ରୀଷ୍ଟିନା କୋଚ୍, ପାଇଲଟ ଭିକ୍ଟର ଗ୍ଲୋଭର ଓ ମିଶନ ସ୍ପେଶାଲିଷ୍ଟ କାନାଡ଼ାର ଜେରେମି ହାନସେନ। ଗ୍ଲୋଭର ହେଉଛନ୍ତି ଚନ୍ଦ୍ର ନିକଟରେ ପହଞ୍ଚିବା ପ୍ରଥମ କୃଷ୍ଣକାୟ ବ୍ୟକ୍ତି। ସେହିପରି ହାନସେନ୍ ଚନ୍ଦ୍ର ନିକଟକୁ ଯାଉଥିବା ପ୍ରଥମ ଅଣ ଆମେରିକୀୟ। ଏହା ଏକ ୧୦ ଦିନିଆ ମିଶନ। ମହାକାଶଚାରୀମାନେ ଚନ୍ଦ୍ର ଚାରିପଟେ ବୁଲି ପୃଥିବୀକୁ ପୁଣି ଫେରିବେ, କିନ୍ତୁ ଏଥର ସେମାନେ ଚନ୍ଦ୍ରପୃଷ୍ଠରେ ଓହ୍ଲାଇବେ ନାହିଁ। ମହାକାଶରେ ରହିବା ପାଇଁ 'ଲାଇଫ୍ ସପୋର୍ଟ ସିଷ୍ଟମ' କେତେ ସୁରକ୍ଷିତ, ତାହା ପରୀକ୍ଷା କରିବା ଏହି ମିଶନର ମୁଖ୍ୟ ଲକ୍ଷ୍ୟ ବୋଲି କୁହାଯାଇଛି। ଓରିଅନର ଉତ୍କ୍ଷେପଣ ଠିକ୍ ଏକ ଘଣ୍ଟା ପୂର୍ବରୁ 'ଲଞ୍ଚ୍ ଅର୍ବିଟ ସିଷ୍ଟମ'ରେ ସମସ୍ୟା ଦେଖାଦେଇଥିଲା ଓ ଏହାକୁ ଇଞ୍ଜିନିୟରମାନେ ତୁରନ୍ତ ଠିକ୍ କରିଥିଲେ। ପାଇଲଟ ଭିକ୍ଟର ଗ୍ଲୋଭର ପ୍ରଥମଥର ପାଇଁ ଓରିଅନ କ୍ୟାପସୁଲକୁ ମାନୁଆଲ କଣ୍ଟ୍ରୋଲ ବା ହାତରେ ଚଳାଇ ଇତିହାସ ରଚିଛନ୍ତି। ଯାତ୍ରା ଆରମ୍ଭ କରିବାର କିଛି ସମୟ ପରେ ଯୋଗଯୋଗ ବିଚ୍ଛିନ୍ନ ହୋଇଥିଲା। କିନ୍ତୁ ବର୍ତ୍ତମାନ ସବୁ ଠିକ୍ ଭାବେ କାର୍ଯ୍ୟ କରୁଛି। ଏହି ଓରିଅନ ମହାକାଶଯାନ ପୁରୁଣା ଆପୋଲୋ ଯାନ ତୁଳନାରେ ଅଧିକ ଆଧୁନିକ ଓ ଆରାମଦାୟକ। ଏଥିରେ ମହାକାଶଚାରୀଙ୍କ ରହିବା ପାଇଁ ୫୦ ପ୍ରତିଶତରୁ ଅଧିକ ସ୍ଥାନ ରହିଛି। ଶରୀର ବର୍ଜ୍ୟବସ୍ତୁ ସଫା କରିବା ପାଇଁ ଏଥିରେ ଏକ ସ୍ୱତନ୍ତ୍ର ସକ୍ସନ ବିଶିଷ୍ଟ ମୂଲ୍ୟବାନ ଟଏଲେଟ ଲଗାଯାଇଛି। ଏହାର ମେମୋରୀ ଓ ଡାଟା ପ୍ରକ୍ରିୟାକରଣ କ୍ଷମତା ତୁଳନାରେ ହଜାର ହଜାର ଗୁଣ ଅଧିକ। ଏହି ମିଶନ ସଫଳ ହେଲେ, ନାସା ଆର୍ଟେମିସ୍-୩ ଜରିଆର ୨୦୨୮ ସୁଦ୍ଧା ମଣିଷକୁ ଚନ୍ଦ୍ର ପୃଷ୍ଠରେ ଓହ୍ଲାଇବା ପାଇଁ ଯୋଜନା କରୁଛି। ଆପୋଲୋ ମିଶନର ଲକ୍ଷ୍ୟ କେବଳ ଚନ୍ଦ୍ରରେ ପହଞ୍ଚିବା ଥିବାବେଳେ, ଆର୍ଟେମିସର ଲକ୍ଷ୍ୟ ହେଉଛି ଚନ୍ଦ୍ରରେ ଏକ ସ୍ଥାୟୀ ବେସ୍ କ୍ୟାମ୍ପ ପ୍ରତିଷ୍ଠା କରିବା, ଯାହା ଭବିଷ୍ୟତରେ ମଙ୍ଗଳଗ୍ରହ ଯାତ୍ରା ପାଇଁ ସହାୟକ ହେବ।



**ନାସାର 'ଆର୍ଟେମିସ-୨' ମିସନର ସଫଳ ଉତ୍କ୍ଷେପଣ**

## ୧୬୭.୨ କୋଟିରେ ବିକ୍ରି ହେଲା ରାଜା ରବି ବର୍ମାଙ୍କ 'ଯଶୋଦା ଏବଂ କୃଷ୍ଣ' ପେଣ୍ଟିଂ



ନୂଆଦିଲ୍ଲୀ, ୨।୪(ଏଜେନ୍ସି): ଭାରତର ପ୍ରଖ୍ୟାତ ଚିତ୍ରଶିଳ୍ପୀ ରାଜା ରବି ବର୍ମାଙ୍କ ଦ୍ୱାରା ଅଙ୍କିତ ତୈଳ ଚିତ୍ର 'ଯଶୋଦା ଏବଂ କୃଷ୍ଣ' ଭାରତୀୟ କଳା ଜଗତରେ ନୂଆ ଇତିହାସ ସୃଷ୍ଟି କରିଛି। ମୁମ୍ବାଇରେ ଅନୁଷ୍ଠିତ ସାପ୍ରନ ଆର୍ଟ ନିଲାମରେ ଏହା ୧୬୭.୨ କୋଟି ଟଙ୍କାରେ ବିକ୍ରି ହୋଇଛି। ସିରମ ଇନଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆର ପ୍ରତିଷ୍ଠାତା ତଥା କୋଟିପତି ଶିଳ୍ପପତି ସାଇରାସ ପୁନାୱାଲା ଏକ କଡ଼ା ପ୍ରତିଦ୍ୱନ୍ଦ୍ୱୀତା ପରେ ଏହି ମୂଲ୍ୟବାନ ଚିତ୍ରଟିକୁ କିଣିଛନ୍ତି। ଏହା ଭାରତର ସବୁଠାରୁ ଦାମୀ ନିଲାମ ହୋଇଥିବା କଳାକୃତି ପାଲଟିଛି। ଏହାପୂର୍ବରୁ ଏମ୍‌ଏଫ୍ ହୁସେନଙ୍କ 'ଗ୍ରାମ ଯାତ୍ରା' (୧୧୮ କୋଟି) ନାମରେ ଏହି ରେକର୍ଡ ଥିଲା। ୧୮୯୦ ଦଶକରେ ଅଙ୍କିତ ଏହି ଚିତ୍ରରେ ମାତା ଯଶୋଧା ଗାଇ ଦୁହୁଁଥିବା ବେଳେ ଶିଶୁ କୃଷ୍ଣ କ୍ଷୀର ପାଇଁ ପଛରୁ ହାତ ବଢ଼ାଉଥିବାର ଏକ ଅତି ସୁନ୍ଦର ଦୃଶ୍ୟ ରହିଛି। ୧୮୪୮ ରେ ଜନ୍ମିତ ରାଜା ରବି ବର୍ମାଙ୍କୁ ଆଧୁନିକ ଭାରତୀୟ କଳାର ଜନକ ବୋଲି କୁହାଯାଇଥାଏ। ସେ ୟୁରୋପୀୟ ଶୈଳୀ ଏବଂ ଭାରତୀୟ ପୌରାଣିକ କଥାବସ୍ତୁକୁ ମିଶାଇ ଚିତ୍ରାଙ୍କନ କରିବାରେ ପ୍ରଥମ ଭାରତୀୟ ଶିଳ୍ପୀ ଥିଲେ। ସେ ଲିଥୋଗ୍ରାଫିକ ପ୍ରେସ୍ ସ୍ଥାପନ କରି ନିଜର ଚିତ୍ରଗୁଡ଼ିକୁ ସାଧାରଣ ଲୋକଙ୍କ ଘର ପର୍ଯ୍ୟନ୍ତ ପହଞ୍ଚାଇ ପାରିଥିଲେ। ଏହି ପେଣ୍ଟିଂ କ୍ରୟ କରିବା ପରେ ପୁନାୱାଲା ନିଜର ପ୍ରତିକ୍ରିୟାରେ କହିଛନ୍ତି ଯେ ଏହା ଏକ ଜାତୀୟ ସମ୍ପତ୍ତି ଏବଂ ସମୟ ସମୟରେ ଏହାକୁ ସାଧାରଣ ଜନତାଙ୍କ ଦର୍ଶନ ପାଇଁ ଉପଲବ୍ଧ କରାଇବାକୁ ସେ ଚେଷ୍ଟା କରିବେ ବୋଲି କହିଛନ୍ତି।

# ଏଭରେଷ୍ଟରେ ମଧ୍ୟ ଚାଲିଛି ବୀମା ଷଡ଼ଯନ୍ତ୍ର

କାଠମାଣ୍ଡୁ, ୨।୪(ଏଜେନ୍ସି): ବିଶ୍ୱର ସର୍ବୋଚ୍ଚ ଶୃଙ୍ଗ ମାଉଣ୍ଟ ଏଭରେଷ୍ଟର ଶେରପା ଏବଂ କିଛି ଟ୍ରେକିଂ ଏଜେନ୍ସି ମିଶି ପର୍ଯ୍ୟଟକମାନଙ୍କୁ ପାନୀୟ ଓ ଖାଦ୍ୟରେ ବିଷ (ବେକିଂ ସୋଡ଼ା) ଦେଇ ଅସୁସ୍ଥ କରିବା ଏବଂ ପରେ ସେମାନଙ୍କ ନାମରେ ନକଲି ହେଲିକପ୍ଟର ରେସକ୍ୟୁ ଦେଖାଇ କୋଟି କୋଟି ଟଙ୍କାର ବୀମା ଠକେଇ କରିଥିବାର ଅଭିଯୋଗ ହୋଇଛି। ଶେରପାମାନେ ପର୍ଯ୍ୟଟକମାନଙ୍କ ଖାଦ୍ୟରେ ବେକିଂ ସୋଡ଼ା ମିଶାଉଥିଲେ। ଏହାଦ୍ୱାରା ପର୍ଯ୍ୟଟକଙ୍କୁ ପେଟ ଯନ୍ତ୍ରଣା ଓ ବାନ୍ତି ଭଳି ସମସ୍ୟା ହେଉଥିଲା, ଯାହା ଅଧିକ ଉଚ୍ଚତାରେ ହେଉଥିବା ଅଲଟିଚ୍ୟୁଡ୍ ସିକନେସ ଭଳି ମନେ ହେଉଥିଲା। ପର୍ଯ୍ୟଟକ ଅସୁସ୍ଥ ହେବା ମାତ୍ରେ ସେମାନଙ୍କୁ ଜବରଦସ୍ତି ହେଲିକପ୍ଟର ଯୋଗେ ଉଦ୍ଧାର କରିବା ପାଇଁ ବାଧ କରାଯାଉଥିଲା। ଏହାପରେ ମିଥ୍ୟା ମେଡିକାଲ ବିଲ୍ ଏବଂ ଫ୍ଲାଇଟ୍ ଡକ୍ୟୁମେଣ୍ଟ ପ୍ରସ୍ତୁତ କରି ଅନ୍ତର୍ଜାତୀୟ ବୀମା କମ୍ପାନୀଗୁଡ଼ିକରୁ କୋଟି କୋଟି ଟଙ୍କା ହଡପ କରାଯାଉଥିଲା। କାଠମାଣ୍ଡୁ ପୋଷ୍ଟର ରିପୋର୍ଟ ଅନୁଯାୟୀ, ଏହି ସ୍କାମ୍ ମାଧ୍ୟମରେ ପ୍ରାୟ ୨୦ ମିଲିୟନ ଡଲାର ଅର୍ଥାତ ୧୬୭ କୋଟି ଟଙ୍କାର ଠକେଇ କରାଯାଇଛି। ନେପାଳ ପୁଲିସ ଏହି ମାମଲାରେ ଟ୍ରେକିଂ କମ୍ପାନୀ ମାଲିକ, ହେଲିକପ୍ଟର ଅପରେଟର ଏବଂ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସମେତ ୩୨ ଜଣଙ୍କ ବିରୋଧରେ ସଂଗଠିତ ଅପରାଧ ଓ ଜାଲିଆତି ମାମଲା ରୁଜୁ କରିଛି। ଗୋଟିଏ କମ୍ପାନୀ ୧, ୨୪୮ ରେସକ୍ୟୁ ମଧ୍ୟରୁ ୧୭୧ଟି ନକଲି ଦେଖାଇ ୧୦ ମିଲିୟନ ଡଲାର ହଡପ କରିଥିଲା। ଅନ୍ୟଏକ କମ୍ପାନୀ ୪୭୧ଟି ମଧ୍ୟରୁ ୭୫ଟି ନକଲି ମାମଲା ଦେଖାଇ ୮ ମିଲିୟନ ଡଲାର ଠକେଇ କରିଛି। ଏହି ବଡ଼ ଧରଣର ଠକେଇ ପରେ ଅନେକ ଅନ୍ତର୍ଜାତୀୟ ବୀମା କମ୍ପାନୀ ନେପାଳ ଯାଉଥିବା ପର୍ଯ୍ୟଟକଙ୍କୁ ବୀମା ସୁବିଧା ଦେବା ବନ୍ଦ କରିଦେଇଛନ୍ତି। ୨୦୧୮ରେ ନେପାଳ ସରକାର ଉଦ୍ଧାର କାର୍ଯ୍ୟରୁ ମଧ୍ୟସ୍ଥିଙ୍କୁ ହଟାଇଥିଲେ ମଧ୍ୟ କଠୋର ଦଣ୍ଡାଦେଶ ଅଭାବରୁ ଏହି ଅପରାଧ ଜାରି ରହିଛି ବୋଲି ସ୍ପେଶାଲାଇଜଡ କ୍ରାଇମ୍ ୟୁନିଟ ମୁଖ୍ୟ ମନୋଜ କୁମାର କେସି କହିଛନ୍ତି। ଏବେ ଏହା ନେପାଳ ପର୍ଯ୍ୟଟନ ଶିଳ୍ପରେ କଳଙ୍କ ସଦୃଶ ହୋଇଛି। ପୁଲିସ ବର୍ତ୍ତମାନ ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ଏବଂ ସେମାନଙ୍କଠାରୁ ପ୍ରାୟ ୧୧.୩ ମିଲିୟନ ଡଲାରର ଜରିମାନା ଆଦାୟ କରିବା ପାଇଁ ଦାବି କରିଛି।

- ପର୍ଯ୍ୟଟକଙ୍କୁ ବିଷ ଦେଇ ଉଦ୍ଧାର ଜାଲିଆତି
- ୩୦ ହଜାର ଫୁଟ୍ ଉପରେ ୨ କୋଟି ଡଲାରର ବୀମା ଠକେଇ





ମହାପ୍ରଭୁଙ୍କ ଚାପ ଖେଳ ପାଇଁ ନରେନ୍ଦ୍ର ପୁଷ୍କରିଣୀରୁ ଡଙ୍ଗା ବାହାର କରାଯାଉଛି

# ଆରମ୍ଭ ହେଲା ଯୁକ୍ତ ୨ ଖାତା ଦେଖା

ଭୁବନେଶ୍ୱର, ୨।୪(ସମିସ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ପରିଚାଳିତ ଯୁକ୍ତ ୨ ପରୀକ୍ଷା ଶେଷ ହେବା ପରେ ଆଜିଠାରୁ ପରୀକ୍ଷା ଖାତାଦେଖା ଆରମ୍ଭ ହୋଇଛି। ମୋଟ୍ ଦୁଇଟି ପର୍ଯ୍ୟାୟରେ ଖାତାଦେଖା ହେବ। ଉଭୟ ପର୍ଯ୍ୟାୟରେ ଅନ୍‌ଲାଇନ୍

■ ୨ ପର୍ଯ୍ୟାୟରେ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ରେ ମୂଲ୍ୟାୟନ
■ ୧୫୧ କେନ୍ଦ୍ରରେ ଖାତା ଦେଖୁଛନ୍ତି ୮୨୫୮ ପରୀକ୍ଷକ

ଖାତାଦେଖା ପାଇଁ ୭୫ଟି ଏବଂ ଅଫ୍‌ଲାଇନ୍ ଖାତାଦେଖା ପାଇଁ ୭୬ଟି ଲେଖାଏଁ ମୂଲ୍ୟାୟନ କେନ୍ଦ୍ର କରାଯାଇଛି।

ପ୍ରଥମ ପର୍ଯ୍ୟାୟରେ ଆଜିଠାରୁ ଆସନ୍ତା ୧୩ତାରିଖ ପର୍ଯ୍ୟନ୍ତ ଖାତା ଦେଖା ହେବ। ଅନ୍‌ଲାଇନ୍ ମୂଲ୍ୟାୟନ ପାଇଁ ୭୫ଟି କେନ୍ଦ୍ରରେ ୩୫୭୪ ପରୀକ୍ଷକ ନିୟୋଜିତ ହୋଇଛନ୍ତି। ସେହିପରି, ୭୬ଟି କେନ୍ଦ୍ରରେ ଅଫ୍‌ଲାଇନ୍‌ରେ ଖାତାଦେଖା ପାଇଁ ୪୬୮୪ଜଣ ଅଧ୍ୟାପକ ଅଧ୍ୟାପିକା ନିଯୁକ୍ତ ହୋଇଛନ୍ତି। ପ୍ରଥମ ପର୍ଯ୍ୟାୟ ଖାତାଦେଖା ସରିବା ପରେ ଏପ୍ରିଲ ୧୫ରୁ ଦ୍ୱିତୀୟ ପର୍ଯ୍ୟାୟ ଖାତାଦେଖା ଆରମ୍ଭ ହେବ। ଏପ୍ରିଲ୍ ୨୬ ତାରିଖ ସୁଦ୍ଧା ଉଭୟ ଅନଲାଇନ୍ ଓ ଅଫ୍‌ଲାଇନ୍‌ରେ ମୂଲ୍ୟାୟନ ପ୍ରକ୍ରିୟା ସରିବ। ନିର୍ଦ୍ଧାରିତ ସମୟରେ ମୂଲ୍ୟାୟନ ପ୍ରକ୍ରିୟା ସାରିବାକୁ ପରିଷଦ ପକ୍ଷରୁ ଗୁରୁତ୍ୱାରୋପ କରାଯାଉଛି।

ମାସେ ମଧ୍ୟରେ ମୂଲ୍ୟାୟନ ସରିବା ପରେ ଟାବୁଲେସନ୍ ଓ ଅନ୍ୟାନ୍ୟ ପ୍ରକ୍ରିୟା ସାରି ମେ' ଦ୍ୱିତୀୟ ସପ୍ତାହରେ ପରୀକ୍ଷାଫଳ ପ୍ରକାଶ କରିବାକୁ ପରିଷଦ ଲକ୍ଷ୍ୟ ରଖିଛି। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ମୂଲ୍ୟାୟନ କେନ୍ଦ୍ରରେ ପାନୀୟ ଜଳଠାରୁ ଆରମ୍ଭ କରି ସମସ୍ତ ପ୍ରକାର ସୁବିଧା କରାଯାଇଥିବା ସିଏଚ୍ଏସ୍ଇ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଚଳିତବର୍ଷ ସମୁଦାୟ ୪ଲକ୍ଷ ୧ହଜାର ୬୨୩ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବା ପାଇଁ ଫର୍ମପୂରଣ କରିଥିବା ବେଳେ ୩ ଲକ୍ଷ ୯୬ ହଜାର ୫୯୨ ଜଣ ପରୀକ୍ଷା ଦେଇଛନ୍ତି।

## ଖାନୁଆ ପଞ୍ଚାୟତ ସରପଞ୍ଚ ଉପନିର୍ବାଚନ

# ବିଜେଡି ସମର୍ଥିତ ପ୍ରାର୍ଥୀ ସୁରେନ୍ଦ୍ର ସିଂ ବିଜୟୀ

ବଡ଼ସାହି, ୨।୪(ସମିସ): ମାର୍ଚ୍ଚ ୩୧ରେ ଅନୁଷ୍ଠିତ ବଡ଼ସାହି ବ୍ଲକ୍ ଅଧୀନ ଖାନୁଆ ପଞ୍ଚାୟତ ସରପଞ୍ଚ ଉପନିର୍ବାଚନରେ ବିଜେଡି ସମର୍ଥିତ ପ୍ରାର୍ଥୀ ସୁରେନ୍ଦ୍ର ସିଂ ବାଜି ମାରିଛନ୍ତି। ୧୮୦ ଖଣ୍ଡ ଭୋଟ୍ ବ୍ୟବଧାନରେ ସେ ବିଜୟୀ ହୋଇଛନ୍ତି। ସେ ୬୫୩ ଭୋଟ୍ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପି ସମର୍ଥିତ ପ୍ରାର୍ଥୀ ଗୋପୀନାଥ ବେଶ୍ରା ୪୭୩ ଭୋଟ୍ ପାଇ ପରାଜିତ ହୋଇଛନ୍ତି। ଏହି ଫଳାଫଳକୁ ନେଇ ବିଜେଡି ଶିବିରରେ ଉତ୍ସାହ ଦେଖାଦେଇଛି। ବିଶେଷକରି ଏହାକୁ ନେଇ ସାଧାରଣଲୋକ ଓ କର୍ମୀମହଲରେ ଭିନ୍ନ ଚର୍ଚ୍ଚା ଆରମ୍ଭ ହୋଇଛି। ବହୁ ଚେଷ୍ଟା କରି ମଧ୍ୟ ଶାସକ ଦଳ ଏଠାରେ ଧରାଶାୟୀ ହୋଇଛି। ଅପରପକ୍ଷେ, ଏହି ଉପନିର୍ବାଚନର କାର୍ଯ୍ୟକାଳ ମାତ୍ର ୮ ମାସ ପାଖାପାଖି ଥିବା ବେଳେ ଯଥା ସମ୍ଭବ ଓ ଯାହା ସମ୍ଭବ ସେ ଲୋକଙ୍କ ପାଇଁ କାମ କରିବେ ବୋଲି ନିଜ ପ୍ରତିକ୍ରିୟାରେ ସୁରେନ୍ଦ୍ର କହିଛନ୍ତି।

ସୂଚନାଯୋଗ୍ୟ, ପାଖାପାଖି ଦେଢ଼ବର୍ଷ ତଳେ ପୂର୍ବତନ ସରପଞ୍ଚ ଜିତେନ୍ଦ୍ର ସିଂଙ୍କ ଅକାଳ ବିୟୋଗ ହୋଇଥିଲା। ସେବେଠାରୁ ଏହି ସରପଞ୍ଚ ପଦ ଫାଙ୍କା ପଡ଼ିଥିଲା। ନାଏବ ସରପଞ୍ଚ ଦାୟିତ୍ୱରେ ରହି କାମଚଳା ସରପଞ୍ଚ ଭାବେ କାର୍ଯ୍ୟ ତୁଲାଉଥିଲେ। ମାତ୍ର ଏହି ପଦବୀ ନିମନ୍ତେ



ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଗତ ମାର୍ଚ୍ଚ ୫, ୬ ଓ ୭ ତାରିଖରେ ନାମାଙ୍କନପତ୍ର ଦାଖଲ ପାଇଁ ସମୟସୀମା ଧାର୍ଯ୍ୟ ହୋଇଥିଲା। ଏହି ସମୟ ସୀମା ମଧ୍ୟରେ କରୁଣାକର ସିଂ, ଗୋପୀନାଥ ବେଶ୍ରା, ସୁନିମଣୀ ସିଂ, ସୁରେନ୍ଦ୍ର ସିଂ ଓ ଦଳଗୋବିନ୍ଦ ବେହେରା ନାମାଙ୍କନ ଦାଖଲ କରିଥିଲେ। ମାତ୍ର ୮ ତାରିଖ ଯାଞ୍ଚରେ ଦଳଗୋବିନ୍ଦ କଟି ଯାଇଥିବା ବେଳେ ୯ ତାରିଖ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକାରେ ଅନ୍ୟ ୪ ଜଣଙ୍କ ନାମ ସ୍ଥାନିତ ହୋଇଥିଲା। ୧୨ୱାର୍ଡ ବିଶିଷ୍ଟ ଏହି ପଞ୍ଚାୟତରେ ଭୋଟର୍ ସଂଖ୍ୟା ୩୧୦୯ ହୋଇଥିବା ବେଳେ ୧୭୫୫ ପୋଲିଂ ହୋଇଥିଲା। ସେଥିରୁ ୫୫ଖଣ୍ଡ ଭୋଟ୍ ନାକଚ ହୋଇଥିବା ଜଣାଯାଇଛି।

# ପ୍ରଥମ ଦିନରେ ୧୭ ହଜାର ସ୍ୱଗଣନା

ଭୁବନେଶ୍ୱର,୨।୪(ସମିସ): ବୁଧବାରଠାରୁ ରାଜ୍ୟରେ ଜନ ଗଣନା ଆରମ୍ଭ ହୋଇଥିବା ବେଳେ ପ୍ରଥମ ଦିନରେ ୧୭ ହଜାର ଲୋକ ନିଜର ସ୍ୱ-ଗଣନା କରିଛନ୍ତି। ଡିଜିଟାଲ ପ୍ରକ୍ରିୟାରେ ଲୋକେ ଜନ ଗଣନା କରିଥିବା ନେଇ ରାଜ୍ୟ ଜନ ଗଣନା ନିର୍ଦ୍ଦେଶକ ନିଖିଲ ପବନ କଲ୍ୟାଣ ସୂଚନା ଦେଇଛନ୍ତି।

ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ବୁଧବାର ସ୍ୱ-ଗଣନାରେ ସାମିଲ ହୋଇ ନିଜର ତଥ୍ୟ ପ୍ରଦାନ କରିଥିବା ବେଳେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ଓ ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ମଧ୍ୟ ସ୍ୱ-ଗଣନାରେ ନିଜ ତଥ୍ୟ ପ୍ରଦାନ କରିଛନ୍ତି। ଏହାସହ ଜନଗଣନା କିପରି ଚାଲିଛି ସେନେଇ ବୈଠକ ଡାକି ଆଲୋଚନା କରିଛନ୍ତି ମୁଖ୍ୟ ଶାସନ ସଚିବ। ଜନଗଣନା ସମନ୍ୱୟ କମିଟିର ଦ୍ୱିତୀୟ ବୈଠକରେ ସମସ୍ତ ଜିଲ୍ଲାର ଜିଲ୍ଲାପାଳ, ବିଭିନ୍ନ ବିଭାଗର ସଚିବ ଓ ଉନ୍ନୟନ କମିଶନରଙ୍କ ସମେତ ବରିଷ୍ଠ ଅଧିକାରୀମାନେ ସାମିଲ ହୋଇଥିଲେ। ଏହି ଅବସରରେ ସ୍ୱଗଣନା ପ୍ରକ୍ରିୟାରେ ଅଧିକରୁ ଅଧିକ ସାମିଲ ହେବା ପାଇଁ ମୁଖ୍ୟ ଶାସନ ସଚିବ ଓ ଜନ ଗଣନା ନିର୍ଦ୍ଦେଶକ ସାଧାରଣ ଲୋକଙ୍କୁ ଅପିଲ କରିଛନ୍ତି। ସୂଚନାଯୋଗ୍ୟ ଯେ ଜଣ ଗଣନାର ପ୍ରଥମ ପର୍ଯ୍ୟାୟରେ ନୂତନ ବ୍ୟବସ୍ଥା ଭାବେ ସେଲ୍ଫ-ଏନ୍ୟୁମେରେସନ୍ ବ୍ୟବସ୍ଥା ଆରମ୍ଭ କରାଯାଇଛି । ଏହା ଅନୁସାରେ ଏପ୍ରିଲ୍ ୧ ଠାରୁ ୧୫ ପର୍ଯ୍ୟନ୍ତ ଲୋକମାନେ ନିଜେ ଅନଲାଇନ୍ ମାଧ୍ୟମରେ ତାଙ୍କର ପରିବାର ଓ ଘର ସମ୍ପର୍କିତ ସମସ୍ତ ତଥ୍ୟ ଭରିପାରିବେ। ଏହା ପରେ ଏପ୍ରିଲ୍ ୧୬ ଠାରୁ ମେ ୧୫ ପର୍ଯ୍ୟନ୍ତ ଓଡ଼ିଶାର ସମସ୍ତ ଜିଲ୍ଲାରେ ଘରେ ଘରେ ଯାଇ ସରକାରୀ କର୍ମଚାରୀମାନେ ସର୍ଭେ କାମ କରିବେ।

# ହିତାଧିକାରୀ କୋଟିଏ, ପିଏନ୍‌ଜି ସଂଯୋଗ ୩%

## ୩ ମାସରେ କିପରି ହେବ ବଡ଼ ସହରରେ ପିଏନ୍‌ଜି ଯୋଗାଣ?

ଭୁବନେଶ୍ୱର,୨।୪(ସମିସ): ରାଜ୍ୟର ସହରାଞ୍ଚଳରେ ଏଲ୍‌ପିଜି ବଦଳରେ ଏବେ ପାଇପଡ୍ ନ୍ୟାଚୁରାଲ ଗ୍ୟାସ (ପିଏନ୍‌ଜି) ଯୋଗାଇ ଦିଆଯିବ। ୩ ମାସରେ ରାଜ୍ୟର ସବୁ ବଡ଼ ସହରରେ ଏହି କାର୍ଯ୍ୟ ଶେଷ କରାଯିବ । ଲୋକସେବା ଭବନରେ ତୈଳ କମ୍ପାନୀମାନଙ୍କ ପ୍ରତିନିଧି ଏବଂ ଯୋଗାଣ ବିଭାଗ ସଚିବଙ୍କ ସହ ବୈଠକ ପରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଦେଇଥିବା ଏହି ସୂଚନାକୁ ନେଇ ଏବେ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ମନ୍ତ୍ରୀଙ୍କ ସୂଚନା ଅନୁସାରେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ସହରାଞ୍ଚଳରେ ପିଏନ୍‌ଜି ସଂଯୋଗକୁ ବାଧ୍ୟତାମୂଳକ କରାଯାଇଛି। ଯେଉଁ ଖାଉଟି ପିଏନଜି ସଂଯୋଗ ନେବେ, ସେମାନେ ଆଉ ଏଲ୍‌ପିଜି ବ୍ୟବହାର କରିପାରିବେ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି।

ରାଜ୍ୟରେ ପିଏନଜି ଭିତ୍ତିଭୂମି ବର୍ତ୍ତମାନ ହାତଗଣତି ସହରରେ ଉପଲବ୍ଧ। ଓଡ଼ିଶାର ୧୨ଟି ଜିଓଗ୍ରାଫିକାଲ ଏରିଆ (ଜିଏ)ରେ ସିଟି ଗ୍ୟାସ ଡିଷ୍ଟ୍ରିବ୍ୟୁସନ୍ ପ୍ରକଳ୍ପ ଆରମ୍ଭ ହୋଇଛି। ହେଲେ ପିଏନଜି ଯୋଗାଣ କେବଳ ଅଳ୍ପ କିଛି ସହର ଓ ସୀମିତ ଅଞ୍ଚଳରେ ହିଁ ଉପଲବ୍ଧ। ବର୍ତ୍ତମାନ ରାଜ୍ୟର ପ୍ରାୟ ୧ କୋଟିରୁ ଅଧିକ ପରିବାର ଏଲପିଜି ଗ୍ୟାସ ବ୍ୟବହାର କରୁଛନ୍ତି। ଗ୍ରାମାଞ୍ଚଳରେ ୭୦-୭୫ ଲକ୍ଷ ଓ ସହରାଞ୍ଚଳରେ ୧୮-୨୦ ଲକ୍ଷ ଗ୍ୟାସ ଉପଭୋକ୍ତା ରହିଛନ୍ତି। ହେଲେ ଏହି ସଂଖ୍ୟା ମଧ୍ୟରୁ କେବଳ ୨ରୁ ୩ ଲକ୍ଷ ପରିବାରକୁ ବର୍ତ୍ତମାନ ସୁଦ୍ଧା ପିଏନଜି ସଂଯୋଗ ହୋଇପାରିଛି। ଏହା ମୋଟ ଘରୋଇ ପରିବାରର କେବଳ ୨-୩ ପ୍ରତିଶତ ରହିଥିବା ବେଳେ କିପରି ପିଏନ୍‌ଜି ଯୋଗେ ଗ୍ୟାସ ଯୋଗାଣ ହେବ ଓ ଏଲ୍‌ପିଜି ଅଭାବର ମୁକାବିଲା ହେବ ତାକୁ ନେଇ ପ୍ରଶ୍ନ ଉଠିଛି। କୌତୂହଳର କଥା ହେଉଛି ରାଜଧାନୀ ଭୁବନେଶ୍ୱର ଓ କଟକ ଭଳି ସହରରେ ମଧ୍ୟ ପିଏନଜି ସେବା ସୀମିତ ଅଞ୍ଚଳରେ ହିଁ ଉପଲବ୍ଧ ଅଛି। ସରକାରଙ୍କ ପକ୍ଷରୁ ୧୯ଟି ଜିଲ୍ଲାକୁ ପିଏନଜି ନେଟୱର୍କ ଭିତରେ ଆଣାଯାଇଥିବା କୁହାଯାଉଥିବାବେଳେ, ପ୍ରାୟ ୬ରୁ ୮ଟି ଜିଲ୍ଲାରେ ମାତ୍ର ବ୍ୟବହାରିକ ଭାବେ ଗ୍ୟାସ ଯୋଗାଣ ଆରମ୍ଭ ହୋଇଛି। ଗ୍ରାମାଞ୍ଚଳରେ ଏହାର ଭିତ୍ତିଭୂମି ସମ୍ପୂର୍ଣ୍ଣ ଶୂନ ପ୍ରତିଶତ ରହିଛି।

ପାଇପଲାଇନ୍ ବିଛାଇବାର ମନ୍ଥର ଗତି, ଅଧିକ ଖର୍ଚ୍ଚ ଓ ପ୍ରାରମ୍ଭିକ ଚାହିଦାର ଅଭାବ ଯୋଗୁଁ ପିଏନଜି ପ୍ରକଳ୍ପ ଗତି ରାଜ୍ୟରେ ଉତ୍ସାହଜନକ ହୋଇନାହିଁ। ଏହି ପରିସ୍ଥିତିରେ ମନ୍ତ୍ରୀଙ୍କ ଦାବି ଓ କ୍ଷେତ୍ରସ୍ତରରେ ବାସ୍ତବତା ମଧ୍ୟରେ ବଡ଼ ପାର୍ଥକ୍ୟ ପରିଲକ୍ଷିତ ହୋଇଛି। ବର୍ତ୍ତମାନ ରାଜ୍ୟର ଭୁବନେଶ୍ୱର, କଟକ, ପୁରୀ, ରାଉରକେଲା, ସମ୍ବଲପୁର, ବାଲେଶ୍ୱର ଓ ଝାରସୁଗୁଡ଼ାରେ ପିଏନ୍‌ଜି ଯୋଗେ ଗ୍ୟାସ ଯୋଗାଣ ପାଇଁ କିଛି ମାତ୍ରାରେ ପାଇପ୍ ବିଛାଯାଇଛି। ଏହି ସହରରେ ପ୍ରାୟ ୪ ହଜାରରୁ ୫ ହଜାର କିଲୋମିଟ୍ର ପାଇପ୍ ବିଛାଇବା ପରେ ପ୍ରାୟ ସବୁ ଘରକୁ ପାଇପ ଯୋଗେ ଗ୍ୟାସ ଯୋଗାଣ ସୁନିଶ୍ଚିତ ହୋଇପାରିବ। ହେଲେ ଏବେ ସୁଦ୍ଧା ମାତ୍ର ୧ ହଜାରରୁ ୧୫୦୦ କିମି ପାଇପ୍ ବିଛାଇବାରେ କମ୍ପାନୀ କର୍ତ୍ତୃପକ୍ଷମାନେ ସକ୍ଷମ ହୋଇପାରିଛନ୍ତି। ଅନ୍ୟପଟେ ଗ୍ରାମାଞ୍ଚଳରେ ପୂର୍ବଭଳି ଏଲପିଜି ସିଲିଣ୍ଡର ସେବା ଜାରି ରହିବ ଓ ଏଲପିଜି ନେଇଥିବା ହିତାଧିକାରୀଙ୍କ ଇ-କେୱାଇସି କରିବା ପାଇଁ ବିଭାଗ ନିଷ୍ପତ୍ତି ନେଇଛି। ରାସନ କାର୍ଡ ଭଳି ଗ୍ୟାସ ପାଇଁ ଇ-କେୱାଇସି ହେବ ଓ ଏଥିରେ ମୃତ ବ୍ୟକ୍ତି କିମ୍ବା ଅନ୍ୟ କାହା ନାଁରେ ଗ୍ୟାସ ସିଲିଣ୍ଡର ବୁକ୍ ହେଉଥିଲେ ଏହା କଟାଯିବ ବୋଲି ଯୋଗାଣ ମନ୍ତ୍ରୀ କହିଛନ୍ତି।

## ଯୁବକଙ୍କୁ ମାଡ଼ ସହ 'ଜୟ ଶ୍ରୀରାମ' କହିବାକୁ ବାଧ୍ୟ କରାଯିବା ଘଟଣା

# ଡିଏସ୍‌ପି ପାହ୍ୟା ଅଧିକାରୀଙ୍କ ତଦାରଖରେ ତଦନ୍ତ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୨।୪ (ସମିସ): ମୟୂରଭଞ୍ଜ ଜିଲ୍ଲା ବହଳଦା ଥାନା ଅଞ୍ଚଳରେ ଜଣେ ସଂଖ୍ୟାଲଘୁ ଯୁବକଙ୍କୁ ଅକଥନୀୟ ନିର୍ଯାତନା ଦେବା ସହ ଜୋରଜବରଦସ୍ତି 'ଜୟ ଶ୍ରୀରାମ' କହିବାକୁ ବାଧ୍ୟ କରିବା ଘଟଣାକୁ ଓଡ଼ିଶା ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏହି ସମ୍ବେଦନଶୀଳ ମାମଲାର ତଦନ୍ତ ଜଣେ ଡିଏସ୍‌ପି କିମ୍ବା ଏସ୍‌ଡିପିଓ ପାହ୍ୟାର ବରିଷ୍ଠ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରିବାକୁ ମୟୂରଭଞ୍ଜ ଏସ୍‌ପିଙ୍କୁ ହାଇକୋର୍ଟ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ସେକ୍ ହନିଫଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ୍ ସାବିତ୍ରୀ ରଥ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ଶୁଣାଣି କରି ଜଷ୍ଟିସ୍ ରଥ କହିଛନ୍ତି ଯେ ଅଭିଯୋଗର ଗମ୍ଭୀରତା ଏବଂ ସୋସିଆଲ ମିଡିଆ ଭିଡିଓ ଭାଇରାଲ ହୋଇଥିବା ଦୃଷ୍ଟିରୁ ଏହାର ତଦନ୍ତ ଜଣେ ବରିଷ୍ଠ ପଲିସ ଅଧିକାରୀଙ୍କ ଦ୍ୱାରା ହେବା ଆବଶ୍ୟକ। ସେହିଭଳି, ଏହି ଘଟଣାରେ ଏତଲା ବିଏନ୍‌ଏସ୍‌ର ଧାରା ୧୧୭(୨)ରେ ହୋଇଥିବା ବେଳେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ ବେଳେ ଏହି ଦଫା ଲଗାଯାଇ ନ ଥିବା ମାମଲା ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା।

ମାମଲାରୁ ପ୍ରକାଶ ଯେ କେତେକ ଯୁବକ ଆବେଦନକାରୀଙ୍କ ପୁଅଙ୍କୁ ଆକ୍ରମଣ କରିବା ସହ ତାଙ୍କ ପୋଷାକ ଖୋଲି ଦେଇଥିଲେ। ଏପରିକି, ଗୋଡ଼କୁ ଦଉଡ଼ିରେ ବାନ୍ଧି ଉଲଗ୍ନ ଅବସ୍ଥାରେ ରାସ୍ତାରେ ଘୋଷାଡ଼ିଥିଲେ ଏବଂ 'ଜୟ ଶ୍ରୀରାମ' କହିବାକୁ ବାଧ୍ୟ କରିଥିଲେ। ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଗତ ଜାନୁଆରୀ ୩ତାରିଖରେ ବହଳଦା ଥାନାରେ ଏକ ମାମଲା ହୋଇଥିଲା। ବହଳଦା ପୁଲିସ ଏହି ଘଟଣାରେ କୁନାଲ ସାହୁ ଏବଂ ସନ୍ତୋଷ କୁମାର ସାହୁ ନାମକ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା ବେଳେ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇନ ଥିଲା। ତେବେ ପୁଲିସ କେବଳ ସାଧାରଣ ଦଫା ଲଗାଇଥିଲା। ଏଣୁ, ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ର ଧାରା ୧୧୧, ୨୯୯ ଓ ୩୦୨ ଭଳି ସଙ୍ଗୀନ ଦଫା ଲଗାଇବା ସହ ଘଟଣାର ତଦନ୍ତ କ୍ରାଇମବ୍ରାଞ୍ଚ କିମ୍ବା ଏସ୍ଆଇଟି ଦ୍ୱାରା କରିବାକୁ ଦାବି କରି ପୀଡ଼ିତ ଯୁବକଙ୍କ ବାପା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପୁଲିସ ପକ୍ଷରୁ ମାମଲା ଶୁଣାଣି ବେଳେ ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା ଯେ ଯୁବକଙ୍କ କ୍ଷତ ସାମାନ୍ୟ ଧରଣର ଏବଂ ବର୍ତ୍ତମାନ ସୁଦ୍ଧା ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅନ୍ୟମାନଙ୍କୁ ଗିରଫ କରିବା ପାଇଁ ତଦନ୍ତ ଜାରି ରହିଛି। ଏହି ମାମଲାରେ ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ପି.ଆର୍ ଛାଟୋଇ ଏବଂ ସରକାରଙ୍କ ପକ୍ଷରୁ ଅତିରିକ୍ତ ଷ୍ଟାଣ୍ଡିଂ କାଉନସେଲ୍ ସାରଥୀ ଜ୍ୟୋତି ମହାନ୍ତି ମାମଲା ପରିଚାଳନା କରିଥିଲେ।

# ପ୍ରକାଶ ପାଇଲା କନିଷ୍ଠ ଶିକ୍ଷକଙ୍କ ନିୟମିତ ବିଜ୍ଞପ୍ତି

ଭୁବନେଶ୍ୱର, ୨।୪ (ସମିସ): କନିଷ୍ଠ ଶିକ୍ଷକ (ସ୍କିମାଟିକ୍)ଙ୍କୁ ନିୟମିତ କରିବା ପାଇଁ ଆଜି ବିଦ୍ଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ସହକାରୀ ଶିକ୍ଷକ ଭାବେ ସମସ୍ତ ସୁବିଧା ସୁଯୋଗ ପାଇବେ। ନିୟମିତ କର୍ମଚାରୀ ଲେଭେଲ୍-ଭି (ଏ) ଦରମା ପିଛିଲା ଭାବେ ଗତ ଜାନୁଆରୀ ୧ତାରିଖରୁ ପାଇବେ। ସେହିପରି ଚାକିରିରେ ଯୋଗଦେବା ଦିନରୁ ସେମାନଙ୍କୁ ନିୟମିତ ଭାବେ ଗଣନା କରାଯିବ। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ପରେ ରାଜ୍ୟର ପ୍ରାୟ ୧୩ ହଜାରରୁ ଅଧିକ କନିଷ୍ଠ ଶିକ୍ଷକ ଉପକୃତ ହେବେ। ସୂଚନାଯୋଗ୍ୟ, କନିଷ୍ଠ ଶିକ୍ଷକଙ୍କୁ ନିୟମିତ କରିବା ପାଇଁ ପ୍ରାୟ ୬ମାସ ପୂର୍ବରୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ମାତ୍ର ନିୟମିତ ବିଜ୍ଞପ୍ତି ପ୍ରକାଶ ପାଉନଥିବାରୁ ଗତ ୨୨ ତାରିଖରେ ହଜାରହଜାର କନିଷ୍ଠ ଶିକ୍ଷକ ଆନ୍ଦୋଳନକୁ ଓହ୍ଲାଇଥିଲେ। ୨୩ ତାରିଖରେ ସେମାନଙ୍କୁ ନିୟମିତ କରାଯାଉଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେବା ପରେ ଆଜି ବିଦ୍ଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ଏନେଇ ସଂଘର ସଭାପତି ଶେଷଦେବ ଯଜ୍ଞକାମ ଦେଓ ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି।

## ଭୁଲ୍ ସର୍ଭେ ରିପୋର୍ଟକୁ ନେଇ ମାମଲା

# ସବୁ ପକ୍ଷଙ୍କୁ ଏନ୍‌ଜିଟିଙ୍କ ନୋଟିସ୍

ବାରିପଦା, ୨।୪(ସମିସ): ମୟୂରଭଞ୍ଜ ଜିଲ୍ଲାରେ ବାଲି ଖନନକୁ ନେଇ ପ୍ରସ୍ତୁତ କରାଯାଇଥିବା ଜିଲ୍ଲା ସର୍ଭେ ରିପୋର୍ଟ (ଡିଏସ୍ଆର)କୁ ବେଆଇନ ଦର୍ଶାଇ ନ୍ୟାସନାଲ ଗ୍ରୀନ୍ ଟ୍ରିବ୍ୟୁନାଲରେ ରୁଜୁ ମାମଲାର ଆଜି ଶୁଣାଣି ହୋଇଛି। ଜଷ୍ଟିସ୍ ଅରୁଣ ତ୍ୟାଗୀ ଓ ଜୁଡିସିଆଲ ଏକ୍ସପର୍ଟ ମେମ୍ବର୍ ଈଶ୍ୱର ସିଂଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି

■ ୪ ସପ୍ତାହ ମଧ୍ୟରେ ଜବାବ ରଖିବେ
■ ୧୩କୁ ଘୁଞ୍ଚିଲା ପରବର୍ତ୍ତୀ ଶୁଣାଣି

ସମସ୍ତ ପକ୍ଷଙ୍କୁ ନୋଟିସ୍ ଜାରି କରିଛନ୍ତି। ଏଥିରେ ରାଜ୍ୟ ମୁଖ୍ୟ ଶାସନ ସଚିବ, ମୟୂରଭଞ୍ଜ ଜିଲ୍ଲାପାଳ, ବଡ଼ସାହି ତହସିଲଦାର, ବାରିପଦା ସର୍କଲର ଖଣି ଉପ-ନିର୍ଦ୍ଦେଶକ, ରାଜ୍ୟ ପରିବେଶ ପ୍ରଭାବ ଆକଳନ ପ୍ରାଧିକରଣର ସଦସ୍ୟ ସଚିବ, ରାଜ୍ୟ ପରିବେଶ ନିୟନ୍ତ୍ରଣ ମନ୍ତ୍ରାଳୟର ସଦସ୍ୟ ସଚିବ ଓ ଲିଜ୍‌ଧାରୀ ଦୀନେଶ ଅଗ୍ରୱାଲଙ୍କୁ ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପରବର୍ତ୍ତୀ ଶୁଣାଣି ଆସନ୍ତା ମେ'୧୩ରେ ହେବ ବୋଲି ଅଭିଯୋଗକାରୀଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ଶଙ୍କର ପ୍ରସାଦ ପାଣି ପ୍ରକାଶ କରିଛନ୍ତି।

ବିଶିଷ୍ଟ ପରିବେଶବିତ୍ ତଥା ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ବିବେକାନନ୍ଦ ପଟ୍ଟନାୟକଙ୍କ ଅଭିଯୋଗକୁ ଭିତ୍ତି କରି ୪୬/୨୨ ଇଜେଡ୍‌ରେ ଏକ ମାମଲା ରୁଜୁ ହୋଇଥିଲା। ଲଘୁ ଖଣିଜଦ୍ରବ୍ୟର ପରିଚାଳନା ପାଇଁ ୨୦୧୯ରେ ଏକ ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା। ଏହି ରିପୋର୍ଟଟି ଅନ୍ତରୀଣ ରିପୋର୍ଟ ତଥା ରିପୋର୍ଟ ପ୍ରସ୍ତୁତ କରିବା ପାଇଁ କୌଣସି ପ୍ରକାର କ୍ଷେତ୍ର ପରିଦର୍ଶନ କରାଯାଇନାହିଁ ବୋଲି ଅଭିଯୋଗରେ ଉଲ୍ଲେଖ ରହିଛି। ବଡ଼ସାହି ତହସିଲ ଅଧୀନ ବୁଢ଼ାବଳଙ୍ଗ ନଦୀର ବାଲିଘାଟ ନିଲାମ ପାଇଁ ବାହାରିଥିବା ୪ଟି ବାଲି ସଇରାତକୁ ୫ ହେକ୍ଟର୍ କମ କରିଦିଆଯାଇଛି। କିନ୍ତୁ ଡିଏସ୍ଆର୍‌ରେ ତାହା ୫ ହେକ୍ଟର୍‌ରୁ ଅଧିକ ରହିଛି। ପ୍ରସ୍ତାବିତ ବାଲିଘାଟ ମଧ୍ୟରୁ ବେଲପାଳ ସଇରାତ ନିକଟରେ ପୋଲ ଥିଲା ବେଳେ ତାହାକୁ ଅଣଦେଖା କରାଯାଇଛି। ଏହି ବିଷୟକୁ ଅନୁଧ୍ୟାନ ନକରି ରିପୋର୍ଟକୁ ବେପରୁଆ ଭାବେ ରିପୋର୍ଟ ପ୍ରସ୍ତୁତ କରାଯାଇଥିବା ଅଭିଯୋଗରେ ଦର୍ଶାଯାଇଛି।

## ଜୀବନ ନେଲା ରିଲ୍ସ ନିଶା

# ୪୦ ଫୁଟ୍ ପୋଲ ତଳକୁ ଖସି ଯୁବକ ମୃତ

ଭଦ୍ରକ/ ତୁରୁମୁଙ୍ଗା, ୨।୪(ସମିସ): ରିଲସ୍ ନିଶା ଯୁବପିଢ଼ିଙ୍କ ପାଇଁ ଘାତକ ସାଜୁଛି। ସୋସିଆଲ ମିଡିଆରେ ଅଧିକ 'ଭ୍ୟୁ ଓ ଲାଇକ୍' ପାଇଁ ଜୀବନକୁ ବାଜି ଲଗାଇ ଭିଡିଓ କରୁଛନ୍ତି। ଏପରି ଏକ ଦୁଃସାହସିକ ରିଲ୍ସ କରୁଥିବା ବେଳେ ଜଣେ ଯୁବକଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ମୃତକ



ହେଲେ, କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ବାଉଁଶୁଳି ପଞ୍ଚାୟତ ଭୁଲୁଦା ରାଜବନ୍ଧସାହିର ଲୋକନାଥ ନାଏକଙ୍କ ବଡ଼ପୁଅ ମିଥୁନ ନାଏକ (୨୫)। ସେହିପରି ତାଙ୍କର ଜଣେ ସାଙ୍ଗ ନଦୀରେ ନିଖୋଜ ହୋଇଯାଇଛନ୍ତି। ସେ ହେଲେ, ହିମାଂଶୁ ନାୟକ। ଭଦ୍ରକ ପୁରୁଣାବଜାର ଥାନା ଅଧୀନ ସାଳନ୍ଦୀ ନଦୀର ସନ୍ଥିଆ ବ୍ରିଜ୍‌ଠାରେ ଏହି ଅଘଟଣ ଘଟିଛି।

ସୂଚନାନୁଯାୟୀ, ମିଥୁନ୍, ହିମାଂଶୁ ଓ ଅନ୍ୟ ଜଣେ ସାଙ୍ଗ ତପନ ନାୟକ ଭଦ୍ରକରେ ଦିନମଜୁରିଆ ଭାବେ କାମ କରୁଥିଲେ। ଗୁରୁବାର କୌଣସି କାମ ନ ମିଳିବାରୁ ରିଲ୍‌ସ କରିବାକୁ ସାଳନ୍ଦୀ ବ୍ରିଜ୍ ନିକଟକୁ ଆସିଥିଲେ। ପୂର୍ବ ପ୍ରସ୍ତୁତି ଅନୁସାରେ ଜଣେ ଯୁବକ ନଦୀକୁ ଡେଇଁବା ପରେ ଆଉ ଜଣେ ଡେଇଁଥିଲେ ଏବଂ ରିଲ୍‌ସ ପାଇଁ ତପନ ମୋବାଇଲ୍‌ରେ ଏହି

### ଅନ୍ୟ ଜଣେ ସାଙ୍ଗ ସାଳନ୍ଦୀରେ ନିଖୋଜ

ଦୃଶ୍ୟ ରେକର୍ଡିଂ କରୁଥିଲେ। ପ୍ରଥମେ ନଦୀକୁ ଡେଇଁ ହିମାଂଶୁ ନିଖୋଜ ହୋଇଯାଇଥିବା ବେଳେ ମିଥୁନ ପୋଲର ପିଣ୍ଡିରେ ବାଡ଼େଇ ହୋଇଯାଇଥିଲେ। ଖବର ପାଇ ପୁଲିସ ଓ ଅଗ୍ନିଶମବାହିନୀ ପହଞ୍ଚି ନିଖୋଜ ଯୁବକଙ୍କୁ ନଦୀ ଭିତରେ ବହୁ ଖୋଜାଖୋଜି କରିଥିଲେ। କିଛି ଘଣ୍ଟାର ସର୍ଚ୍ଚ ଅପରେସନ୍ ପରେ ନିଖୋଜ ମିଥୁନଙ୍କ ମୃତଦେହ ଠାବ ହୋଇଥିଲା। ପୁରୁଣା ବଜାର ପୁଲିସ୍ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

# ତ୍ୱରାନ୍ୱିତ ହେଉ ରାଜ୍ୟ ରାଜପଥ ୬୩ ପ୍ରଶସ୍ତୀକରଣ

ଭୁବନେଶ୍ୱର (ସମିସ) ଅନୁଗୋଳ ଜିଲ୍ଲାରେ କୋଇଲା ପରିବହନ ଏବଂ ଶିଳ୍ପ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏକ ପତ୍ର ଲେଖି ଶ୍ରୀ ପ୍ରଧାନ ଛେଣ୍ଡିପଦା-ଅନୁଗୋଳ ରାଜ୍ୟ ରାଜପଥ (ଏସଏଚ-୬୩) ର ପ୍ରଶସ୍ତିକରଣ ଓ ବାଇପାସ ନିର୍ମାଣ ପାଇଁ ପ୍ରସ୍ତାବ ଦେବା ସହ ଛେଣ୍ଡିପଦା-ଜରପଡ଼ା ଜିଲ୍ଲା ମୁଖ୍ୟ ରାସ୍ତାର ସମ୍ପ୍ରସାରଣ ପାଇଁ ଅନୁରୋଧ କରିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ ରାଜ୍ୟର କେନ୍ଦ୍ରଭାଗରେ ଅବସ୍ଥିତ ଅନୁଗୋଳ ଜିଲ୍ଲାର ଜନସଂଖ୍ୟା ପ୍ରାୟ ୧୫ ଲକ୍ଷ ଏବଂ ଏହା ରାଜ୍ୟର ମୋଟ ଘରୋଇ ଉତ୍ପାଦ (ଜିଏସଡିପି) ରେ ପ୍ରାୟ ୫ ପ୍ରତିଶତ ଅବଦାନ ଦେଉଛି । କୋଇଲା ସମ୍ପଦରେ ସମୃଦ୍ଧ ଏହି ଜିଲ୍ଲାର ବାର୍ଷିକ କୋଇଲା ଉତ୍ପାଦନ ବର୍ତ୍ତମାନର ୧୧୬ ମିଲିୟନ ଟନ୍ (ଏମଟି) ରୁ ବୃଦ୍ଧି ପାଇ ୨୦୩୩ ସୁଦ୍ଧା ୨୫୦-୩୦୦ ମିଲିୟନ ଟନ୍‌ରେ ପହଞ୍ଚିବ ବୋଲି ଆକଳନ କରାଯାଇଛି ।

ଏହି ଜିଲ୍ଲା ଇସ୍ପାତ, ଆଲୁମିନିୟମ ଏବଂ ତାପଜ ବିଦ୍ୟୁତ କେନ୍ଦ୍ର ଭଳି ଭାରୀ ଶିଳ୍ପ, ଉନ୍ନତ ବିନିର୍ମାଣ ଏବଂ ଆନୁସଙ୍ଗିକ ଏମଏସଏମଇ ଗୁଡ଼ିକ ପାଇଁ ଏକ ଉତ୍ତମ ବାତାବରଣ ତିଆରି କରୁଛି । ଅନୁଗୋଳରେ ନାଲକୋ ସ୍ମେଲ୍ଟର ପ୍ଲାଣ୍ଟ, ଏନଟିପିସି କଣିହାଁ, ତାଳଚେର ସୁପର ଥର୍ମାଲ ପାୱାର ଷ୍ଟେସନ ଏବଂ ମହାନଦୀ କୋଲଫିଲ୍ଡସ ଲିମିଟେଡର ବ୍ୟାପକ କୋଇଲା ଖଣି ଭଳି ପ୍ରମୁଖ ଶିଳ୍ପ ଓ ଶକ୍ତି କେନ୍ଦ୍ରଗୁଡ଼ିକ ରହିଛି, ଯାହା ରାଜ୍ୟର ଶକ୍ତି ନିରାପତ୍ତାର ମେରୁଦଣ୍ଡ ସାଜିଛି । ଛେଣ୍ଡିପଦା ତହସିଲ ଅଞ୍ଚଳ ଭାରତର କୋଇଲା ଗଚ୍ଛିତ ଭଣ୍ଡାରର ପ୍ରାୟ ଏକ-ଷଷ୍ଠାଂଶ ହୋଇଥିବାରୁ, ଏହା ଦେଶର ଶକ୍ତି ନିରାପତ୍ତା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବର୍ତ୍ତମାନର ସଡ଼କ ଭିତ୍ତିଭୂମି, ବିଶେଷ କରି ରାଜ୍ୟ ରାଜପଥ-୬୩ ଏବଂ ଛେଣ୍ଡିପଦା-ଜରପଡ଼ା ଜିଲ୍ଲା ମୁଖ୍ୟ ରାସ୍ତା, ଅତ୍ୟଧିକ କୋଇଲା ପରିବହନ ପାଇଁ ଅନୁପଯୁକ୍ତ ହୋଇପଡ଼ିଛି । ଏହି ରାସ୍ତା ଜନବସତି ଦେଇ ଯାଉଥିବାରୁ ବିଭିନ୍ନ ସମୟରେ ଘଟୁଥିବା ଦୁର୍ଘଟଣା ଲୋକଙ୍କ ମନରେ ଅସନ୍ତୋଷ ସୃଷ୍ଟି କରିଛି। ତେଣୁ ଛେଣ୍ଡିପଦାରୁ ଅନୁଗୋଳ ପର୍ଯ୍ୟନ୍ତ ଯାଇଥିବା ରାଜ୍ୟ ରାଜପଥ-୬୩କୁ ଦୁଇ ଲେନ୍‌ରୁ ଚାରି ଲେନ୍‌କୁ ପ୍ରଶସ୍ତିକରଣ କରିବା ସହ ଜନବସତି ଅଞ୍ଚଳରେ ବାଇପାସ ନିର୍ମାଣ କରିବାକୁ ସେ ଅନୁରୋଧ କରିଛନ୍ତି । ପୁନଶ୍ଚ ଛେଣ୍ଡିପଦା-ଜରପଡ଼ା ମୁଖ୍ୟ ଜିଲ୍ଲା ରାସ୍ତାକୁ ପ୍ରଶସ୍ତ କରିବାକୁ ପ୍ରସ୍ତାବ ଦେଇଛନ୍ତି ଶ୍ରୀ ପ୍ରଧାନ । ସେ କହିଛନ୍ତି ଏହି ରାସ୍ତାଟି ଖଣି ଅଞ୍ଚଳକୁ ୫୫ ନମ୍ବର ଜାତୀୟ ରାଜପଥ ଓ ରେଳ କରିଡର ସହ ଯୋଡୁଛି। ଏହାର ପ୍ରଶସ୍ତିକରଣ ଦ୍ୱାରା ରାଜ୍ୟ ରାଜପଥ- ୬୩ ଉପରୁ ଯାନବାହନ ଚାପ କମିବ ଏବଂ ଏକ ବିକଳ୍ପ ପରିବହନ ମାର୍ଗ ସୃଷ୍ଟି ହେବ । ଉନ୍ନତ ସଡ଼କ ସଂଯୋଗୀକରଣ ଦ୍ୱାରା କେବଳ କୋଇଲା ପରିବହନ ସହଜ ହେବ ନାହିଁ, ବରଂ ଏହା ଅଞ୍ଚଳରେ ପୁଞ୍ଜି ନିବେଶକୁ ଆକୃଷ୍ଟ କରିବା ସହ ସ୍ଥାନୀୟ ଲୋକଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶରେ ସହାୟକ ହେବ ବୋଲି ଶ୍ରୀ ପ୍ରଧାନ ଚିଠିରେ ଉଲ୍ଲେଖ କରିଛନ୍ତି।

# ସରିଲା ମାଟ୍ରିକ୍ ପରୀକ୍ଷାଖାତା ମୂଲ୍ୟାୟନ

କଟକ, ୨।୪(ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ଗତ ମାର୍ଚ୍ଚ ୧୯ ତାରିଖଠାରୁ ରାଜ୍ୟର ୫୧ଟି କେନ୍ଦ୍ରରେ ଚାଲିଥିବା ମାଟ୍ରିକ୍ ପରୀକ୍ଷା ଖାତାଦେଖା ଆଜି ଶେଷ ହୋଇଛି। ଏହି ମୂଲ୍ୟାୟନ ପ୍ରକ୍ରିୟାକୁ ଆସନ୍ତା ଏପ୍ରିଲ୍ ୨ତାରିଖ ସୁଦ୍ଧା ଶେଷ କରିବା ପାଇଁ ବୋର୍ଡ ପକ୍ଷରୁ

■ ମେ' ଦ୍ୱିତୀୟ ସପ୍ତାହ ସୁଦ୍ଧା ଫଳ

ସମୟ ଧାର୍ଯ୍ୟ କରାଯାଇଥିଲା। ମାଟ୍ରିକ୍ ସହିତ ଷ୍ଟେଟ୍ ଓପନ୍ ସ୍କୁଲ୍ ସାର୍ଟିଫିକେଟ୍ (ଏସଓଏସସି) ଏବଂ ସଂସ୍କୃତ ମଧ୍ୟମା ଖାତା ଦେଖା ପାଇଁ ୩୦ଟି ଜିଲ୍ଲାରେ ସମୁଦାୟ ୫୧ଟି ମୂଲ୍ୟାୟନ କେନ୍ଦ୍ର କରାଯାଇଥିଲା। ଏଥିପାଇଁ ପ୍ରାୟ ୧୫ ହଜାର ଶିକ୍ଷକଙ୍କୁ ନିୟୋଜିତ କରାଯାଇଥିଲା। ଏଥର ମୂଲ୍ୟାୟନ ତ୍ରୁଟିଶୂନ୍ୟ ଓ ଶୃଙ୍ଖଳିତ ଭାବେ କରାଯାଇଥିବା କହିଛନ୍ତି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ।

## ନୀଳଗିରି ମାଟିର ପୁଅ ହେଲେ ଓଡ଼ିଶା ମାନବାଧିକାର ଫାଉଣ୍ଡେସନର ଉପସଭାପତି



ନୀଳଗିରି, ୨।୪ (ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରି ଏନଏସି ଅନ୍ତର୍ଗତ ସାନଅତା ଗ୍ରାମର ସଞ୍ଜୟ କୁମାର ଜେନାଙ୍କ ପୁଅ ଓମପ୍ରକାଶ ଜେନା (୨୦) ଏବେ ଭୁବନେଶ୍ୱର ସେଞ୍ଚୁରିଆନ ୟୁନିଭରସିଟିରେ ମାଇକ୍ରୋବାୟଲୋଜିରେ ପ୍ରଥମବର୍ଷର ଛାତ୍ର ଅଟନ୍ତି। ଏତେ କମ ବୟସରେ ସେ ଅଂଚଳରେ ସମାଜକଲ୍ୟାଣ ପାଇଁ ନିସ୍ୱାର୍ଥପର ସେବାଭାବନା ନେଇ ଦଳିତ ନିଷ୍ପେସିତ ଅସହାୟଙ୍କର ସାହାରା ପାଲିଟିଛନ୍ତି। ନିଜସ୍ୱ ଉଦ୍ୟମରେ ସେ ଶ୍ରୀରାମସେବା ସାମାଜିକ ଫାଉଣ୍ଡେସନ ଗଢିଛନ୍ତି। ଯେଉଁଠି ପ୍ରଶାସନ ପହଂଚି ନଥାଏ, ସେଠାରେ ଫାଉଣ୍ଡେସନ ପହଂଚି ଜନକଲ୍ୟାଣ କାର୍ଯ୍ୟକରିଥିବା ଦେଖାଯାଇଛି। ପୂର୍ବରୁ ସାଧାରଣ ସଦସ୍ୟ ରୂପେ ଓଡିଶା ମାନବଅଧିକାର ଫାଉଣ୍ଡେସନରେ କାର୍ଯ୍ୟକରି ଉକ୍ତ ଅଂଚଳରେ ନ୍ୟାୟ ଦେବାରେ ଏକ ଉଦାହରଣ ସାଜିଥିଲେ। ତାଙ୍କୁ ଅନ୍ତର୍ଜାତୀୟ ମାନବାଧିକାର ଫାଉଣ୍ଡେସନ ପକ୍ଷରୁ ଓଡିଶାର ରାଜ୍ୟ ମାନବ ଅଧିକାର ଫାଉଣ୍ଡେସନର ଉପସଭାପତି ରୂପେ ମନୋନୀତ ହୋଇଛନ୍ତି। ତେଣୁ ତାଙ୍କୁ ବିଭିନ୍ନ ମହଲରୁ ପ୍ରଂଶସାର ସୁଅ ଛୁଟିଥିବା ଜଣାଯାଇଛି।

## ରାସ୍ତା କଡ଼କୁ ଓଲଟିଲା ଯାତ୍ରୀବାହୀ ବସ୍

**ଅଳ୍ପକେ ବର୍ତ୍ତିଲେ ୫୦ରୁ ଅଧିକ ଯାତ୍ରୀ**

ବାଲେଶ୍ୱର,୨।୪(ସମିସ): ବାଲେଶ୍ୱର ଜିଲ୍ଲା ଦେଇ ଯାଇଥିବା ୧୬ନମ୍ବର ଜାତୀୟ ରାଜପଥରେ ବୁଧବାର ବିଳମ୍ବିତ ରାତିରେ ଏକ ବଡଧରଣର ବସ୍ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି ଯାତ୍ରୀ। ବୁଧବାର ରାତିରେ କଲିକତା 'ସାନା ଟ୍ରାଭେଲସ'(ଡବ୍ଲ୍ୟୁ ବି ୭୩ଜି୪୪୮୬)ନମ୍ବର ବିଶିଷ୍ଟ ଏକ ଯାତ୍ରୀବାହୀ ବସ୍ ପୁରୀ ଅଭିମୁଖେ ବାହାରିଥିଲା। ବିଳମ୍ବିତ ରାତିରେ ବସ୍‌ର ଆଗ ଚକ ହଠାତ ଫାଟିଯାଇ ଭାରସାମ୍ୟ ହରାଇଥିଲା। ତେବେ ବସଟି ଦ୍ରୁତଗତିରେ ଥିବା ବେଳେ ଡ୍ରାଇଭର ଉପସ୍ଥିତ ବୁଦ୍ଧି ଖଟାଇ ରାସ୍ତାର ବିପରିତ ଦିଗରେ ଥିବା ପେଟ୍ରୋଲ ପମ୍ପ ନିକଟରେ ଥିବା ଡିଭାଇଡର ରାସ୍ତାରେ ନେଇ ଏକ ବିଲ ମଧ୍ୟକୁ ଖସିଯାଇଥିଲା। ସୌଭାଗ୍ୟବଶତଃ ରାସ୍ତାକଡରେ ଏକ ଖଜୁରୀ ଗଛ ଥିବା ବେଳେ ବସର ପଛପଟ ଗଛରେ ପିଟିହୋଇ ରହିଯାଇଥିଲା। ଫଳରେ ଯାତ୍ରୀମାନେ ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ଥିଲେ। ଅଳ୍ପ କିଛି ସାମନ୍ୟ ଆହତ ହୋଇଥିବା ଜଣାଯାଇଛି। ତେବେ ଖବର ବସର ମାଲିକ ତୁରନ୍ତ ଅନ୍ୟ ଏକ ବସଯୋଗେ ଯାତ୍ରୀମାନଙ୍କୁ ସେମାନଙ୍କର ଗନ୍ତବ୍ୟ ସ୍ଥଳକୁ ପଠାଇଥିଲେ। ପୁଲିସର ଘଟଣାର ତଦନ୍ତ ଚଳାଇଛି।

## ଭ୍ୟାନ ଧକ୍କାରେ ସ୍କୁଟର ଚାଳକ ମୃତ

ବାଲେଶ୍ୱର,୨।୪(ସମିସ): ସହଦେବଖୁଣ୍ଟା ଥାନା ଅର୍ନ୍ତଗତ ଦହପଡା ପେଟ୍ରୋଲ ପମ୍ପ ଠାରେ ଭ୍ୟାନ୍ ଧକ୍କାରେ ଜଣେ ସ୍କୁଟର ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ



ହେଉଛନ୍ତି ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଗଡଦେଉଳିଆ ଅଞ୍ଚଳର ଇଶ୍ୱରଚନ୍ଦ୍ର ପଣ୍ଡା(୭୫)। ବାଲେଶ୍ୱର ଶୋଭାରାମପୁର ଅଂଚଳରେ ରହୁଥିବା ତାଙ୍କ ଝିଅଙ୍କୁ ଦେଖା କରିବା ପାଇଁ ଇଶ୍ୱର ଆଜି ସକାଳେ ଘରୁ ସ୍କୁଟରଯୋଗେ ବାହାରିଥିଲେ। ସେ ଦହପଡା ଠାରେ ଥିବା ତେଲ ଟାଙ୍କିରେ ପେଟ୍ରୋଲ ପକାଇସାରି ରାସ୍ତା ପାର ହେଉଥିବା ବେଳେ ବାଲେଶ୍ୱର ପଟୁ ଦ୍ରୁତଗତିରେ ଆସୁଥିବା ଏକ ଓମିନି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଇଶ୍ୱରଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଓମିନି ଡ୍ରାଇଭର ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ସ୍ଥାନୀୟ ଲୋକେ ଗାଡିରେ ବସିଥିବା ଜଣେ ଯାତ୍ରୀଙ୍କୁ ଡ୍ରାଇଭର ଭାବି ନିସ୍ତୁକ ମାଡ ମାରିଥିଲେ। ଖବର ପାଇ ପୁଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ଦୁର୍ଘଟଣାଗ୍ରସ୍ତ ୨ ଗାଡ଼ି ଜବତ କରିଛି। ମୃତକଙ୍କ ଜ୍ୱାଇଁ ପ୍ରବୀର ଦାସ ସହଦେବଖୁଂଟା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

**ଗ୍ରାମ ଉନ୍ନୟନ ବିଭାଗରେ ସୀମା ଲଙ୍ଘିଲାଣି ଦୁର୍ନୀତି**

# ୫ଲକ୍ଷର କାମ କରି ୧୨ ଲକ୍ଷ ଉଠାଇବାକୁ ମସୁଧା

ଖଇରା,୨।୪ (ସମିସ)



ବାଲେଶ୍ୱର ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଡିଭିଜନ-୨ ସିମୁଳିଆ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମାର୍କୋଣା ସବଡିଭିଜନରେ ଦୁର୍ନୀତି ଚରମସୀମାରେ ପହଞ୍ଚିଛି। ନିକଟରେ ସ୍ୱିଟଅପ ବା ୫ଲକ୍ଷିଆ ଆୱାର୍ଡ କାମରେ ୪୦ଲକ୍ଷ ଟଙ୍କାର ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ ପରେ ମାର୍ଚ୍ଚ ୩୧ ପୂର୍ବରୁ ଖଇରା ବାହାରର ଜଣେ କନିଷ୍ଠ ଯନ୍ତ୍ରୀଙ୍କ ମାଧ୍ୟମରେ ତରବରିଆ ଭାବେ ବିଲ୍ ଉଠାଇ ନିଆଯିବା ପରେ ଏବେ ଏସଆର ଟେଣ୍ଡର କାମରେ ମଧ୍ୟ ଦୁର୍ନୀତି କରାଯାଇଥିବା ଅଭିଯୋଗ ସାମନାକୁ ଆସିଛି। ମାତ୍ର ୫ଲକ୍ଷ ଟଙ୍କାର କାମକରି ପୁରା ଅର୍ଥ ହଡପ ପାଇଁ ବନ୍ଦୋବସ୍ତ କରାଯାଇଛି। ଭିଜିଲାନ୍ସ ତଦନ୍ତ କରି ଦୁର୍ନୀତିର ପର୍ଦ୍ଦାଫାସ କରିବାକୁ ରୁଡିଙ୍ଗିଆ, ପାଣିସାଉଁଳି, ଶ୍ରୀରାମପୁର ଓ କଖାରୁଆ ଗ୍ରାମର ଅଧିବାସୀ ମାନେ ଅଭିଯୋଗ କରିଛନ୍ତି।

ଖଇରା ବ୍ଲକ ର ଶ୍ୟାମସୁନ୍ଦରପୁର ଓ ଗୋବିନ୍ଦପୁର ସଂଯୋଗ କରୁଥିବା ପାଣିସାଉଁଳି ଶ୍ରୀରାମପୁର ରାସ୍ତା ଆରମ୍ଭରେ ଥିବା ପୋଲ ନିକଟରେ ୨ପାଶ୍ୱର୍ର କଂକ୍ରିଟ ପାଚେରୀ ନିର୍ମାଣ ପାଇଁ ପାଖାପାଖି ୧୨ଲକ୍ଷ(ଜିଏସଟି ସହ) ଟଙ୍କା ପ୍ରଦାନ କରାଯାଇଥିଲା। ଫାଉଣ୍ଡେସନରେ ୬ଇଞ୍ଚ ବାଲି, ପୁରା ମେଟାଲ ବେସରେ ୬ଇଞ୍ଚ କଂକ୍ରିଟ ଢଳେଇ ଦେବା ପରେ କଂକ୍ରିଟ ପାଚେରୀ ଉଠିବା କଥା। ଜଳ ନିଷ୍କାସନକୁ ଦୃଷ୍ଟିରେ ରଖି ରାସ୍ତା ଉଚ୍ଚତା ଠାରୁ ପାଚେରି ଉଚ୍ଚତା କମ ରଖାଯିବା କଥା। ହେଲେ ଠିକାଦାର ଫାଉଣ୍ଡେସନ ଠାରୁ ଆରମ୍ଭ କରି ପାଚେରୀ ର ମାନ, ମାଟି ଫିଲିଂ ଭଳି ସବୁ ଭାଗରେ ଏଷ୍ଟିମେଟକୁ ଉଲ୍ଲଂଘନ କରିଥିବା କୁହାଯାଉଛି। ଜଣେ ସାଧାରଣ ଲୋକ ଉକ୍ତ କାର୍ଯ୍ୟ ଉପରେ ଥରେ ନଜର ପକାଇଲେ ଜଳଜଳ କରି ଦେଖା ଯାଉଥିବା ଦୁର୍ନୀତିକୁ ହୃଦୟଙ୍ଗମ କରି ପାରିବ। ହେଲେ ୩ମାସ ଧରି ଚାଲିଥିବା ତୃଟିପୂର୍ଣ୍ଣ କାର୍ଯ୍ୟ ଯନ୍ତ୍ରୀଙ୍କ ଆଖିରେ ନ ପଡିବାକୁ ନେଇ ବର୍ତ୍ତମାନ ଡିଭିଜନରେ କାର୍ଯ୍ୟରତ ଯନ୍ତ୍ରୀଙ୍କ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିଭଳି ଠିକାଦାର ପାଚେରୀ ଉଚ୍ଚତାକୁ ରାସ୍ତା ଉଚ୍ଚତାରୁ ୨ଫୁଟ ଅଧିକ କରିଥିବାରୁ ଏହା ଏବେ ଜଳ ନିଷ୍କାସନରେ ବାଧା ସୃଷ୍ଟି କରିବା ଆଶଙ୍କା ଦେଖାଦେଇଛି। ଏହିଭଳି ଦୁର୍ନୀତି ପାଇଁ ଖଇରା ସବଡିଭିଜନର ସହକାରୀ ଯନ୍ତ୍ରୀ ପଦବୀକୁ ଖାଲି କରି ରଖାଯାଇ ଅନ୍ୟ ସହକାରୀ ଯନ୍ତ୍ରୀଙ୍କୁ ଖଇରା ଦାୟିତ୍ୱ ଦିଆଯାଉଥିବା ନେଇ ଆଲୋଚନା ହେଉଛି। ବିସ୍ମୟର କଥା ଯେ ଡିଭିଜନ ଯନ୍ତ୍ରୀ ଓ ଠିକାଦାରଙ୍କ ସହମତିରେ ଏହି କାର୍ଯ୍ୟରେ ମଧ୍ୟ ଡେଭିଏସନ କରାଯାଇ ଅଧିକ ୨ଲକ୍ଷ ଟଙ୍କା ଉଠାଯିବାକୁ କାଗଜପତ୍ରରେ ପ୍ରସ୍ତୁତି ଚାଲିଛି। ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ସଞ୍ଜୟ କୁମାର ସାହୁଙ୍କ ପ୍ରତିକ୍ରିୟା ନିଆଯିବାରେ ଅଧିକ ଉଚ୍ଚ ହୋଇଥିବା ଅଂଶକୁ କମାଇବା ପରେ ଚୁଡାନ୍ତ ବିଲ ପୈଠ କରାଯିବ ବୋଲି କହିଛନ୍ତି। ଯଦି ସହକାରୀ ଯନ୍ତ୍ରୀଙ୍କ ପ୍ରତିକ୍ରିୟା ମୁତାବକ ନୂତନ ଭାବେ ନିର୍ମିତ ହୋଇଥିବା କାମକୁ ଠିକାଦାର ଥରେ ଭାଙ୍ଗିଲେ ପୁରା କାମ କେତେ ଦିନ ତିଷ୍ଠି ରହିବ ତାହା ସମୟ କହିବ।

**● ସ୍ୱୟଂ ସହାୟିକା ଗୋଷ୍ଠୀର ଋଣ ଟଙ୍କା ହଡ଼ପ ଅଭିଯୋଗ**

## ଘର ଆଗରେ ଧାରଣା ସହ ଭାତରାନ୍ଧି ଖାଇଲେ ମହିଳା



ଚନ୍ଦନେଶ୍ୱର, ୨।୪ (ସମିସ) : ସରକାର ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ ମହିଳାମାନଙ୍କୁ ସଶକ୍ତି ଓ ଆତ୍ମନିର୍ଭରଶୀଳ କରିବା ପାଇଁ ବିନା ସୁଧରେ ଋଣ ଯୋଗାଇ ଦେଉଛନ୍ତି। ମାତ୍ର ସରକାରଙ୍କ ଅସଲ ଉଦ୍ଦେଶ୍ୟ ସଫଳ ହେବା ପରିବର୍ତ୍ତେ ଗାଁରେ ଅପ୍ରୀତିକର ପରିସ୍ଥିତି ସମସ୍ତଙ୍କ ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ସ୍ୱୟଂ ସହାୟିକା ଗୋଷ୍ଠୀର ଋଣ ଟଙ୍କାକୁ ୧ବର୍ଷ ବିତିଥିଲେ ମଧ୍ୟ ବ୍ୟାଙ୍କରେ ପରିଶୋଧ ହୋଇ ପାରୁନାହିଁ। ଗାଁରେ ସରପଂଚ, ସମିତି ସଦସ୍ୟଙ୍କୁ ଅବଗତ କରେଇବା ଠାରୁ ଆରମ୍ଭ କରି ଚନ୍ଦନେଶ୍ୱର ଫାଣ୍ଡିରେ ଲିଖିତ ଅଭିଯୋଗ ମଧ୍ୟ ହୋଇଛି। ଶେଷରେ ଋଣ ଆଦାୟ ପାଇଁ ଘର ଆଗରେ ମହିଳା ମାନେ ଧାରଣାରେ ବସିବା ସହିତ ଘର ସମ୍ମୁଖରେ ଭାତରାନ୍ଧି ଖାଇଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଜଗନ୍ନାଥପୁର ପଂଚାୟତରେ। ମିଳିଥିବା ସୂଚନା ଅନୁଯାୟୀ, ଜଗନ୍ନାଥପୁର ଗାଁର ୧୦ଜଣ ମହିଳାଙ୍କୁ ନେଇ ୨୦୧୭ମସିହାରେ ରଧାକୃଷ୍ଣ ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନ ହୋଇଥିଲା। ଚନ୍ଦନେଶ୍ୱରସ୍ଥିତ ଓଡିଶା ଗ୍ରାମ୍ୟ ବ୍ୟାଙ୍କରେ ଜମାଖାତା ଖୋଲି ମାସିକିଆ ଅର୍ଥ ଜମା କରିବା ସହିତ ନିୟମିତ ଋଣ ନେଇ ପରିଶୋଧ ମଧ୍ୟ କରାଯାଇଥିଲା। ୨୦୨୫ ଏପ୍ରିଲ ୫ ତାରିଖରେ ୭ଲକ୍ଷ ଟଙ୍କା ଋଣ ନେଇ ୧୦ଜଣ ସଦସ୍ୟାଙ୍କ ମଧ୍ୟରେ ୭୦ହଜାର ଟଙ୍କା ଲେଖାଏଁ ଭାଗବଣ୍ଟା ହୋଇଥିଲା। ଗାଁର ପବିତ୍ର ଜେନାଙ୍କ ସ୍ତ୍ରୀ ଶୁଭଶ୍ରୀ ଏହି ଟଙ୍କା ପରିଶୋଧ ନକରି ବାପାଙ୍କ ଘରକୁ ଛୁଆପିଲା ନେଇ ପଳାଇ ଯାଇଛନ୍ତି। ଏପଟେ ସ୍ୱାମୀ ପବିତ୍ର ଏହି ଟଙ୍କା ପରିଶୋଧ କରି ପାରିବେ ନାହିଁ ବୋଲି ରୋକଠୋକ ମନା କରି ଦେଇଛନ୍ତି। ଯାହାକୁ ନେଇ ଗୋଷ୍ଠୀର ମହିଳାଙ୍କ ମଧ୍ୟରେ ଭାଳେଣି ପଡିଛି। ଟଙ୍କା ଆଦାୟ ପାଇଁ ସରପଂଚ ଅଶୋକ କୁମର ସାସମଲ, ସମିତି ସଦସ୍ୟାଙ୍କ ପ୍ରତିନିଧି ଶ୍ରୀକାନ୍ତ ପ୍ରଧାନ ଏବଂ ଗାଁର କିଛି ମାନ୍ୟଗଣ୍ୟ ବ୍ୟକ୍ତି ସମାଧାନ ପାଇଁ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇନାହାନ୍ତି। ତେଣୁ ବାଧ୍ୟ ହୋଇ ସମିତି ସଦସ୍ୟା ସୁମିତା ପ୍ରଧାନ, ସିଆରପି ଅପରାଜିତା ଗିରି, ମହିଳା ଗୋଷ୍ଠୀର ସଭାପତି ବାସନ୍ତୀ ଦାସ, ସମ୍ପାଦିକା ସୋହେଲି ପଣ୍ଡା, ସଭ୍ୟା କବିତା ବାରିକ, ସଞ୍ଜୁଲତା ବାରିକ, ପୂର୍ଣ୍ଣିମା ବାରିକ, ବିଷ୍ଣୁପ୍ରିୟା ମହାନ୍ତି, ଭାଗ୍ୟଲକ୍ଷ୍ମୀ ସାହୁ, କାଞ୍ଚନ ବାରିକଙ୍କ ସମେତ ଅନ୍ୟ ଗୋଷ୍ଠୀର ମହିଳାମାନେ ଛୁଆ ପିଲାଙ୍କୁ ଧରି ଘର ଆଗରେ ଧାରଣାରେ ବସିବା ସହିତ ଘର ଆଗରେ ରୋଷେଇ କରି ଖାଇଛନ୍ତି। ଟଙ୍କା ନ ପାଇଲା ପର୍ଯ୍ୟନ୍ତ ଏଭଳି ଜାରି ରହିବ ବୋଲି ସେମାନେ ଜିଦରେ ଅଟଳ ଅଛନ୍ତି।

## ଶିଶୁ ସେବିକା ଚୟନରେ ଅନିୟମିତତା ଅଭିଯୋଗ

ବାଲେଶ୍ୱର(ଉତ୍ତର)/ ଚନ୍ଦନେଶ୍ୱର ,୨।୪(ସମିସ): ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ ଅନ୍ତର୍ଗତ ହରିଦାସପୁର କାର୍ତ୍ତିକଚନ୍ଦ୍ର ନୋଡାଲ ଉ:ପ୍ରା: ବିଦ୍ୟାଳୟରେ ଶିଶୁ ବାଟିକା ପାଇଁ ଶିଶୁ ସେବିକା ପ୍ରାର୍ଥିନୀ ଚୟନ ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ଅଭିଯୋଗ କରି ଆବେଦନକାରୀ ମହିଳା ହରିଦାସପୁର ଗ୍ରାମର ସୁଲୋଚନା ଦାସ ବାଲେଶ୍ୱର ଜିଲ୍ଲାପାଳ, ଜିଲ୍ଲା ଶିକ୍ଷାଧିକାରୀ ଓ ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଦାବୀ ଦେବା ସହିତ ପ୍ରକୃତ ହିତାଧିକାରୀଙ୍କୁ ଚୟନ ପାଇଁ ଦାବି କରିଥିଲେ। ଭୋଗରାଇ ବ୍ଲକ ଅନ୍ତର୍ଗତ ହରିଦାସପୁର ଗାଁରେ ଥିବା କାର୍ତ୍ତିକ ଚନ୍ଦ୍ର ନୋଡାଲ ଉ:ପ୍ରା: ବିଦ୍ୟାଳୟରେ ଶିଶୁ ବାଟିକାରେ ଶିଶୁ ସେବିକା ଭାବେ କାର୍ଯ୍ୟ କରିବା ପାଇଁ ୬ ଜଣ ପ୍ରାର୍ଥୀନୀ ଆବେଦନ କରିଥିଲେ। ସେଥିମଧ୍ୟରୁ ବିଦ୍ୟାଳୟ ପରିସରରେ ଚୟନ ପ୍ରକ୍ରିୟାରେ ୬ଜଣ ପ୍ରାର୍ଥୀନୀ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ସଧବା ମହିଳା ସୁମିତ୍ରା ଦାସଙ୍କୁ ପ୍ରାର୍ଥୀନୀ ଭାବେ ଚୟନ କରାଯାଇଥିଲା। ଉକ୍ତ ଶିଶୁ ସେବିକା ଚୟନ ବେଳେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଶୋକ ମହାନ୍ତି, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି, ସଭ୍ୟ, ସଭ୍ୟା ଓ ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ପର୍ଯ୍ୟବେକ୍ଷକ ଓ ସିଆରସିସି ଉପସ୍ଥିତ ଥିଲେ। ମାତ୍ର ଚୟନ କମିଟି ସଠିକ ପ୍ରାର୍ଥିନୀଙ୍କୁ ମନୋନୀତ ନ କରିବା ସେମାନଙ୍କର ସଠିକ କାଗଜପତ୍ର ଯାଞ୍ଚ ନ କରିବା ଏବଂ ସେମାନଙ୍କର ଯୋଗ୍ୟତାକୁ ସଠିକ ମୂଲ୍ୟାଙ୍କନ ନ କରି ଶିଶୁ ସେବିକା ଚୟନ ପ୍ରକ୍ରିୟାରେ ବ୍ୟାପକ ଚଞ୍ଚକତା ଓ ଅନିୟମିତତା ଅଭିଯୋଗ କରି ସଠିକ ପ୍ରକ୍ରିୟାରେ ପ୍ରାର୍ଥୀନୀ ଚୟନ କରିବା ପାଇଁ ଦାବି କରିବା ସହିତ ନ୍ୟାୟ ନ ମିଳିଲେ ଅଭିଭାବକ ମାନଙ୍କୁ ନେଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ବିଷୟରେ ବାଲେଶ୍ୱର ଜିଲ୍ଲାପାଳ, ଜିଲ୍ଲା ଶିକ୍ଷାଧିକାରୀ ଓ ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଦାବୀ ପତ୍ର ପ୍ରଦାନ କରିବା ବିଷୟରେ ପ୍ରାର୍ଥୀନୀ ସୁଲୋଚନା ଦାସ ଅଭିଯୋଗ ପତ୍ର ଦେଇଛନ୍ତି। ଏ ବିଷୟରେ ଭୋଗରାଇ ଅତିରିକ୍ତ ଶିକ୍ଷାଧିକାରିଣୀ ଜ୍ୟୋସ୍ନାରାଣୀ ପଣ୍ଡା କହିଛନ୍ତି ବିଦ୍ୟାଳୟରୁ ଯାଞ୍ଚ କମିଟିର ଉପଯୁକ୍ତ କାଗଜପତ୍ର ଆମ ପାଖରେ ପହଁଚିଲେ ଯାଞ୍ଚ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

## ଶ୍ରମକୋଡ଼୍‌କୁ ବିରୋଧ କରି ଶ୍ରମିକଙ୍କ ବିକ୍ଷୋଭ



ବାଲେଶ୍ୱର,୨।୪(ସମିସ): କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଚଳିତ ଶ୍ରମ ଆଇନଗୁଡିକୁ ସଂଶୋଧନ କରି ୪ଟି ଶ୍ରମକୋଡ ଲାଗୁ କରିଛନ୍ତି। ଏହି କୋଡକୁ ବିରୋଧ କରି୨୦୨୦ମସିହାରୁ ସମଗ୍ର ଦେଶରେ ସମସ୍ତ କେନ୍ଦ୍ରୀୟ ଶମିକ ସଙ୍ଗଠନ ଓ ସ୍ୱାଧୀନ ଫେଡେରେସନମାନେ ମିଳିତ ଭାବେ ବିଭିନ୍ନ ପର୍ଯ୍ୟାୟରେ ଆନ୍ଦୋଳନ କରି ଆସୁଛନ୍ତି। ଗତ ଫେବ୍ରୁଆରୀ ୧୨ତାରିଖରେ ଶ୍ରମଜୀବୀମାନେ ଭାରତବନ୍ଦ ଆହ୍ୱାନ ଦେଇଥିଲେ। ଏହାକୁ ନେଇ ଆଜି ବାଲେଶ୍ୱରର ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ସଂଘମାନେ ବାଲେଶ୍ୱର ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଡିଭିଜନାଲ ଶ୍ରମ କମିଶନର ସନ୍ତୋଷ କୁମାର ମହାନ୍ତିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଶ୍ରମକୋଡକୁ ବାତିଲ କରିବା ପାଇଁ ଓ ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥର ଅହେତୁକ ଦରବୃଦ୍ଧିକୁ ବିରୋଧ କରାଯାଇଛି। ଏହି ବିକ୍ଷୋଭ ସମାବେଶରେ ରାଜକିଶୋର ଲେଙ୍କା ଅଧ୍ୟକ୍ଷତା କରିଥିଲେ। ଟ୍ରେଡ ୟୁନିୟନମାନଙ୍କ ମିଳିତ ମଂଚର ସାଧାରଣ ସମ୍ପାଦକ ତଥା ଆବାହକ ଗୌରାଙ୍ଗ ପାଣିଗ୍ରାହୀ କେନ୍ଦ୍ର ସରକାରଙ୍କ ଦ୍ୱାରା ପୁଞ୍ଜିପତିଙ୍କ ସ୍ୱାର୍ଥରେ ଏହି ୪ଟି କୋଡ ପ୍ରଣୟନ କରାଯାଇଥିବା କହିଥିଲେ। ଏହି ବିକ୍ଷୋଭ ସମାବେଶରେ ଆଇଏନଟିୟୁସି, ଏଆଇଟିୟୁସି, ସିଆଇଟିୟୁ, ଏଚଏମଏସ, ଏଆଇୟୁଟିୟୁସି ଓ ଟିୟୁସିସି, ଏନଏପିଏମର ପ୍ରମୁଖ ନେତାମାନେ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ ବିରୋଧି ଓ ଜନବିରୋଧୀ ପୁଞ୍ଜିପତି ତୋଷଣ ନୀତିକୁ ଦୃଢ଼ ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଗବତ ପ୍ରତିହାରୀ, ଅରୁଣ କୁମାର ସ୍ୱାଇଁ, ବାସନ୍ତୀ ସାମଲ, ଶିଶିର ହୁଇ, ଉମାକାନ୍ତ ଦାସ, ଜୀବନ କିଶୋର ବାରିକ, ପିତାମ୍ବର ମାଝୀ, ମାୟାଧର ନାୟକ, ବୀମା କର୍ମଚାରୀ ନେତା ଶ୍ୟାମସୁନ୍ଦର ଜେନା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

## ବାଲେଶ୍ୱର ଷ୍ଟେସନରେ ଏସ୍‌ଆଇଜି ନିରୀକ୍ଷଣ



ବାଲେଶ୍ୱର,୨।୪ (ସମିସ): ଖଡ଼ଗପୁର ରେଳ ବିଭାଗର ଅତିରିକ୍ତ ବିଭାଗୀୟ ରେଳ ପ୍ରବନ୍ଧକ ଦେବଜିତ ଦାସ ଆଜି ବାଲେଶ୍ୱର ରେଳଷ୍ଟେସନ ସହିତ ଜଳେଶ୍ୱର ରେଳଷ୍ଟେସନରେ ସର୍ଭିସ ଇମ୍ପ୍ରୁଭମେଣ୍ଟ ଗ୍ରୁପ୍ (ଏସ୍‌ଆଇଜି) ନିରୀକ୍ଷଣ କରିଛନ୍ତି। ନିରୀକ୍ଷଣ ତଥା ଯାଞ୍ଚ ସମୟରେ ଯାତ୍ରୀ ସୁବିଧା, ପରିଷ୍କାରତା ଓ ଢାଞ୍ଚାଗତ ବିକାଶ କାମର ସମୀକ୍ଷା କରିଛନ୍ତି। ବାଲେଶ୍ୱର ଷ୍ଟେସନରେ ୟୁଟିଲିଟି ବିଲ୍ଡିଂ ସ୍ଥାନାନ୍ତର କାମ, ଅମୃତ ଷ୍ଟେସନ ପୁନର୍ବିକାଶ ଓ ଯାତ୍ରୀ ସୁବିଧା ଉପରେ ସମୀକ୍ଷା କରାଯାଇଥିଲା। କାମ ସମୟରେ ଯାତ୍ରୀମାନଙ୍କୁ କମ୍ ଅସୁବିଧା ହେବା ସହ କାର୍ଯ୍ୟକୁ ଦ୍ରୁତ ଓ ସୁଚାରୁ ଭାବେ କରିବାକୁ ସେ ଗୁରୁତ୍ୱ ଦେଇଥିଲେ। ପରବର୍ତ୍ତୀ ସମୟରେ ଜଳେଶ୍ୱର ଷ୍ଟେସନରେ ନିରୀକ୍ଷଣ ସମୟରେ ଶ୍ରୀ ଦାସ ଯାତ୍ରୀ ସୁବିଧା, ରେଳ କ୍ୱାର୍ଟର୍ସ ଓ କଲୋନୀ ଯାଞ୍ଚ କରିଥିବା ସହ ଅମ୍ରିତ ଷ୍ଟେସନ ଯୋଜନା ଅଧୀନରେ ଚାଲୁଥିବା ପୁନର୍ବିକାଶ କାମର ଗତି ଖତିଆନ କରିଥିଲେ। ସେ କାମର ଗୁଣବତ୍ତା ରଖି ସମୟରେ ସମାପ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ହାଇଦରାବାଦରେ ଦୁର୍ଘଟଣାରେ ପ୍ରବାସୀ ଓଡ଼ିଆ ଯୁବକଙ୍କ ମୃତ୍ୟୁ

ବାଲେଶ୍ୱର(ଉତ୍ତର),୨।୪ (ସମିସ) : ଗତ ମଙ୍ଗଳବାର ବିଳମ୍ବିତ ରାତିରେ ହାଇଦରାବାଦରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣାରେ ଜଣେ ଓଡିଆ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତ ଯୁବକ ଜଣକ ହେଉଛନ୍ତି କମର୍ଦ୍ଦା ଥାନା ନହରା ପଞ୍ଚାୟତ ବଡମନ୍ଦାରୁଣୀ ଗ୍ରାମର କାହ୍ନୁ ଚରଣ ରାଉଳଙ୍କ ପୁତ୍ର ସଚିନ୍(୨୬)। ସେହିପରି ଗୁରୁତର ହୋଇଥିବା ଯୁବକ ଜଣକ ହେଉଛନ୍ତି ନହରା ଗ୍ରାମର ରୁପକ ଦେ(୨୬)। ଉଭୟ ଭଲ ସାଙ୍ଗ ବୋଲି ଜଣା ପଡିଛି। ସଚିନ୍ ତେଲେଙ୍ଗାନା ପ୍ରଦେଶର ହାଇଦ୍ରାବାଦ ସ୍ଥିତ ନିଗମପଲ୍ଲୀ ଅମିନପୁର ଅଞ୍ଚଳରେ ନିଜ ବାପାମା ଓ ଭଉଣୀଙ୍କ ସହ ରହୁଥିବା ବେଳେ ସେଠାରେ ହୋଟେଲ ବ୍ୟବସାୟ କରୁଥିଲେ। ରୁପକ ମଧ୍ୟ ତାଙ୍କ ହୋଟେଲରେ ଜଣେ କର୍ମଚାରୀ ଭାବେ କାମ କରୁଥିଲେ। ଗତକାଲି ରାତିରେ ସଚିନ୍ ଓ ରୁପକ କୌଣସି ଏକ ଭୋଜିକୁ ଯାଇ ରାତି ୩ ଟା ସମୟରେ ବାଇକ୍‌ରେ ନିଜ ନିଜର ଭଡ଼ା ଘରକୁ ଫେରୁଥିଲେ। ସେହି ହାଇଦ୍ରାବାଦ ସହରର ଅବଦୁଲଗଞ୍ଜ ଅଞ୍ଚଳରେ ଉଭୟ ଦୁର୍ଘଟଣାଗ୍ରସ୍ତ ହୋଇଥିବା ବେଳେ ଘଟଣାସ୍ଥଳରେ ହିଁ ସଚିନ୍‌ଙ୍କ ମୃତ୍ୟୁ ହୋଇ ଯାଇଛି ଓ ରୁପକଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ସଚିନ୍‌ଙ୍କ ମୃତ୍ୟୁରେ ପ୍ରାକ୍ତନ ବ୍ଲକ ଉପାଧ୍ୟକ୍ଷ ରବିନ୍ଦ୍ର ନାଥ ପ୍ରଧାନ, ଯୁବନେତା ସୁବ୍ରତ ପ୍ରଧାନ, ସୁଶାନ୍ତ ଘୋଷ, ସମାଜସେବୀ ରମେଶ ଚନ୍ଦ୍ର ରାଉଳ, ବେଣୁଧର ରାଉଳ, ଜଗଦିଶ ଚନ୍ଦ୍ର ପରିଡା ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି। ସଚିନଙ୍କ ମରଶରୀର ହାଇଦ୍ରାବାଦରେ ସତ୍କାର କରାଯିବ ବୋଲି ପରିବାର ଲୋକେ ସୂଚନା ଦେଇଛନ୍ତି।

## ଟ୍ୟାଙ୍କ୍ ଲରି ୱାର୍କର୍ସ ୟୁନିଅନ ପକ୍ଷରୁ କଳା ଦିବସ ପାଳନ

ନୀଳଗିରି, ୨।୪ (ସମିସ): କେନ୍ଦ୍ରରେ ବିଜେପି ସରକାର ଶ୍ରମିକ ବିରୋଧି ଚାରୋଟି ଶ୍ରମ କୋଡ୍‌କୁ ଏପ୍ରିଲ ଏକ ତାରିଖ ରେ କାର୍ଯ୍ୟକାରୀ କରିଛନ୍ତି। ସାରା ଭାରତରେ ଉକ୍ତ ଦିବସ କୁ ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ତରଫରୁ



କଳା ଦିବସ ରୂପେ ପାଳନ କରାଯାଇଛି। ସୋମନାଥପୁରସ୍ଥିତ ଟ୍ୟାଙ୍କ୍ ଲରି ୱାର୍କର୍ସ ୟୁନିଅନ ତରଫରୁ କଳା ଦିବସ ପାଳନ କରାଯାଇଛି। ଟ୍ୟାଙ୍କ୍ ଲୋରି ୱାର୍କର୍ସ ୟୁନିଅନ ର ସାଧାରଣ ସମ୍ପାଦକ ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ସଂଘର ସମସ୍ତ ସଦସ୍ୟମାନେ କଳା ବ୍ୟାଜ୍ ପରିଧାନ କରି କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧି ଚାରୋଟି ଶ୍ରମ କୋଡ୍‌କୁ ପ୍ରତ୍ୟାହାର ଦାବିରେ ସ୍ଲୋଗାନ ମାନ ଦେଇଥିଲେ। ସାଧାରଣ ସମ୍ପାଦକ ବିଜୟ କୁମାର ପାତ୍ର, ସେକ୍ ମୋବାରକ, ଶୈଳେଶ ଠାକୁର, ଅମର ରାଉତ, ସଞ୍ଜୟ ଯାଦବ, ସଂଜୀବ ମଲ୍ଲିକ, ଅକ୍ଷୟ ସ୍ୱାଇଁଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ପାଣି ଚିନ୍ତାରେ ଆଦିବାସୀ ସମ୍ପ୍ରଦାୟ

# ତିନିମାସ ହେଲା ନଳକୂପ ଅଚଳ

ବାଲିଆପାଳ, ୨।୪ (ସମସ)



ସରକାରଙ୍କ ପକ୍ଷରୁ ତୃଣମୂଳ ସ୍ତରରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ବସୁଧା ଭଳି ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। କିନ୍ତୁ ବାସ୍ତବ ଚିତ୍ର କିଛି ଅଲଗା ବୟାନ କରୁଛି। ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ କୁଣ୍ଡୁଳି ପଞ୍ଚାୟତ ଦାଣ୍ଡିପଦା ଆଦିବାସୀ ସାହିରୁ ଆସିଛି ଏଭଳି ଏକ ଖବର। ଯେଉଁଠି ଗ୍ରୀଷ୍ମଋତୁ ଆରମ୍ଭରୁ ହିଁ ପାଣି ପାଇଁ ତହଳବିକଳ ହେଉଛନ୍ତି ଆଦିବାସୀ ସମ୍ପ୍ରଦାୟର ଲୋକେ। ଧୀରେ ଧୀରେ ଖରା ବଢ଼ୁଛି। ଆଉ ଏହା ସାଙ୍ଗକୁ ତାଳ ଦେଇ ବଢୁଛି ଜଳ ଯନ୍ତ୍ରଣା। ଗତ ତିନି ମାସ ହେଲା ଏହି ସାହି ଭିତରେ ଏକମାତ୍ର ନଳକୂପ ଏବେ ଅଚଳ ହୋଇଯାଇଛି। ସାହି ଭିତରେ ଥିବା ୧୨ ଟି ପରିବାରର ୪୦ ରୁ ଉର୍ଦ୍ଧ ଲୋକେ ଏବେ ଏକ କିଲୋମିଟର ଦୂରରେ ଥିବା ଅନ୍ୟ ଗାଁର ବ୍ୟକ୍ତିଗତ ବୋରୱେଲ ପାଣି ଉପରେ ନିର୍ଭର କରୁଛନ୍ତି। ଗ୍ରାମର ଲୋକଙ୍କ ଅଭିଯୋଗ ଅନୁସାରେ ସାହି ଭିତରେ ଥିବା ନଳକୂପ ଆଜକୁ ଦୀର୍ଘ ଦୁଇବର୍ଷ ହେବ ଗ୍ରୀଷ୍ମ ଋତୁ ଆସିବା ପୂର୍ବରୁ ଭୂତଳ ଜଳ କମିଯିବାରୁ ଅକାମି ହୋଇଯାଉଛି। ଯାହା ଫଳରେ ସମସ୍ତ ପରିବାର ପାଣି ବୁନ୍ଦାଏ ପାଇଁ ପ୍ରତି ବର୍ଷ ଭଳି ଚିନ୍ତାରେ ରହୁଛନ୍ତି। ଚଳିତ ବର୍ଷ ଗତ ତିନି ମାସ ହେବ ଏହି ନଳକୂପ ଅକାମି ହେବାରୁ ବର୍ତ୍ତମାନ ସାହି ଭିତରେ ପାଣି ସଙ୍କଟ ଦେଖାଦେଇଛି। ପାଣି ସମସ୍ୟା ବାବଦରେ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚ ଜୟନ୍ତ ଦାସଙ୍କୁ ଜଣାଇଥିଲେ ବି ସମାଧାନ ପୂର୍ବ ବର୍ଷ ଭଳି ଶୂନ ଦେଖିବାକୁ ମିଳିଛି। ପ୍ରଶାସନ ତରଫରୁ ବସୁଧା ଯୋଜନାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଏହି ଆଦିବାସୀ ସାହି ମୁଣ୍ଡ ପର୍ଯ୍ୟନ୍ତ ପାଣି ପାଇପ ବିଛାଯାଇଥିଲେ ବି ପାଣି ବାହାରୁ ନାହିଁ। ସାହି ଭିତରେ ସମସ୍ତ ଆଦିବାସୀ ଅଶିକ୍ଷିତ ଓ ସରକାରୀ ନିୟମ ଜାଣିନଥିବା ହେତୁ ନିଜ ପଞ୍ଚାୟତର ସମସ୍ତ ରାଜନୈତିକ ଦଳର ନେତୃବୃନ୍ଦଙ୍କୁ ପାଣି ପାଇଁ ବାରମ୍ବାର ଗୁହାରି କରିଥିଲେ ବି ଆଦିବାସୀ ଲୋକଙ୍କ ପ୍ରତି କାହାରି ମାନବିକତା ଜାଗିନାହିଁ। ନଳକୂପ ଅଚଳ ଥିଲେ କିମ୍ବା ପାଇପ ଯୋଗେ ପାନୀୟ ଜଳର ସମସ୍ୟା ଦେଖାଦେଲେ ପ୍ରତ୍ୟେକ ଗ୍ରୀଷ୍ମ ଋତୁରେ ଗାଡ଼ିରେ ଟାଙ୍କି ସାହାଯ୍ୟରେ ପାଣି ବାଣ୍ଟିବା ପାଇଁ ସରକାରୀ ନିୟମ ଥିଲେ ବି ଆଜି ପର୍ଯ୍ୟନ୍ତ ଏମାନେ ନିଜ ସାହି ଭିତରେ ପାନୀୟ ଜଳ ପାଇବାରୁ ବଞ୍ଚିତ ଅଛନ୍ତି। ଏହି ଆଦିବାସୀ ସାହି ଭିତରେ ଦେଖାଦେଇଥିବା ପାନୀୟ ଜଳ ସମସ୍ୟା ବାବଦରେ ସାମାଜିକ କର୍ମୀ ରାଜକିଶୋର ପାତ୍ର ବସୁଧା ହେଲ୍ପ ଲାଇନ ନମ୍ବର ୧୯୧୬ ଜରିଆରେ ଅଭିଯୋଗ କରିବା ସହିତ ବାଲିଆପାଳ ବ୍ଲକ ବିଡ଼ିଓ ରାଧାରଞ୍ଜନ ଦାସଙ୍କୁ ଜଣାଇଥିଲେ। ପରେ ସମସ୍ୟାର ସମାଧାନ ନିମନ୍ତେ ଗ୍ରାମ୍ୟ ପାନୀୟ ଜଳ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ବିଡ଼ିଓ ଶ୍ରୀ ଦାସ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି। ମାତ୍ର ଆଜି ପର୍ଯ୍ୟନ୍ତ ଏହି ଆଦିବାସୀ ସମ୍ପ୍ରଦାୟ ଲୋକଙ୍କ ପାନୀୟ ଜଳ ସମସ୍ୟା ସମାଧାନ ହୋଇନାହିଁ। ରାଜେଶ ସୋରେନ, ମୋହନ ହେମ୍ବ୍ରମ, ଚକ୍ରଧର ମାରାଣ୍ଡି, ମଧୁ ହେମ୍ବ୍ରମ ଭଳି ପ୍ରମୁଖ ଗ୍ରାମବାସୀ ପୂର୍ବରୁ ଥିବା ଅଚଳ ନଳକୂପକୁ ମରାମତି ବା ନୂତନ ନଳକୂପ ନିର୍ମାଣ ବା ସାମୟିକ ଭାବେ ଟାଙ୍କି ଯୋଗେ ପାନୀୟ ଜଳ ବଣ୍ଟନ ପାଇଁ ଦାବି କରିଛନ୍ତି।

## ଧର୍ମପରାୟଣଙ୍କ ପରଲୋକ

ଭୋଗରାଇ, ୨।୪ (ସମିସ) : ଭୋଗରାଇ ବ୍ଲକ୍ ଜୟରାମପୁର ପଂଚାୟତର ଧର୍ମ ପରାୟଣ, ଅତ୍ୟନ୍ତ ସରଳ, ମିଷ୍ଟଭାଷୀ ବ୍ୟକ୍ତି ଉଦୟ ସେଠୀଙ୍କ ୮୦ବର୍ଷ ବୟସରେ ଗୁରୁବାର ପରଲୋକ ହୋଇଛି। ଆଦରରେ ସମସ୍ତେ ତାଙ୍କୁ ବଧିଆ ଭାଇ ବୋଲି ଡାକୁଥିଲେ। ତାଙ୍କ ବିୟୋଗରେ ସମାଜସେବୀ ପଣ୍ଡିତ ସୁଶାନ୍ତ ପାଣିଗ୍ରାହୀ, ସ୍ଥାନୀୟ ସରପଞ୍ଚ ଦୀପ୍ତିରାଣୀ ମିଶ୍ର, ସମାଜସେବୀ ହରି ନାରାୟଣ ଜେନା ପ୍ରମୁଖଙ୍କ ସମେତ ବହୁ ବ୍ୟକ୍ତି ଶୋକ ପ୍ରକାଶ କରିବା ସହ ଶେଷ ଦର୍ଶନ କରିଛନ୍ତି। ଗାଁ ମଶାଣିରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ଯାଜପୁର ମୁଖ୍ୟ ଡାକ୍ତରଖାନାରେ ଅଘଟଣ

# ଚିକିତ୍ସା ଅବହେଳାରୁ ରୋଗୀ ମୃତ୍ୟୁ; ଉତ୍ତେଜନା

**ଯାଜପୁର, ୨।୪(ସମିସ)**

ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ଅବହେଳାରୁ ଜଣେ ମହିଳା ରୋଗୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। କୁଆଖିଆ ଥାନା ଗୋପୀନାଥପୁର ଅଞ୍ଚଳର ମନ୍ଦି ପରିଡ଼ା ନାମକ ମହିଳା ଗତକାଲି ରାତିରେ ପେଟରେ ଯନ୍ତ୍ରଣା କାରଣରୁ ଯାଜପୁର ମୁଖ୍ୟ ଚିକିତ୍ସାଳୟ ଆସିଥିଲେ। ସକାଳୁ ନର୍ସ ତାଙ୍କୁ ଏକ ଇଞ୍ଜେକସନ ଦେଇଥିଲେ। ଏହାର କିଛି ସମୟ ପରେ ତାଙ୍କର ଛାତିରେ ଯନ୍ତ୍ରଣା ହୋଇଥିଲା। ପରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁଁ ରୋଗୀଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଏହାକୁ ନେଇ କିଛି ସମୟ ପାଇଁ ଡାକ୍ତରଖାନାରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଅଭିଯୋଗ ପାଇବା ପରେ ଡାକ୍ତରଖାନା କର୍ତ୍ତୃପକ୍ଷ ଏହାର ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଡାକ୍ତରଖାନା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଅନ୍ୟପଟେ ତ୍ରୁଟିପୂର୍ଣ୍ଣ ଚିକିତ୍ସା କରିଥିବା କର୍ମଚାରୀ ଓ ମେଡିକାଲ କର୍ତ୍ତୃପକ୍ଷଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୃତକଙ୍କ ପରିବାର ପକ୍ଷରୁ ଦାବି କରାଯାଇଛି।



# ରାସ୍ତାକଡ଼ରୁ ଗଛ ଲୁଟ୍, ଶୋଇଛି ବନବିଭାଗ

**ବିଞ୍ଝାରପୁର, ୨।୪(ସମିସ):** ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଉଥିବା ବେଳେ ଜଙ୍ଗଲ କ୍ଷୟ ଚିନ୍ତାର ବିଷୟ ପାଲଟିଛି। ବିଭିନ୍ନ ସ୍ଥାନରେ କାଠ ମାଫିଆଙ୍କ ଦ୍ୱାରା ସରକାରୀ ଜାଗାରୁ ଅବାଧରେ ଗଛକାଟି ନେଇଯିବା ଘଟଣା ବିଞ୍ଝାରପୁର ଅଞ୍ଚଳରେ ମୁଖ୍ୟ ଆଲୋଚନା ବିଷୟବସ୍ତୁ ପାଲଟିଛି। ଖବର ମୁତାବକ ବିଞ୍ଝାରପୁର ତହସିଲ ସିଂହପୁର ଅଞ୍ଚଳରେ ଦ୍ୱିପହରରେ କାଠ ମାଫିଆମାନେ ସକ୍ରିୟ ହୋଇଉଠୁଛନ୍ତି। ସିଂହପୁର ଓଳାଭର ମୁଖ୍ୟ ରାସ୍ତାର ଓଳେଇ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ଓ ଦରିଆ ନାହାକାଣୀ ପିଠକୁ ଯିବା ରାସ୍ତାର ଉଭୟ ପାର୍ଶ୍ୱରେ ଲଗାଯାଇଥିବା ଆକାଶି ଗଛଗୁଡ଼ିକୁ ବୈଦ୍ୟୁତିକ କରତ ସାହାଯ୍ୟରେ କାଟି ରାତାରାତି ବାହାରକୁ ଚାଲାଣ କରାଯାଉଛି। ଏହି ବେଆଇନ ଗଛ କଟା ସ୍ଥାନୀୟ ରାଜନୈତିକ ନେତାଙ୍କ ଛତ୍ରଛାୟାରେ ରହି କାଠ ମାଫିଆ ମାନେ ଦିନ ଦ୍ୱିପହରରେ କରୁଛନ୍ତି। ସେମାନେ ଏହି ଗଛ କାଟି ଚୋରା ଚାଲାଣ କରୁଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ଏପରିକି ଏଥିପ୍ରତି ତହସିଲ ପ୍ରଶାସନ କିମ୍ବା ବନ ବିଭାଗର କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା ଦ୍ୱାରା ମାଫିଆଙ୍କ ସହ ତହସିଲ ପ୍ରଶାସନ ଓ ବନ ବିଭାଗର ଅନୈତିକ ସଲାସୁତୁରା ଯୋଗୁଁ ଏହି ବେଆଇନ ଗଛ କଟା ହେଉଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ସରକାର ଗୋଟିଏ ଗଛ କଟିଲେ ଦଶଟି ଗଛ ଲଗାଇବା କଥା କହୁଛନ୍ତି, କିନ୍ତୁ ବାସ୍ତବ କ୍ଷେତ୍ରରେ କେବଳ ପୁରୁଣା ଗଛ କଟା ଚାଲିଛି। ଏହି ବେଆଇନ ଗଛ କଟା ସମ୍ପର୍କରେ ଯାଜପୁରରୋଡ ବନାଞ୍ଚଳ ଅଧିକାରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପଚାରିବାରୁ ସେ ଏହି ବେଆଇନ ଗଛ କଟା ସମ୍ପର୍କରେ କୌଣସି ଖବର ନଥିବା କହିଛନ୍ତି। ସ୍ୱଷ୍ଟ ଦିବାଲୋକରେ ହେଉଥିବା ଗଛ କଟାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଥିବାବେଳେ ଯାଜପୁରରୋଡ୍ ରେଞ୍ଜରଙ୍କ ପାଖରେ କିପରି ଖବର ନାହିଁ ତାହାକୁ ନେଇ ନାନା ସନ୍ଦେହ ଦେଖାଦେଇଛି। ଗଛ ଲୁଟେରା ଓ ବନ ବିଭାଗ ଅଧିକାରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକାରେ ଏଭଳି ବେଆଇନ କାରବାର ହେଉଥିବା ଚର୍ଚ୍ଚା ହେଉଛି। ଏ ଦିଗରେ ତଦନ୍ତ କରାଯିବାକୁ ଦାବି ହେଉଛି।



## କୈବର୍ତ୍ତ ସମାଜ ପକ୍ଷରୁ ଚୈତ୍ର ପୂର୍ଣ୍ଣିମା ଉତ୍ସବ

**ବିଞ୍ଝାରପୁର, ୨।୪(ସମିସ):** କୈବର୍ତ୍ତ ସମାଜରେ ଚୈତ୍ର ପୂର୍ଣ୍ଣିମାକୁ ଏକ ପବିତ୍ର ଦିବସ ଭାବରେ ଅତ୍ୟନ୍ତ ଭକ୍ତିଭାବର ସହ ପାଳନ କରାଯାଇଥାଏ। ପୂର୍ଣ୍ଣିମା ଦିନଠାରୁ ଆରମ୍ଭ ହୋଇ ୮ ଦିନ ବ୍ୟାପୀ ଏହି ଉତ୍ସବ ପ୍ରଥା ଓ ପରମ୍ପରା ଅନୁଯାୟୀ ଜାକଜମକରେ ଅନୁଷ୍ଠିତ ହୋଇଥାଏ। ଚୈତ୍ର ପୂର୍ଣ୍ଣିମା ଅବସରରେ କୈବର୍ତ୍ତ ସମାଜର ପ୍ରତ୍ୟେକ ପରିବାରର ସଦସ୍ୟ ପ୍ରାତଃକାଳରୁ ସ୍ନାନ କରି ନବବସ୍ତ୍ର ପରିଧାନ କରନ୍ତି। ପରେ ନିଜ ନାବପୂଜା ଓ ଇଷ୍ଟଦେବତାଙ୍କ ପୂଜାରେ ସାମିଲ ହୋଇ ସମସ୍ତଙ୍କ କଲ୍ୟାଣ ପାଇଁ ପ୍ରାର୍ଥନା କରନ୍ତି। ଏହି ପ୍ରଥାକୁ ଅବିଚ୍ଛିନ୍ନ ରଖି ବିଞ୍ଝାରପୁର ବ୍ଲକର ଗୌଡ଼ସାହି ଗ୍ରାମରେ କୈବର୍ତ୍ତ ସମାଜର ଦଳପତି ରାମଚନ୍ଦ୍ର ବେହେରାଙ୍କ ଆବାହକତ୍ୱରେ ଗୁରୁବାରଠାରୁ ଚୈତ୍ର ପୂର୍ଣ୍ଣିମା ଉତ୍ସବର ଶୁଭାରମ୍ଭ ହୋଇଛି। ଏହି ଅବସରରେ ପ୍ରତ୍ୟୁଷରୁ କୁଳପୁରୋହିତ ରତ୍ନାକର ମିଶ୍ରଙ୍କ ଦ୍ୱାରା ନାବପୂଜା କରାଯାଇଥିଲା। ପରେ ଇଷ୍ଟ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ କଳସ ଯାତ୍ରା, ପ୍ରାଣପ୍ରତିଷ୍ଠା, ମହାସ୍ନାନ, ଶୋଡ଼ଶ ଉପଚାର ପୂଜା, ହୋମଯଜ୍ଞ ଓ ନୈବେଦ୍ୟ ଅର୍ପଣ ଆଦି



ବିଧିବିଧାନ ସମ୍ପନ୍ନ ହୋଇଥିଲା। ଉତ୍ସବର ପରବର୍ତ୍ତୀ ଦିନଗୁଡ଼ିକରେ ଭଜନ, ସଂକୀର୍ତ୍ତନ, ଅଷ୍ଟପ୍ରହର ନାମଯଜ୍ଞ, ଘୋଡ଼ା ନାଚ, ଯୋଡ଼ାନାଚ ଓ ଉଜନ ସମାରୋହ ଭଳି ବିଭିନ୍ନ ସାଂସ୍କୃତିକ ଓ ଧାର୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସମୂହ ପ୍ରସାଦ ସେବନର ବ୍ୟବସ୍ଥା ମଧ୍ୟ ରହିଛି।

## ମା' ହିଙ୍ଗୁଳାଙ୍କ ଯଜ୍ଞ ଆରମ୍ଭ



**କୁଆଖିଆ, ୨।୪(ସମିସ):** ରସୁଲପୁର ବ୍ଲକ ଭୋଟକା ପଞ୍ଚାୟତ ବଇଁଚପଡ଼ିଆରେ ବିରାଜମାନ ହୋଇଥିବା ମା' ହିଙ୍ଗୁଳାଙ୍କ ୬୭ତମ ଯଜ୍ଞ ଉତ୍ସବ ଗୁରୁବାର ପ୍ରତ୍ୟୁଷରୁ ଆରମ୍ଭ ହୋଇଛି। ଏହି ଦିନ ମା' ହିଙ୍ଗୁଳା ଭକ୍ତଙ୍କୁ କାଳୀ ବେଶରେ ଦର୍ଶନ ଦେଇଛନ୍ତି। ମା'ଙ୍କ ଯଜ୍ଞୋତ୍ସବ ଅବସରରେ ଗାଁ ଗଣ୍ଡାରେ ନାନା ପ୍ରକାର ପୂଜାବିଧି ପାଳନ କରାଯାଉଛି। ପ୍ରତ୍ୟେକ ଦିନ ବଡ଼ି ଭୋରୁ ଗାଁ ଦାଣ୍ଡ ପୂଜା ଓ ପଣାପାଣିରେ ମହକୁଛି। ପ୍ରତ୍ୟେକ ଘର ଦୁଆରେ ଝିଅବୋହୂମାନେ ଗୋବରରେ ଦାଣ୍ଡକୁ ଧୋଇ, ସୁନ୍ଦର ଚିତାଝୋଟି ଉପରେ ଫୁଲ, ଦୁବ, ବରକୋଳିପତ୍ର, ଗୁଆ, ଚନ୍ଦନ, ଅରୁଆ ଚାଉଳ ଉପରେ ଭୋଗ ନୈବେଦ୍ୟ ଆଦି ପୂଜା କରିବା ପ୍ରଥାକୁ ଅତି ନିଖୁଣ ଭାବରେ ସମାପନ କରୁଛନ୍ତି। ରାତ୍ରି ସମୟରେ ପାକଶାଳା ବନ୍ଦ ରହୁଛି। ସନ୍ଧ୍ୟା ପୂର୍ବରୁ ହାଣ୍ଡିଶାଳରେ ରୋଷେଇ କାର୍ଯ୍ୟ ସମ୍ପନ୍ନ ହେଉଛି। ଯଜ୍ଞ ଉତ୍ସବ ଅବସରରେ ଘରେ ଆମିଷ ଦ୍ରବ୍ୟକୁ ନିଷେଧ କରାଯାଇଛି। ସକାଳ ଓ ସନ୍ଧ୍ୟାରେ ମା'ପୀଠରେ ଭକ୍ତମାନଙ୍କ ଅଜସ୍ର ଭିଡ଼ ଜମୁଥିବାର ପରିଲକ୍ଷିତ ହେଉଛି। ମନ୍ଦିର ଚତୁଃପାର୍ଶ୍ୱରେ ଥିବା ଗ୍ରାମଗୁଡ଼ିକରୁ ମା'ଙ୍କ ପୀଠକୁ ଭକ୍ତମାନଙ୍କର ଲମ୍ବା ଧାଡ଼ି ଲାଗୁଛି।

## ଧର୍ମପ୍ରାଣ ବ୍ୟକ୍ତିଙ୍କ ପରଲୋକ

**ପାଣିକୋଇଲି, ୨।୪(ସମିସ):** ଯାଜପୁର ବ୍ଲକ ବେରୁଦା ଗ୍ରାମ ପଞ୍ଚାୟତ ବେରୁଦା ଗ୍ରାମର ଧ୍ରୁବ ଚରଣ ସ୍ୱାଇଁ ଙ୍କର ପରଲୋକ ହୋଇ ଯାଇଛି। ସେ ଜଣେ ସମାଜସେବୀ, ପରୋପକାରୀ, ବିଭିନ୍ନ ଧର୍ମ ଅନୁଷ୍ଠାନରେ କର୍ମକର୍ତ୍ତା ଭାବରେ ରହି କାର୍ଯ୍ୟ ତୁଲାଇଥିଲେ। ମୃତ୍ୟୁ ବେଳକୁ ତାଂକୁ ୫୮ ବର୍ଷ ହୋଇଥିଲା। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ମଙ୍ଗଳପୁର ସିଏଚ୍‌ସି ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ

# ଅବଧି ଶେଷର ୨ ବର୍ଷ ପରେ ବି ସରୁନି କାମ

**ମଙ୍ଗଳପୁର, ୨।୪(ସମିସ)**

ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗେଇ ଦେବା ସହ ଭିତ୍ତିଭୂମିର ବିକାଶ ନିମନ୍ତେ ସରକାର କୋଟି କୋଟି ଟଙ୍କା ବ୍ୟୟବରାଦ କରୁଥିବାବେଳେ କେତେକ ସ୍ଥାନରେ ବେପରୁଆ ବିଭାଗୀୟ ଅଧିକାରୀ ଓ ଦୁର୍ନୀତିଗ୍ରସ୍ତ ଠିକାଦାରଙ୍କ ପାଇଁ ସରକାରୀ ଯୋଜନାର ସଫଳ ରୂପାୟନ ହୋଇପାରୁ ନ ଥିବା ଦେଖିବାକୁ ମିଳିଛି। ଏମିତି ଏକ ଘଟଣା ଘଟିଛି ଦଶରଥପୁର ବ୍ଲକ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ କ୍ଷେତ୍ରରେ। ୩୦ ଶଯ୍ୟା ବିଶିଷ୍ଟ ସ୍ୱାସ୍ଥ୍ୟ କେନ୍ଦ୍ରର ନିର୍ମାଣ ଦାୟିତ୍ୱ ଏମ୍‌ଏସ୍ ସରୋଜ କନଷ୍ଟ୍ରକସନ ନାମକ ଏକ ଠିକା ସଂସ୍ଥାକୁ ବିଭାଗ ପକ୍ଷରୁ ଦାୟିତ୍ୱ ଦିଆଯାଇଥିବା ବେଳେ ସ୍ୱାସ୍ଥ୍ୟ କେନ୍ଦ୍ରଟିର ନିର୍ମାଣ କାର୍ଯ୍ୟ ୧୧ମଇର ୨୦୨୨ରୁ ଆରମ୍ଭ ହୋଇ ୧୦ମଇ ୨୦୨୩ରେ ଶେଷ ହେବା ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ରହିଥିଲା। ଇତି ମଧ୍ୟରେ ପ୍ରାୟ ୨ ବର୍ଷରୁ ଊର୍ଦ୍ଧ୍ୱ ହେବ ଅବଧି ଶେଷ ହୋଇଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡ଼ିରହିଛି। କାର୍ଯ୍ୟସ୍ଥଳକୁ କୌଣସି ବିଭାଗୀୟ ଅଧିକାରୀ ଆସୁନଥିବା ବେଳେ ଠିକାଦାର ଜଣକ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ କରୁଥିବା ନେଇ



ସାଧାରଣରେ ଅଭିଯୋଗ ହୋଇଛି। ସେହିପରି ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ଯାଜପୁର ଜିଲ୍ଲାର ଦଶରଥପୁର ବ୍ଲକ, ଭଦ୍ରକ ଜିଲ୍ଲାର ଧାମନଗର ବ୍ଲକ ଓ ପଡ଼ୋଶୀ କେନ୍ଦ୍ରାପଡ଼ା ଜିଲ୍ଲାର ଆଳି ଏବଂ ରାଜକନିକା ବ୍ଲକର ଜନସାଧାରଣ ନିର୍ଭର କରିଥାନ୍ତି। ପ୍ରତିଦିନ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରାୟ ୪ ଶହରୁ ୫ ଶହ ରୋଗୀ ଆସିଥାନ୍ତି। ଅଭିଯୋଗ ମୁତାବକ କାର୍ଯ୍ୟାଦେଶ ପାଇଥିବା ଠିକାଦାର ଜଣକ ନିଜେ କାର୍ଯ୍ୟ ନ କରି ସ୍ଥାନୀୟ ଜଣେ ଠିକାଦାରଙ୍କ ଉପରେ କାର୍ଯ୍ୟର ଦାୟିତ୍ୱ ନ୍ୟସ୍ତ କରିଦେଇଥିବାରୁ ଠିକାଦାର ଜଣକ ଅଧିକ ଲାଭଖୋର ନୀତି ଆପଣାଇ ଏଭଳି ନିମ୍ନମାନର କାର୍ଯ୍ୟ କରୁଥିବା ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି। ପ୍ରାୟ ୬ ମାସରୁ ଊର୍ଦ୍ଧ୍ୱ ହେବ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ଥିବା ବେଳେ କେବେ ଏହି ସ୍ୱାସ୍ଥ୍ୟ କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଶେଷ ହେବ ସେ ନେଇ ଚିନ୍ତାରେ ଅଞ୍ଚଳବାସୀ। ଘରର ପ୍ଲାଷ୍ଟର କାର୍ଯ୍ୟ ଶେଷ କରିଥିଲେ ମଧ୍ୟ ଅନ୍ୟାନ୍ୟ ବହୁ କାର୍ଯ୍ୟ ବାକି ରହିଛି। ଠିକାଦାର ନିଜର ଇଚ୍ଛା ମୁତାବକ ନିର୍ମାଣ କାର୍ଯ୍ୟ କରୁଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ କୌଣସି ତଦାରଖ କରାଯାଉ ନଥିବା ଅଭିଯୋଗ ହୋଇଛି। ସେହିପରି ନିର୍ମାଣାଧୀନ ଘର ଏବେ ଗାଈଗୋରୁଙ୍କ ଆବାସସ୍ଥଳୀ ପାଲଟିଛି। ସ୍ଥାନୀୟ ଅଞ୍ଚଳରେ ଏହି ସ୍ୱାସ୍ଥ୍ୟ କେନ୍ଦ୍ରଟି ବେଶ ଗୁରୁତ୍ୱ ବହନ କରୁଥିବାରୁ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ ପାଇଁ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ପୂର୍ବ ସରକାର ସମୟରେ ଅର୍ଥ ମଞ୍ଜୁର କରାଇ କାର୍ଯ୍ୟ ଆରମ୍ଭ କରାଇଥିଲେ। ମାତ୍ର ଦୁର୍ନୀତିଗ୍ରସ୍ତ ତଥା ଲାଭଖୋର ଠିକାଦାରଙ୍କ ପାଇଁ ଏବେ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ କଚ୍ଛପ ଗତିରେ ଚାଲୁଥିବାବେଳେ କେବେ ଏହି ସ୍ୱାସ୍ଥ୍ୟ କେନ୍ଦ୍ରର ନିର୍ମାଣ କାର୍ଯ୍ୟ ସରିବ ଓ କେବେ ଜନସାଧାରଣ ଏହାର ସୁଫଳ ପାଇବେ ଏହାକୁ ନେଇ ଏବେ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିର୍ମାଣରେ ଅନିୟମିତତା ହେଉଥିବା ନେଇ ସ୍ଥାନୀୟ ଜନସାଧାରଣ ବାରମ୍ବାର ଦାବି କରିଆସୁଥିଲେ ମଧ୍ୟ ଠିକାଦାର ଜଣକ ସ୍ଥାନୀୟ ଜନସାଧାରଣଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ହୋଇଥିବା ବଡ଼ଧରଣର ଅନିୟମିତତାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଏଥିରେ ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର, ସ୍ଥାନୀୟ ବିଧାୟିକା ପ୍ରମିଳା ମଲ୍ଲିକ, ଯାଜପୁର ବିଧାୟିକା ସୁଜାତା ସାହୁ, ଯାଜପୁର ସାଂସଦ ରବି ନାରାୟଣ ବେହେରା ଓ ବିଜେପିର ପୂର୍ବତନ ଜିଲ୍ଲା ସଭାପତି ଗୌତମ ରାୟ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ମା ବିରଜାଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ଏବଂ ପ୍ରାକୃତିକ ଚିକିତ୍ସା ଶିବିର

**ଯାଜପୁର, ୨।୪(ସମିସ):** ସ୍ଥାନୀୟ ନାଥସାହି ମା' ବିରଜା ବିଶ୍ୱଜ୍ୟୋତି ସେବା ସମିତି ପକ୍ଷରୁ ପାଳସିଆହୁଡ଼ାଠାରେ ଜଗତଜନନୀ ମା' ବିରଜାଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଏହି ଅବସରରେ ଏହି ସ୍ଥାନରେ ଏକ ପ୍ରାକୃତିକ ଚିକିତ୍ସା ଶିବିର ଡା. ସୁବାସ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଶତାଧିକ ସ୍ଥାନୀୟ ଲୋକେ ପ୍ରାକୃତିକ ଚିକିତ୍ସା କରାଇବା ସହିତ ମା' ବିରଜାଙ୍କ ଦର୍ଶନ କରିଥିଲେ। ଏହି ଅବସରରେ ସନ୍ଧ୍ୟା ସମୟରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ପଣ୍ଡିତ ଭୂପତି ଭୂଷଣ ମିଶ୍ର ଏବଂ ଅଧ୍ୟାପକ ନିତ୍ୟାନନ୍ଦ ଦେଓ ଉପସ୍ଥିତ ରହି ପ୍ରବଚନ ମାଧ୍ୟମରେ ମା' ବିରଜାଙ୍କ ପ୍ରଚାର ପ୍ରସାର କରିଥିଲେ। ଆସନ୍ତା ଗୁରୁବାର ଚୈତ୍ର ପୂର୍ଣ୍ଣିମା ଦିନ ଏହି ଯଜ୍ଞର ପୂର୍ଣ୍ଣାହୁତି ହେବାକୁ କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଥିବା ବେଳେ ବିଶ୍ୱଶାନ୍ତି ବଜାୟ ନିମନ୍ତେ ମା' ବିରଜାଙ୍କ ଶରଣାପନ୍ନ ହୋଇ ସମସ୍ତ ଭକ୍ତ ମା' ବିରଜା ମହିମା ପ୍ରଚାର କରିବାକୁ କମିଟି ପକ୍ଷରୁ ଅନୁରୋଧ କରାଯାଇଛି।

# ଓଡ଼ିଆ ପକ୍ଷରେ ପାରମ୍ପରିକ ପୋଷାକ ପରିଧାନ କଲେ ସରକାରୀ ଅଧିକାରୀ ଓ କର୍ମଚାରୀ

**ଯାଜପୁର, ୨।୪(ସମିସ):** ଏପ୍ରିଲ ପହିଲାରୁ ୧୪ ତାରିଖ ଯାଏଁ ସାରା ରାଜ୍ୟରେ ଓଡ଼ିଆ ପକ୍ଷ ପାଳନ କରାଯାଉଛି। ଏହି ଅବସରରେ ଏପ୍ରିଲ ୨ ଏବଂ ୩ ରେ ପାରମ୍ପରିକ ପୋଷାକ ଦିବସ ପାଳନ କରାଯାଉଛି। ଏହାର ଥିମ୍ ରହିଛି 'ଆମ ପୋଷାକ, ଆମ ପରିଚୟ'। ଯାଜପୁରରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ମଧ୍ୟ ଏହାକୁ ଆନ୍ତରିକତାର ସହ ପାଳନ କରାଯାଇଛି। ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀଗଣ ଓ କର୍ମଚାରୀ ପାରମ୍ପରିକ ହସ୍ତତନ୍ତ ପୋଷାକ ପରିଧାନ କରିଥିଲେ। ସମ୍ବଲପୁରୀ ବସ୍ତ୍ର, ଶାଢ଼ି, ଖଦି ପୋଷାକ, ବ୍ରହ୍ମପୁରୀ ଇତ୍ୟାଦି ପାରମ୍ପରିକ ହାତବୁଣା ଓଡ଼ିଆ



ପୋଷାକ ପରିଧାନ କରିବା ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଫ୍ଲାଗପୋଷ୍ଟ ନିକଟରେ ସମସ୍ତେ ଏକତ୍ରିତ ହୋଇ ଫଟୋ ଉଠାଇଥିଲେ। ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଏଥିରେ ସାମିଲ ହୋଇଥିଲେ। ପାରମ୍ପରିକ ପୋଷାକ ପରିଧାନ ଯୋଗୁଁ କାର୍ଯ୍ୟାଳୟରେ ଏକ ସାଂସ୍କୃତିକ ପରିବେଶ ସୃଷ୍ଟି ହୋଇଥିଲା। ଓଡ଼ିଶାର ହସ୍ତତନ୍ତ ଶିଳ୍ପ ଏବଂ କାରିଗରୀକୁ ପ୍ରୋତ୍ସାହନ ଦେବା ସହ ଏହାର ପ୍ରଚାର ପ୍ରସାର ଲକ୍ଷ୍ୟ ନେଇ ଏହି ଦିବସ ପାଳନ କରାଯାଇଥିଲା।

# ନୀଳାଚଳ ମିଳିତ ମଞ୍ଚର ବାର୍ଷିକ କାର୍ଯ୍ୟନିର୍ବାହୀ ବୈଠକ ବିଶ୍ୱଜିତ ରାଜ ସଭାପତି ନିର୍ବାଚିତ

**ଦାନଗଦି, ୨।୪(ସମିସ):** ରାଜ୍ୟ ସରକାରଙ୍କ ଶ୍ରମ କାର୍ଯ୍ୟାଳୟ ଦ୍ୱାରା ପଞ୍ଜିକୃତ ନୀଳାଚଳ ମିଳିତ ମଞ୍ଚ ପକ୍ଷରୁ ପବିତ୍ର ଉତ୍କଳ ଦିବସ ଅବସରରେ ଯାଜପୁର ଜିଲ୍ଲା କଳିଙ୍ଗନଗରସ୍ଥିତ ଡୁବୁରୀ ଠାରେ ବାର୍ଷିକ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ଶ୍ରମିକନେତା ବିଶ୍ୱଜିତ ରାଜ ଏଥିରେ ଅଧ୍ୟକ୍ଷତା କରିଥିଲେ। କଳିଙ୍ଗ ନଗର ଶିଳ୍ପାଞ୍ଚଳରେ ନୀଳାଚଳ ମିଳିତ ମଞ୍ଚ ଏକମାତ୍ର ସଂଗଠନ ଯେ, କି କାରଖାନାର ଦୁର୍ଦ୍ଦିନ ପରିସ୍ଥିତିରେ କର୍ମଚାରୀଙ୍କ ଜୀବନ ଜୀବିକା ପାଇଁ ଦୀର୍ଘ ଦିନ ଧରି ଲଢ଼େଇ କରି ଅନେକ କଷ୍ଟ ଭୋଗିଥିଲା। ଚିଠି ପତ୍ର ଏବଂ କୋର୍ଟର ଦ୍ୱାରସ୍ଥ ହୋଇ ପ୍ଲାଣ୍ଟ କର୍ମଚାରୀଙ୍କ ଚାକିରି ସୁରକ୍ଷା ଓ ଦୀର୍ଘଦିନ ବାକିଆ ଦରମା ଦାବିରେ ସଫଳ ହୋଇଥିଲା। ସଭା ଆରମ୍ଭରେ କାର୍ଯ୍ୟକାରୀ ସଭାପତି ମିଳିତ ମଞ୍ଚର ସମସ୍ତ କର୍ମକର୍ତ୍ତାଙ୍କ ପରିଚୟ ପ୍ରଦାନ କରି ସଭାକୁ ସମ୍ବୋଧିତ କରିଥିଲେ। ଏହି ଅବସରରେ ବିଶ୍ୱଜିତ ରାଜଙ୍କୁ ସଭାପତି ଭାବେ ନିର୍ବାଚିତ କରାଯାଇଥିଲା।



କଳିଙ୍ଗ ନଗରରେ ବିଭିନ୍ନ କାରଖାନା ତଥା ନୀଳାଚଳ କର୍ମଚାରୀ ତାଙ୍କୁ ସ୍ୱାଗତ ଜଣାଇବା ସହିତ ରାଜ୍ୟ ସରକାରଙ୍କ ବିଭାଗୀୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ବିଭିନ୍ନ ସ୍ଥାନରେ ଉତ୍କଳ ଦିବସ

**ଦଶରଥପୁର, ୨।୪(ସମିସ)**

ଦଶରଥପୁର ବ୍ଲକ ବିଭିନ୍ନ ସରକାରୀ ଓ ଘରୋଇ ଅନୁଷ୍ଠାନରେ ୯୧ତମ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କସପା ପଞ୍ଚାୟତ ଅହିୟାସସ୍ଥିତ ପୋଷ୍ଟାଲ ଛକଠାରେ ସ୍ଥାନୀୟ ଉତ୍କଳ ଦିବସ ସମାରୋହ ସମିତି ଆନୁକୂଲ୍ୟରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ସମିତିର ସଭାପତି ଦିଗମ୍ବର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ସମାଜସେବୀ ଦୀନବନ୍ଧୁ ସାହୁ, ରମେଶ ସାମଲ, ଅଧ୍ୟାପକ ବିଜୟ ଦାସ, ପ୍ରାକ୍ତନ ନ୍ୟାୟାଧୀଶ ଚିନ୍ତାମଣି ପଣ୍ଡା, ଶିକ୍ଷାବିତ କୁଳମଣି ତ୍ରିପାଠୀ ପ୍ରମୁଖ ଯୋଗଦେଇ ଉତ୍କଳ ଗୌରବ ମଧୁସୂଦନ ଦାସ ଓ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଏହି ପରିପ୍ରେକ୍ଷୀରେ କବି ସରୋଜ ବିଶ୍ୱାଳଙ୍କ ସମେତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ଦଶରଥପୁର ବ୍ଲକ ଅଞ୍ଚଳର ପ୍ରତିଭାଙ୍କୁ ସମିତି ପକ୍ଷରୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।

**ବଡଚଣା :** ଚଣ୍ଡିଖୋଲ କୋର୍ଟ ବାର୍ ଆସୋସିଏସନ୍ ପକ୍ଷରୁ ପବିତ୍ର ଉତ୍କଳ ଦିବସ ପାଳନ କରାଯାଇଛି। ବାର୍



ଆସୋସିଏସନର ସମ୍ପାଦକ ପ୍ରକାଶ କୁମାର ଦାଶଙ୍କ ଆହ୍ୱାନକ୍ରମେ ସଭାପତି ଦେବରାଜ ବେହେରାଙ୍କ ଅଧ୍ୟକ୍ଷତାରେ କୋର୍ଟ ପରିସରରେ ପବିତ୍ର ଉତ୍କଳ ଦିବସ ପାଳନ କରାଯାଇଛି। ପ୍ରାରମ୍ଭରେ ଜାତିର ପିତା ମହାତ୍ମା ଗାନ୍ଧୀ, ଉତ୍କଳଗୌରବ ବାରିଷ୍ଟର ମଧୁସୂଦନ ଦାସ ଓ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବାର୍ ଆସୋସିଏସନ୍ ବରିଷ୍ଠ ସଭ୍ୟ ନଳିନୀକାନ୍ତ ମିଶ୍ର, ନିରଞ୍ଜନ ସାମଲ, ବୀରେନ୍ ବିଶ୍ୱାଳ, ଜ୍ୟୋତି ଶଙ୍କର ମହାପାତ୍ର, ତରୁଣ ବିଶ୍ୱାଳ, ପରମାନନ୍ଦ ସାହୁ, ପ୍ରିୟ ଗୋବିନ୍ଦ ଦାସ, ପୁରୁଷୋତ୍ତମ ନାୟକଙ୍କ ସମେତ ବହୁ ଆଇନଜୀବୀ ଯୋଗଦେଇ ଥିଲେ।

**କୁଆଖିଆ:** ଛୋଟ ମୋର ଗାଁ ଟି' ଅନୁଷ୍ଠାନ ପକ୍ଷରୁ ୯୦ ତମ ଉତ୍କଳ ଦିବସ ଭୋଟକା ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବିଶିଷ୍ଟ ଗାନ୍ଧୀବାଦୀ ରାମଚନ୍ଦ୍ର ଶୁକ୍ଳ ଉଦ୍‌ଘାଟନ କରିଥିଲେ। ଭୋଟକା ସରପଞ୍ଚ ସ୍ମୃତିରେଖା ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ସାଧାରଣ ସଭାରେ 'ଛୋଟ ମୋର ଗାଁ ଟି'ର ପ୍ରତିଷ୍ଠାତା ସଭ୍ୟ ଦେବବ୍ରତ ରାଉତ ସଭା ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ଛୋଟ ମୋର ଗାଁ'ଟିର ସଭାପତି ତଥା ଯୁବ ସଂଗଠକ ଜନ୍ମେଜୟ ସାହୁ, ମୁଖ୍ୟ ବକ୍ତା ଭାବେ ଶ୍ରମିକ ନେତା କମ୍ରେଡ ଆଲୋକ ମହାନ୍ତି, ସମ୍ମାନିତ ଅତିଥି ଭାବେ କଳିଙ୍ଗନଗର ଅଞ୍ଚଳର ଯୁବ ନେତୃତ୍ୱ ମୃତ୍ୟୁଞ୍ଜୟ ଦେଓ, ସମ୍ମାନିତ ବକ୍ତା ଭାବେ ସାମାଜିକର୍ମୀ ତଥା ସ୍ତମ୍ଭକାର ଦେବୀ ପ୍ରସନ୍ନ ନାୟକ, ଶ୍ରମିକ ସଂଗଠକ ବିଶ୍ୱ ରଞ୍ଜନ ସ୍ୱାଇଁ ଯୋଗଦେଇ ନବ ଉତ୍କଳର ବିଧାଣୀ ମଧୁ ବାରିଷ୍ଟର, ଉତ୍କଳମଣି ଗୋପବନ୍ଧୁ ଦାସ, ଫକୀର ମୋହନ ସେନାପତି, ପାରଳା ଗଜପତି ପ୍ରମୁଖଙ୍କୁ ସ୍ମରଣ କରି କହିଲେ ଯେ ଆମେ ସମସ୍ତେ ଆତ୍ମନିର୍ଭରଶୀଳ, ସ୍ୱାବଲମ୍ବୀ ହୋଇପାରିଲେ ଗାଁ ସଶକ୍ତ, ସମୃଦ୍ଧ ହୋଇପାରିବ। ଅନୁଷ୍ଠାନ ପକ୍ଷରୁ ମାନସ ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଚିତ୍ତରଞ୍ଜନ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ସାମ୍ବାଦିକ ରଞ୍ଜିତ ରାଉତ ଧନ୍ୟବାଦ ଦେଇଥିଲେ।

## ବାଲିଚନ୍ଦ୍ରପୁରରେ ଉତ୍କଳ ଦିବସ



**ବାଲିଚନ୍ଦ୍ରପୁର, ୨।୪(ସମିସ):** ବଡ଼ଚଣା ବ୍ଲକ ବାଲିଚନ୍ଦ୍ରପୁରସ୍ଥିତ ଶାନ୍ତି ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନ ପକ୍ଷରୁ ପବିତ୍ର ଉତ୍କଳ ଦିବସ ଅଧ୍ୟକ୍ଷ ନିରଞ୍ଜନ ମୁଦୁଲିଙ୍କ ଅଧ୍ୟକ୍ଷତାରେ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉତ୍ସବକୁ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ପରିବେଶବିତ୍ ପିବିଏସ୍ ପୃଷ୍ଟି ଯୋଗଦେଇ ଉଦ୍‌ଘାଟନ କରିଥିଲେ। 'ଆମ ଭାଷା ଓ ସଂସ୍କୃତି' ଶୀର୍ଷକ ଆଲୋଚନାଚକ୍ରରେ ଓଡ଼ିଆ ଅସ୍ମିତା କେବଳ ଭାଷା ମଧ୍ୟରେ ସୀମିତ ନୁହେଁ, ଏହା ଆମର ପରମ୍ପରା, କଳା, ଭାସ୍କର୍ଯ୍ୟ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତିରେ ପରିବ୍ୟାପ୍ତ। ଓଡ଼ିଆ ଭାଷା ଏକ ଶାସ୍ତ୍ରୀୟ ମାନ୍ୟତାପ୍ରାପ୍ତ ଭାଷା। ଏହାର ଶବ୍ଦକୋଷ ଓ ସାହିତ୍ୟ ଅତ୍ୟନ୍ତ ସମୃଦ୍ଧ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଇନଷ୍ଟିଚ୍ୟୁସନର ପ୍ରାଣ ପ୍ରତିଷ୍ଠାତା ଗିରୀଶ ପ୍ରତାପ ପରିଡ଼ା ଯୋଗଦେଇ ଥିଲେ। ଏହି କାର୍ଯ୍ୟକ୍ରମକୁ ମ୍ୟାନେଜିଂ କମିଟି ମୁଖ୍ୟ ନଗେନ କୁମାର ବେହୁରା, ଅଧ୍ୟାପକ ଦୀପକ ବେହେରା, ଜ୍ଞାନ ରଞ୍ଜନ ସିଂ, ଅଭିଜିତ ଜେନା, ଅଧ୍ୟାପିକା ଅଲିଭା ଜେନା, ଅଳକା ମହାନ୍ତି, ତୃପ୍ତି ତନୟା ଦାସ, ଗାୟତ୍ରୀ ଜେନା, ଦୀପିକା ଓଝା, ପି.ଏଲ୍ ଦିପ୍ତୀ, ଶ୍ରିଲା ତାରିନ୍ୟା, ପ୍ରତିଭା ସାହୁ, ଜସ୍ମିନ ଲେଙ୍କା ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ସମ୍ପାଦକୀୟ



ଆମ ଅନ୍ତରାତ୍ମାରେ ପ୍ରଜ୍ଞାର ପ୍ରଦୀପକୁ ଯିଏ ପ୍ରଜ୍ୱଳିତ କରନ୍ତି ସେ ହିଁ ପ୍ରକୃତ ଗୁରୁ।
-ସ୍ୱାମୀ ବିବେକାନନ୍ଦ

ସକାଳ THE SAKALA

## ମେଟା ମାନିବ ତ?

ସାମାଜିକ ଗଣମାଧ୍ୟମରେ କୋମଳମତି ଶିଶୁଙ୍କ ମାନସିକତାକୁ ନକାରାତ୍ମକ ଭାବେ ପ୍ରଭାବିତ କରୁଥିବା ଭଳି ବିଭିନ୍ନ ଉତ୍ପାଦ ବିତରଣ ଅଭିଯୋଗରେ ମେଟା(ଫେସ୍‌ବୁକ୍) ଓ ୟୁଟ୍ୟୁବ୍‌କୁ ଆମେରିକାର ଲସ୍‌ଆଞ୍ଜେଲସ୍‌ର ଏକ ଅଦାଲତ ଦୋଷୀ ସାବ୍ୟସ୍ତ କରି ୬ ନିୟୁତ ଡଲାରର ଜୋରିମାନାରେ ଦଣ୍ଡିତ କରିଛନ୍ତି। ସେଥିରୁ ମେଟା ୭୦% ଓ ୟୁଟ୍ୟୁବ୍ ୩୦% ବହନ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାର ରାୟ ଆସିବାର ଗୋଟିଏ ଦିନ ପୂର୍ବରୁ ନ୍ୟୁମେକ୍ସିକୋର ଏକ ଅଦାଲତ ମଧ୍ୟ ମେଟା ବିରୋଧରେ ଆଗତ ଶିଶୁ ଯୌନ ଶୋଷଣ ଅଭିଯୋଗର ଶୁଣାଣି କରି ୩୭୫ ନିୟୁତ ଡଲାର ଦଣ୍ଡରେ ଦଣ୍ଡିତ କରିଛନ୍ତି। ସାମାଜିକ ଗଣମାଧ୍ୟମର ପ୍ରତିକୂଳ ପ୍ରଭାବ ଏବଂ ଏହାର ନିରାକରଣ ପାଇଁ ବୈଶ୍ୱିକ ବିଚାରବିମର୍ଶ ଆରମ୍ଭ ହୋଇଥିବାରୁ ଲସ୍‌ଆଞ୍ଜେଲସ୍ ଓ ନ୍ୟୁମେକ୍ସିକୋ ଅଦାଲତଙ୍କ ଏହି ରାୟକୁ ଯୁଗାନ୍ତକାରୀ ଭାବେ ବର୍ଣ୍ଣନା କରାଯାଉଛି। ସାମାଜିକ ଗଣମାଧ୍ୟମ ସଂସ୍ଥା, ବିଶେଷକରି ଫେସ୍‌ବୁକ୍(ମେଟା) ବିରୋଧରେ ଅଭିଯୋଗ ନୂଆ ନୁହେଁ। ଦୁଇବର୍ଷ ତଳେ ଯୁକ୍ତରାଷ୍ଟ୍ର ଆମେରିକାର ୩୦ରୁ ଊର୍ଦ୍ଧ୍ୱ ରାଜ୍ୟ ମେଟା କମ୍ପାନୀ ଦ୍ୱାରା ପରିଚାଳିତ ଫେସ୍‌ବୁକ୍ ଓ ଇନ୍‌ଷ୍ଟାଗ୍ରାମ୍ ବିରୋଧରେ ଅଦାଲତରେ ଶିଶୁ ଓ କିଶୋରଙ୍କ ମାନସିକତାକୁ ନକାରାତ୍ମକ ଭାବେ ପ୍ରଭାବିତ କରୁଥିବା ଅଭିଯୋଗ ଆଣିଥିଲେ। କିନ୍ତୁ ଆଇନର ଗଳାବାଟ ଦେଇ ଏବଂ ପ୍ରଭୂତ କ୍ଷମତା ଓ ପ୍ରତିପତ୍ତିର ଉପଯୋଗ କରି ମେଟା ନିଜକୁ ସୁରକ୍ଷିତ ରଖିପାରିଛି।

ସାମ୍ପ୍ରତିକ ମାମଲାରେ ଆମେରିକାର ଜନୈକ ଯୁବତୀ ଅଦାଲତରେ ଅଭିଯୋଗ କରିଥିଲେ ଯେ କୈଶୋରରୁ ସେ ଇନ୍‌ଷ୍ଟାଗ୍ରାମ୍ ଓ ୟୁଟ୍ୟୁବ୍ ସହିତ ମାତ୍ରାଧିକ ଆସକ୍ତ ହୋଇପଡ଼ିଛନ୍ତି, ଯାହା ତାଙ୍କୁ ମାନସିକସ୍ତରରେ କ୍ଷତିଗ୍ରସ୍ତ କରିଛି। କିଶୋର ବୟସରେ ଉପଭୋକ୍ତାଙ୍କୁ ଅଧିକ ଆକୃଷ୍ଟ ଓ ପ୍ରଲୁବ୍ଧ କରିବା ପାଇଁ ଉକ୍ତ ଦୁଇ ସଂସ୍ଥା ଦ୍ୱାରା ଅସରନ୍ତି ପ୍ରବହମାନ ବିଷୟବସ୍ତୁ(ଇନ୍‌ଫିନାଇଟ୍ ସ୍କ୍ରୋଲିଂ), ବୈଷୟିକ ଜ୍ଞାନକୌଶଳ ପ୍ରସୂତ ସ୍ୱୟଂକ୍ରିୟ ବିଷୟବସ୍ତୁ ସୁପାରିସ୍ (ଅଲଗୋରିଦିମିକ୍ ରେକମେଣ୍ଡେସନ୍), ଗୋଟିଏ ପରେ ଗୋଟିଏ ବିଷୟବସ୍ତୁର ନିରବଚ୍ଛିନ୍ନ ସଂଯୋଗୀକରଣ ଓ ଆତ୍ମପ୍ରକାଶ(କନ୍‌ଷ୍ଟାଣ୍ଟ ଏନ୍‌ଗେଜମେଣ୍ଟ ଲୁପ୍‌ସ) ଆଦି ବ୍ୟବସାୟିକ କୌଶଳ ଦ୍ୱାରା ଆସକ୍ତି ବୃଦ୍ଧି ପାଉଛି ଏବଂ ତା'ର ପ୍ରଭାବରେ ଉନ୍ମାଦନା, ମାନସିକ ଅବସାଦ ଆଦି ବଢ଼ିବାରେ ଲାଗିଛି। ଏହି ଅଭିଯୋଗକୁ ଗ୍ରହଣ କରି ଏବଂ ଏହାର ସତ୍ୟାସତ୍ୟ ଯାଞ୍ଚ କରି ଅଦାଲତ ଉପରୋକ୍ତ ଦଣ୍ଡବିଧାନ କରିଥିଲେ ହେଁ ମେଟା ଓ ୟୁଟ୍ୟୁବ୍ ଏଭଳି ଅଭିଯୋଗକୁ ଚିରାଚରିତ ଢଙ୍ଗରେ ଅସ୍ୱୀକାର କରିଛନ୍ତି।

'ପିୟୁ' ନାମକ ଗବେଷଣା ସଂସ୍ଥାର ରିପୋର୍ଟ ଅନୁଯାୟୀ ଆମେରିକାର ୯୦% କିଶୋର ୟୁଟ୍ୟୁବ୍ ଆସକ୍ତ। ୩୫୦ କୋଟି ବ୍ୟବହାର କରୁଥିବା ଫେସ୍‌ବୁକ୍(ମେଟା) ବିରୋଧରେ ଶିଶୁ ମନସ୍ତତ୍ତ୍ୱବିତ୍, ଅଭିଭାବକ, ଆଇନ ବିଶେଷଜ୍ଞମାନଙ୍କ ମାଳ ମାଳ ଅଭିଯୋଗ ରହିଛି। ବିଶ୍ୱର ସମସ୍ତ ଦେଶ ଊଣାଅଧିକେ ସାମାଜିକ ଗଣମାଧ୍ୟମ ସଂସ୍ଥାମାନଙ୍କର ଏଭଳି ଦୁଷ୍ପ୍ରଭାବ ଦ୍ୱାରା ପୀଡ଼ିତ। ଗୁଗୁଲ୍, ଫେସ୍‌ବୁକ୍ ଓ ଟ୍ୱିଟର ଭଳି ସଂସ୍ଥା ବିରୋଧରେ ଏଥିପାଇଁ ଆମେରିକା, ୟୁରୋପ ଓ ଅଷ୍ଟ୍ରେଲିଆ ଆଦି ମହାଦେଶରେ ଦଣ୍ଡବିଧାନ ହୋଇଥିବାର ଉଦାହରଣ ମଧ୍ୟ ରହିଛି। ଯୁକ୍ତରାଷ୍ଟ୍ର ଆମେରିକାର ବିଗତ ରାଷ୍ଟ୍ରପତି ନିର୍ବାଚନରେ ଫେସ୍‌ବୁକ ମାଧ୍ୟମରେ ମିଥ୍ୟା ସମ୍ବାଦ ପରିବେଷଣ ଯୋଗୁଁ ଜନମତ ପ୍ରଭାବିତ ହୋଇଛି ବୋଲି ପ୍ରମାଣିତ ହେବା ପରେ ଫେସ୍‌ବୁକ୍‌ରେ ସଂଖ୍ୟାଧିକ ମାତ୍ରାରେ ମିଥ୍ୟା ପରିଚୟରେ ଆକାଉଣ୍ଟ ଖୋଲା ହେବା କଥା ସଂସ୍ଥା ସ୍ୱୀକାର କରିଥିଲା। ଅଥଚ ପ୍ରଭାବ ଓ ଆଇନର ଗଳାବାଟ ଦେଇ ସେମାନେ ନିର୍ଭୟରେ କାର୍ଯ୍ୟକଳାପ ଜାରି ରଖିଛନ୍ତି। ଆମେରିକାରେ ପ୍ରଚଳିତ 'କମ୍ୟୁନିକେସନ୍ ଡିସେନ୍‌ସି ଆକ୍ଟ ୧୯୯୬'ର ଧାରା ୨୩୦ ଆଧାରରେ ମେଟା ସମେତ ଅନ୍ୟାନ୍ୟ ସାମାଜିକ ଗଣମାଧ୍ୟମମାନେ ନିର୍ଦ୍ଦୋଷ ସାବ୍ୟସ୍ତ ହେଉଛନ୍ତି। ଏହି ଧାରା କହୁଛି ଯେ ବ୍ୟବହାରକାରୀଙ୍କ ଦ୍ୱାରା ଅପ୍‌ଲୋଡ୍ କରାଯାଉଥିବା ଫଟୋ/ଭିଡିଓ / ବିଷୟବସ୍ତୁ ପାଇଁ ସମ୍ପୃକ୍ତ ସାମାଜିକ ଗଣମାଧ୍ୟମ ସଂସ୍ଥାଙ୍କୁ ଦୋଷୀସାବ୍ୟସ୍ତ କରାଯାଇପାରିବ ନାହିଁ।

ସମ୍ପ୍ରତି ସାମାଜିକ ଗଣମାଧ୍ୟମ ସଂସ୍ଥାମାନଙ୍କର ଅତିକ୍ରିୟା ଓ ଆକ୍ରମଣାତ୍ମକ ରଣକୌଶଳର ପରିସର ବଢ଼ିବାରେ ଲାଗିଛି। ଅଭିବ୍ୟକ୍ତିର ସ୍ୱାଧୀନତା ଓ ମାନବାଧିକାରର ଉଦ୍‌ଘୋଷଣା କରୁଥିବା ବିଶ୍ୱର ଉନ୍ନତ ପାଶ୍ଚାତ୍ୟରାଷ୍ଟ୍ରମାନେ ମଧ୍ୟ ଗୁଗୁଲ୍, ଫେସ୍‌ବୁକ ଆଦି ସାମାଜିକ ଗଣମାଧ୍ୟମକୁ ନିୟନ୍ତ୍ରଣରେ ରଖିବାର ଆବଶ୍ୟକତାକୁ ଉପଲବ୍ଧି କଲେଣି। ବିଶେଷକରି ଜର୍ମାନୀ ଭଳି ୟୁରୋପୀୟ ସଂଘର କେତେକ ଦେଶ ନୂତନ ଆଇନ ପ୍ରଣୟନ କରି ସାମାଜିକ ଗଣମାଧ୍ୟମର ସୀମାରେଖା ଟାଣିଛନ୍ତି ଏବଂ ଏହାର ଉଲ୍ଲଙ୍ଘନ କରୁଥିବା ସଂସ୍ଥା ବିରୋଧରେ ଅର୍ଥଦଣ୍ଡ ଆଦିର ବ୍ୟବସ୍ଥା କରିଛନ୍ତି। ଅଷ୍ଟ୍ରେଲିଆ ଓ ଚୀନ୍ ଆଦି ଦେଶରେ ମଧ୍ୟ ଅନୁରୂପ କଠୋର ନିୟମ ଲାଗୁ ହୋଇଛି। କିନ୍ତୁ ଡିଜିଟାଲ୍ ଗଣମାଧ୍ୟମ ସଂସ୍ଥାଗୁଡ଼ିକ କୌଣସି ରାଷ୍ଟ୍ରର ଭୌଗୋଳିକ ସୀମାକୁ ମାନୁ ନଥିବାରୁ ଏବଂ ରାଷ୍ଟ୍ରୀୟ ନିୟମ କାନୁନ୍‌କୁ ଇଚ୍ଛାକୃତ ଭାବେ ଉଲ୍ଲଙ୍ଘନ କରୁଥିବାରୁ ଆଜିର ବିଶ୍ୱରେ ଏହା ସୂଚନା ପ୍ରଯୁକ୍ତି ବିଦ୍ୟାର ଏକ ପ୍ରଚ୍ଛନ୍ନ ଅଭିଶାପ ଭାବେ ଉଭା ହୋଇଛି। ଏସିଆ ଓ ଆଫ୍ରିକାର ଛୋଟଛୋଟ ଗରିବ ଦେଶଗୁଡ଼ିକ ପାଇଁ ଏହି ଗଣମାଧ୍ୟମର ଅତିକ୍ରିୟାକୁ ଆୟତ୍ତ କରିବା ଏକପ୍ରକାର ଅସମ୍ଭବ ହୋଇପଡ଼ିଛି।

କିଛିବର୍ଷ ତଳେ ଏହିଭଳି ଏକ ଜାତୀୟ ସୁରକ୍ଷା ପ୍ରଶ୍ନକୁ ନେଇ ଭାରତୀୟ ପାର୍ଲାମେଣ୍ଟର ସ୍ଥାୟୀ କମିଟି 'ଟ୍ୱିଟର'(ବର୍ତ୍ତମାନର 'ଏକ୍ସ')ର ଭାରତରେ ନିଯୁକ୍ତ ଅଧିକାରୀମାନଙ୍କୁ ସମନ ଜାରି କରିଥିଲେ। ଏହାର ଉତ୍ତରରେ ସେହି ଅଧିକାରୀମାନେ ସଂସଦୀୟ କମିଟି ଆଗରେ ସାକ୍ଷ୍ୟ ଦେବାକୁ ବାଧ୍ୟ ନୁହନ୍ତି ବୋଲି ଜଣାଇ ଦେଇଥିଲେ। ଭାରତ ଭଳି ଗୋଟିଏ ସାର୍ବଭୌମ ଗଣତନ୍ତ୍ର ପାଇଁ ଏହା ଏକ ଅପମାନଜନକ ଘଟଣା ଥିଲା। ଆଉ ଏକ ଘଟଣାରେ ଭାରତ ସରକାରଙ୍କ ଦ୍ୱାରା ଜାରି ନିୟମାବଳୀ ମାନିବାକୁ ବାଧ୍ୟ ନୁହେଁ ବୋଲି 'ଟ୍ୱିଟର' କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟରେ ନିଜ ପକ୍ଷ ରଖିବା ବେଳେ ରୋକ୍‌ଠୋକ୍ ଜବାବ ଦେଇଥିଲା ଏବଂ ଭାରତୀୟ ସମ୍ବିଧାନର ଦ୍ୱାହି ଦେଇଥିଲା। ତେଣୁ ମେଟା ଓ ୟୁଟ୍ୟୁବ୍ ଯେ ଲସ୍‌ଆଞ୍ଜେଲସ୍ ଓ ନ୍ୟୁମେକ୍ସିକୋ ଅଦାଲତର ଆଦେଶକୁ ମାନିବ ସେ ବିଶ୍ୱାସ ଆସୁନାହିଁ। ତେଣୁ ଏବେ ଏଥିପାଇଁ ବୈଶ୍ୱିକସ୍ତରରେ ଏକ ସହଯୋଗ ଓ ସମନ୍ୱୟ ଭିତ୍ତିକ ଆନ୍ତର୍ଜାତିକ ନିୟମାବଳୀ ଲାଗୁ ହେବା ଆବଶ୍ୟକ।

## ଦେଶପ୍ରେମୀ ବିଜୁବାବୁ

ପ୍ରତାପ ଜେନା

ଜୀବଦ୍ଦଶାରେ ପ୍ରବାଦ ପୁରୁଷ ହେବାର ସୌଭାଗ୍ୟ ଖୁବ୍ କମ୍ ଲୋକଙ୍କୁ ମିଳିଥାଏ। ବିଜୁବାବୁ ସେଥିମଧ୍ୟରୁ ଅନ୍ୟତମ। ସେ ଜଣେ ବହୁମୁଖୀ ବ୍ୟକ୍ତିତ୍ୱ। ଓଡ଼ିଶା, ଭାରତ ଓ ବିଶ୍ୱର ଜଣେ ଅନ୍ୟତମ ଉତ୍ତୁଙ୍ଗ ପୁରୁଷ। ସେ ମୁକ୍ତି ସଂଗ୍ରାମୀ ଓ ଓଡ଼ିଆ ସ୍ୱାଭିମାନର ଏକ ଉଦାହରଣୀୟ ଯୁଗପୁରୁଷ। ବିଜୁ ପଟ୍ଟନାୟକ ଆଜି ଜନମାନସରେ ଅମର ହୋଇ ରହିବାର ପ୍ରମୁଖ କାରଣଟି ହେଲା ତାଙ୍କ କୀର୍ତ୍ତି ଓ କୃତି।

ଦୁର୍ଦ୍ଧର୍ଷ ବୈମାନିକ, ଝଡ଼ର ଇଗଲ, ଧରଣୀର କୃଷ୍ଣସାର ଆଦି ଅନେକ ଉପମା ଓ ଉପାଧି ସହିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଥିଲେ ସଙ୍କଟମୋଚକ। ବ୍ରିଟିଶ୍ ଶାସନାଧୀନ ଭାରତରେ ସ୍ୱାଧୀନତା ଆନ୍ଦୋଳନରୁ ଆରମ୍ଭ କରି ସ୍ୱାଧୀନତା ପରବର୍ତ୍ତୀ କାଶ୍ମୀରରେ ପ୍ରଥମ ଛାୟାଯୁଦ୍ଧ ପର୍ଯ୍ୟନ୍ତ ବିଜୁବାବୁଙ୍କ ସଙ୍କଟମୋଚକ ଭୂମିକା ସୁବିଦିତ।

'ଭାରତ ଛାଡ଼' ଆନ୍ଦୋଳନ ବେଳେ ପ୍ରଚ୍ଛନ୍ନରେ ସ୍ୱାଧୀନତା ସଂଗ୍ରାମକୁ ପରିଚାଳିତ କରୁଥିବା ଅରୁଣା ଅସଫ୍ ଅଲ୍ଲୀ, ଜୟପ୍ରକାଶ ନାରାୟଣ, ଅଚ୍ୟୁତ ପଟ୍ଟବର୍ଦ୍ଧନ, ରାମମନୋହର ଲୋହିଆଙ୍କ ଭଳି ନେତାଙ୍କୁ ଗୁପ୍ତ ବୈଠକକୁ ବିଜୁବାବୁ ନିଜେ ବିମାନରେ ନେଉଥିଲେ। ଏଥିପାଇଁ ତାଙ୍କୁ ବ୍ରିଟିଶ୍ ସରକାରଙ୍କ ଦ୍ୱାରା ଜେଲ୍ ଦଣ୍ଡ ମଧ୍ୟ ଭୋଗିବାକୁ ପଡ଼ିଥିଲା। ବିଶିଷ୍ଟ ସମାଜବାଦୀ ନେତା ସୁରେନ୍ଦ୍ର ମୋହନ ଲେଖିଛନ୍ତି, 'ବ୍ରିଟିଶ ସାମ୍ରାଜ୍ୟ ସହିତ କାର୍ଯ୍ୟରତ ପେସାଦାରମାନେ ଉଚ୍ଚ ଚାକିରିରେ ଥିବାରୁ ଏବଂ ଆର୍ଥିକ ଓ ଅନ୍ୟ ବହୁ ସୁବିଧା ସୁଯୋଗ ଉପଭୋଗ କରୁଥିବାରୁ ସେ ସବୁ ଛାଡ଼ି ସ୍ୱାଧୀନତା ସଂଗ୍ରାମରେ ଯୋଗଦେବାକୁ ପ୍ରସ୍ତୁତ ନଥିଲେ। ତେବେ ଦୁର୍ଦ୍ଧର୍ଷ ପାଇଲଟ୍ ବିଜୁ ପଟ୍ଟନାୟକ ଥିଲେ ବ୍ୟତିକ୍ରମ।'

ସ୍ୱାଧୀନତା ପରେ ୧୯୪୮ କାଶ୍ମୀର ଯୁଦ୍ଧରେ ଭାରତୀୟ ବାୟୁସେନାର ପାଇଲଟ୍ ଭାବେ ତାଙ୍କର ବହୁମୁଖୀ ଡିସି ୩ ଡାକୋଟା ସହାୟତାରେ କାଶ୍ମୀରରେ ସେନା ଓ ଯୁଦ୍ଧ ସରଞ୍ଜାମ ପହଞ୍ଚାଇବା ଏବଂ ସମ୍ବେଦନଶୀଳ ଅଞ୍ଚଳରୁ ନାଗରିକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କାର୍ଯ୍ୟରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ। ବିଜୁବାବୁଙ୍କ ସେହି ସାହସିକତା ଯୋଗୁଁ ଶତ୍ରୁପକ୍ଷ ପଛଘୁଞ୍ଚା ଦେବାକୁ ବାଧ୍ୟ ହୋଇଥିଲା। ୧୯୬୨ରେ ଭାରତ-ଚୀନ ଯୁଦ୍ଧ ବେଳେ ହିମାଳୟ ପାର୍ବତ୍ୟାଞ୍ଚଳରେ ଭାରତୀୟ ସେନାଙ୍କୁ ସାମଗ୍ରୀ ଯୋଗାଣ କ୍ଷେତ୍ରରେ ଦୁର୍ଦ୍ଧର୍ଷ ପାଇଲଟ୍ ବିଜୁ ପଟ୍ଟନାୟକ କେବଳ ତାଙ୍କ ଦକ୍ଷତାର ପ୍ରମାଣ ଦେଇ ନ ଥିଲେ ଏହା ଥିଲା ତାଙ୍କ ଦେଶପ୍ରେମର ଜ୍ୱଳନ୍ତ ନିଦର୍ଶନ।

ବିଦେଶ ମାଟିରେ ବିଜୁବାବୁଙ୍କ ବୀରତ୍ୱର ପରାକାଷ୍ଠା ଅନନ୍ୟ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜାପାନୀମାନଙ୍କ କବଳରେ ଥିବା ବହୁ ବ୍ରିଟିଶ ଅଧିକାରୀଙ୍କୁ ବିଜୁବାବୁ ଉଦ୍ଧାର କରିବା ହେଉ କିମ୍ବା ଇଣ୍ଡୋନେସିଆର ନେତା ସାହାଲିୟର ଓ ହାଟାଙ୍କୁ ଡଚ୍ କବଳିତ ଜାକର୍ତ୍ତାରୁ ଉଦ୍ଧାର କରିବା ହେଉ ବିଜୁବାବୁଙ୍କ ବୀରତ୍ୱର ଗାଥା ଯେତିକି ରୋମାଞ୍ଚକର ତତୋଧିକ ପ୍ରେରଣାଦାୟୀ। ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କ ଅନୁରୋଧକ୍ରମେ, ଗୁପ୍ତ ସ୍ଥାନରେ ଥିବା ଇଣ୍ଡୋନେସିଆର ସ୍ୱତନ୍ତ୍ରତା ସେନାନୀ ନେତାଙ୍କୁ ଉଦ୍ଧାର କରି ଏକ ନିରାପଦ ସ୍ଥାନକୁ ଉଡ଼ାଇ ଆଣିଥିଲେ। ବିଜୁ ପଟ୍ଟନାୟକ ପତ୍ନୀ ଜ୍ଞାନଦେବୀଙ୍କୁ ସାଙ୍ଗରେ ନେଇ ତାଙ୍କ ଡାକୋଟା ବିମାନରେ ଏହି ଦୁଃସାହସିକ ଯାତ୍ରା ବେଳେ ସିଙ୍ଗାପୁରଠାରେ ତାଙ୍କୁ ଖବର ମିଳିଲା ଯେ ସେ ଇଣ୍ଡୋନେସିଆ ଆକାଶ ସୀମାରେ ପ୍ରବେଶ କଲେ ଡଚ୍ ସୈନିକମାନେ ତାଙ୍କ ବିମାନକୁ ଗୁଳିକରି ଖସାଇଦେବେ। ଏଥିରେ ବିଜୁବାବୁ ଡରି ନ ଯାଇ କହିଥିଲେ ଯେ ଯଦି ତାଙ୍କ ବିମାନକୁ ଗୁଳି କରାଯାଏ ତେବେ ଭାରତର ଆକାଶ ପଥ ଦେଇ ଯାଉଥିବା ସମସ୍ତ ଡଚ୍ ବିମାନକୁ ଖସାଇ ଦିଆଯିବ। ଏଥିରେ ଡଚ୍‌ମାନେ ଆଉ ବିଜୁବାବୁଙ୍କ ଡାକୋଟାକୁ ଆକ୍ରମଣ କରିବାକୁ ସାହସ କରି ନଥିଲେ। ଇଣ୍ଡୋନେସିଆରେ ପହଞ୍ଚି ସେ ଉପରାଷ୍ଟ୍ରପତି ହଟ୍ଟା ଓ ପ୍ରଧାନମନ୍ତ୍ରୀ ସାହାରିୟରଙ୍କୁ ଉଦ୍ଧାର କରି ଦିଲ୍ଲୀରେ ପହଞ୍ଚିଥିଲେ। ସେ ସମୟରେ ସମ୍ବାଦପତ୍ର ଶିରୋନାମା ଥିଲା 'ବିଜୁ ପଟ୍ଟନାୟକ ବ୍ରେକ୍‌ସ ଡଚ୍ ବ୍ଲକେଡ୍'। ଇଣ୍ଡୋନେସିଆ ସ୍ୱାଧୀନତା ପାଇଁ ତାଙ୍କର ଅବଦାନ ଯୋଗୁଁ ସେ ଇଣ୍ଡୋନେସିଆର 'ଭୂମିପୁତ୍ର' ସମ୍ମାନରେ ସମ୍ମାନିତ ହୋଇଥିଲେ।

ପରବର୍ତ୍ତୀ ସମୟରେ ଯୁଗୋସ୍ଲୋଭିଆରେ ଅନୁଷ୍ଠିତ ଏକ ସମ୍ମିଳନୀରେ ନେହେରୁ ସୁକର୍ଣ୍ଣଙ୍କ ଉପରେ ବିରକ୍ତ ହୋଇଥିଲେ। ଏହି ଅପମାନର ପ୍ରତିଶୋଧ ନେବା ପାଇଁ ସୁକର୍ଣ୍ଣ ୧୯୬୨ରେ ଚୀନ୍‌ର ଭାରତ ଆକ୍ରମଣ ବେଳେ ଚୀନ୍‌କୁ ସାମରିକ ସହାୟତା ଦେବାକୁ ନିଷ୍ପତ୍ତି ନେଇଥିଲେ। ନେହେରୁଙ୍କ ପରାମର୍ଶକ୍ରମେ ବିଜୁବାବୁ ସୁକର୍ଣ୍ଣଙ୍କୁ ଭେଟି ତାଙ୍କ ନିଷ୍ପତ୍ତି ବଦଳାଇବାରେ ସଫଳ ହୋଇଥିଲେ। ଏଥିସହିତ ୧୯୬୫ ଭାରତ-ପାକିସ୍ତାନ ଯୁଦ୍ଧରେ ଭାରତୀୟ ବନ୍ଦରଗୁଡ଼ିକୁ ନଷ୍ଟ କରିଦେବା ପାଇଁ ଆୟୁବ୍ ଖାଁ ସୁକର୍ଣ୍ଣଙ୍କୁ ସାମରିକ ସହାୟତା ମାଗିଥିଲେ। ସୁକର୍ଣ୍ଣ ଏଥିଲାଗି ତିନୋଟି ବୁଡ଼ାଜାହାଜ ଓ ଗୋଟିଏ ମିରାଜ୍ ଯୁଦ୍ଧ ବିମାନ ପାକିସ୍ତାନକୁ ପଠାଇବାକୁ ରାଜି ହୋଇଥିଲେ। ଏହା ଜାଣିପାରି ତତ୍କାଳୀନ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀ ସୁକର୍ଣ୍ଣଙ୍କୁ ବୁଝାଇବାକୁ ବିଜୁ ପଟ୍ଟନାୟକଙ୍କୁ ଅନୁରୋଧ କରିଥିଲେ। ସେତେବେଳକୁ ବୁଡ଼ାଜାହାଜଗୁଡ଼ିକ ପାକିସ୍ତାନ ଅଭିମୁଖେ ଯାତ୍ରା ଆରମ୍ଭ କରିସାରିଥିଲା। ବିଜୁ ପଟ୍ଟନାୟକଙ୍କ ସହ ଆଲୋଚନା ପରେ ସୁକର୍ଣ୍ଣ ତୁରନ୍ତ ବୁଡ଼ାଜାହାଜ ଫେରାଇ ଆଣିବାକୁ ଦେଶର ନୌବାହିନୀକୁ ନିର୍ଦ୍ଦେଶ ଦେଇଥିଲେ। ଭାରତ ପ୍ରତି ଦେଖା ଦେଇଥିବା ବିପଦ ଟଳି ଯାଇଥିଲା।

ଜୀବନକୁ ବାଜି ଲଗାଇ ଯୁଦ୍ଧ ଭୂମିରେ ସେନାଙ୍କୁ ସହାୟତା କରିବାରେ ବିଜୁବାବୁ ଅନେକ କୀର୍ତ୍ତି ସ୍ଥାପନା କରିଯାଇଛନ୍ତି। ସବୁଠାରୁ ଅଧିକ ଚର୍ଚ୍ଚାରେ ରହିଛି ଷ୍ଟାଲିନଗ୍ରାଡ୍‌ର ନିର୍ଣ୍ଣାୟକ ଯୁଦ୍ଧରେ ତାଙ୍କର ବୀରତ୍ୱ ଓ ସାହସର ପରାକାଷ୍ଠା, ଯେଉଁଥିପାଇଁ ତାଙ୍କ ପାର୍ଥିବ ଶରୀର ଉପରେ ରୁଷ୍ ଜାତୀୟ ପତାକା ଶୋଭା ପାଇଥିଲା ଏବଂ ୧୯୯୫ ମସିହାରେ ତାଙ୍କୁ ରୁଷ ପକ୍ଷରୁ ସମ୍ମାନିତ ମଧ୍ୟ କରାଯାଇଥିଲା। ପୁଣି ଥରେ ତାଙ୍କୁ ତାଙ୍କ ଅବର୍ତ୍ତମାନରେ ୨୦୨୫ ମେ' ୭ତାରିଖରେ ସମ୍ମାନିତ କରାଯାଇଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ରୁଷ ଦଖଲ ପାଇଁ ହିଟ୍‌ଲରଙ୍କ ସେନା ଆରମ୍ଭ କରିଥିଲା 'ଅପରେସନ୍ ବାରବାରୋସା'। ନିର୍ଣ୍ଣାୟକ ଯୁଦ୍ଧ ଆରମ୍ଭ ହୋଇଥିଲା ଷ୍ଟାଲିନ୍‌ଗ୍ରାଡ୍‌ଠାରେ। ଏହି ଅଞ୍ଚଳ ଥିଲା ରୁଷ୍‌ର ଶିଳ୍ପ ଓ ସାମରିକ ଅସ୍ତ୍ରଶସ୍ତ୍ର, ଗୋଳାବାରୁଦର ମୁଖ୍ୟ ଉତ୍ପାଦନକେନ୍ଦ୍ର। ୧୯୪୨ ଅଗଷ୍ଟ ୨୩ ତାରିଖରେ ନାଜି ସେନା ଷ୍ଟାଲିନ୍‌ଗ୍ରାଡ୍‌ରେ ଅତର୍କିତ ଆକ୍ରମଣ କଲା। ସହରର ୯୦ ଭାଗ ଅଞ୍ଚଳ ନାଜି ସେନା ଦଖଲ କରିସାରିଥିଲା। ଆଉ ମାତ୍ର ୧୦ ପ୍ରତିଶତ ଦଖଲ କରିଥିଲେ ରୁଷ୍‌ର ପରାଜୟ ସହିତ ଦ୍ୱିତୀୟ ବିଶ୍ୱଯୁଦ୍ଧର ଫଳାଫଳ ଭିନ୍ନ ହୋଇଥା'ନ୍ତା। ସେହିବର୍ଷ ନଭେମ୍ବର ମାସ ବେଳକୁ ରୁଷ୍ ତା'ର ସମସ୍ତ ସୈନ୍ୟ ଓ ସାମରିକ ବଳ ଲଗାଇ ଆରମ୍ଭ କଲା 'ଅପରେସନ୍ ୟୁରାନସ୍'। ସେତେବେଳକୁ ଶୀତଋତୁ ଆରମ୍ଭ ହୋଇସାରିଥିଲା। ସେନା ଶିବିରକୁ ଖାଦ୍ୟ ଓ ଗୁଳିଗୋଳା ଯୋଗାଣ ଏକପ୍ରକାର ବନ୍ଦ ହୋଇଗଲା। କିନ୍ତୁ ତତ୍କାଳୀନ ରୟାଲ୍ ଇଣ୍ଡିଆନ୍ ବାୟୁସେନାର ପାଇଲଟ୍ ବିଜୁ ପଟ୍ଟନାୟକ ଅପୂର୍ବ ସାହସ ଓ ବୀରତ୍ୱ ପ୍ରଦର୍ଶନ କରି ଡଗଲାସ ସି ୪୭ ସ୍କାଏଟ୍ରେନ୍(ଡାକୋଟା) ଯୋଗେ ଠିକଣା ସମୟରେ ନାଜି ସୈନ୍ୟ ଘେରା ଷ୍ଟାଲିନ୍‌ଗ୍ରାଡ୍‌ରେ ରୁଷ୍ ସେନାକୁ ଆବଶ୍ୟକ ଖାଦ୍ୟ ଓ ସାମରିକ ସହାୟତା ଯୋଗାଇ ଦେବା ଫଳରେ ନିର୍ଣ୍ଣାୟକ ଯୁଦ୍ଧର ମୋଡ଼ ବଦଳିଗଲା। ନାଜି ସେନାର ୧ ଲକ୍ଷ ସୈନ୍ୟ ରୁଷ ଦ୍ୱାରା ବନ୍ଦୀ ହେଲେ ଏବଂ ଏଥିସହିତ ହିଟ୍‌ଲରଙ୍କ ସାମରିକ ଶକ୍ତିର ପତନର ଧାରା ଆରମ୍ଭ ହେଲା। ରୁଷ ସେନା ୧୯୪୫ ମସିହା ମେ' ୯ ତାରିଖରେ ବର୍ଲିନ୍ ଦଖଲ କଲା। ସେହିଦିନକୁ 'ବିଜୟ ଦିବସ' ରୂପେ ରୁଷ ପାଳନ କରିଆସୁଛି ଏବଂ ଯାହାଙ୍କ ବିନା ଏହା ସମ୍ଭବ ହୋଇପାରିନଥା'ନ୍ତା ସେହି ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ସମ୍ମାନିତ କରିବାକୁ ପିଢ଼ି ପରେ ପିଢ଼ି ଭୁଲି ନାହିଁ।

ଜୀବଦ୍ଦଶାରେ ପ୍ରବାଦ ପୁରୁଷ ହେବାର ସୌଭାଗ୍ୟ ପାଇଥିବା ଏବଂ ଶବାଧାରରେ ତିନି ରାଷ୍ଟ୍ରର ଜାତୀୟ ପତାକା ଶୋଭା ପାଇଥିବା ସେହି ବିରଳ ବିଶ୍ୱବନ୍ଦ୍ୟ ମହାମାନବ ହେଉଛନ୍ତି ବିଜୁବାବୁ। ଅନନ୍ୟ ଶ୍ରଦ୍ଧାଞ୍ଜଳି ସ୍ୱରୂପ, ବିଜୁଙ୍କ ଅନ୍ତିମ ସଂସ୍କାର ସମୟରେ ତାଙ୍କ ମରଶରୀରରେ ଭାରତୀୟ ଜାତୀୟ ପତାକା ସହ ରୁଷିଆ ଫେଡେରେସନ୍ ଏବଂ ଇଣ୍ଡୋନେସିଆର ପତାକା ରଖାଯାଇଥିଲା। ସେହି ବିଶ୍ୱବନ୍ଦ୍ୟ ବିଜୁ ପଟ୍ଟନାୟକଙ୍କୁ ଅନ୍ତରର ସହ ସସମ୍ମାନ ପ୍ରଣାମ।

(ପୂର୍ବତନ ମନ୍ତ୍ରୀ, ଓଡ଼ିଶା ସରକାର)

## ଅସହିଷ୍ଣୁତା ସଂପର୍କହାନିର କାରଣ

ଅର୍ଜୁନ ଘଡ଼େଇ

ଅନ୍ୟର ସୁଖ, ଶିରୀ, ସଂପଦ, ସୌଭାଗ୍ୟ ଆଦିକୁ ସହ୍ୟ ନ କରିପାରିବାର ମାନସିକତା ଆମ ମନରେ ଅନ୍ୟପ୍ରତି ଅସହଶୀଳତା, ଅସହିଷ୍ଣୁତା, ପରଶ୍ରୀକାତରତା ଭାବ ଜାଗ୍ରତ କରେ। ଆଜିର ସମାଜରେ ଏପରି ଭାବନା ଅନେକଙ୍କ ମନରେ ସୃଷ୍ଟି ହେବା ଆମେ ଦେଖୁଛେ। ଏହାର କୁପରିଣତି ସ୍ୱରୂପ, ଯାହା ପ୍ରତି ଏପରି ଭାବନା ସୃଷ୍ଟିହୁଏ ତା'ର ଯେତିକି କ୍ଷତି ନହୁଏ, ନିଜର ଅଧିକ କ୍ଷତିସାଧନ କରିଥାଏ। ଆଉ ଏପରି ଭାବନାରୁ ପରସ୍ପର ମଧ୍ୟରେ ଅସଂପର୍କ ସୃଷ୍ଟି ହୁଏ। ସଂପର୍କର ଦୀର୍ଘସ୍ଥାୟୀ ଭାବନା ମନରୁ ଅପସରି ଯାଇ କ୍ରମଶଃ ବ୍ୟବଧାନ ଚାଲେ। କାହା ସହିତ ସଂପର୍କ ବିନା ମନୁଷ୍ୟ ଏକ ସାମାଜିକ ପ୍ରାଣୀ ଭାବରେ ନିଃସଂଗ ଜୀବନ ନିର୍ବାହ କରିପାରେ ନାହିଁ। କିନ୍ତୁ ଏହି ଅସହିଷ୍ଣୁ ଭାବ କାରଣରୁ ନିଜକୁ ବେଳେବେଳେ ଏକୁଟିଆ ହେବା ପରି ଅନୁଭବ କରେ। ଅସଂପର୍କ ସୃଷ୍ଟି କାରଣରୁ ସାମଗ୍ରିକ ବିକାଶ ବାଧାପ୍ରାପ୍ତ ହୁଏ। ଏପରି ଭାବନା ପରିବାର ଠାରୁ ଆରମ୍ଭ କରି ବୈଶ୍ୱିକ ସ୍ତରରେ ଘଟିଚାଲୁଛି, ଯାହା ଆମେ ଅଙ୍ଗେ ନିଭାଉଛେ।

ମନ ଭିତରେ ଅନେକ କୁପ୍ରକୃତି ବସାବାନ୍ଧି ରହିଛନ୍ତି। ଶରୀରକୁ ବିଷାକ୍ତ କରିବାରେ, ଅସୁସ୍ଥ ମାନସିକତା ସୃଷ୍ଟି କରିବାରେ ଏମାନେ ବ୍ୟସ୍ତଥା'ନ୍ତି। ମନରେ ଅହଂକାର ଭାବ ସୃଷ୍ଟି ହେବା ହିଁ ଅସହିଷ୍ଣୁତାର କାରଣ। ଏପରି ଭାବନା ଯେତେବେଳେ ମନରେ ସୃଷ୍ଟି ହୁଏ ସେତେବେଳେ ଆମେ ନିଜର ସୁଖ, ସଂପଦ ପ୍ରତି ବେଶୀ ଆସକ୍ତ ହୋଇଥାଉ। ଅନ୍ୟର ସୁଖ, ଶାନ୍ତିକୁ ସହ୍ୟ କରିବା ଆମ ପକ୍ଷରେ କଷ୍ଟ ହୁଏ। 'ସର୍ବେ ଭବନ୍ତୁ ସୁଖୀନଃ' - ଏହା ବୁଝିବାରେ ଆମେ ଅସମର୍ଥ ହୋଇପଡୁ। ଫଳରେ ସମାଜ ବା ଦେଶର ସାମଗ୍ରିକ ବିକାଶ ବାଧାପ୍ରାପ୍ତ ହୁଏ ଓ ହେଉଛି ମଧ୍ୟ। ସମାଜର ସମସ୍ତଙ୍କ ପ୍ରତି ସମଭାବ ପ୍ରଦର୍ଶନ କରିବା, ଆମ ସଂସ୍କାରାଭିମୁଖୀ ଚରିତ୍ରର ବଳିଷ୍ଠ ପରିପ୍ରକାଶ, ଏହା ଆମେ ବୁଝିବାରେ ଅକ୍ଷମ ଏବଂ ଏହା ଏକ ସାମାଜିକ ବିଡ଼ମ୍ବନା ଭାବେ ଗ୍ରହଣୀୟ।

ପଡ଼ୋଶୀଟିର କୋଠାବାଡ଼ି, ମୋଟରଯାନ, ବ୍ୟାଙ୍କ୍ ବାଲାନ୍ସ ଦେଖି ଛୋଟିଆ ବଖରାଏ ଦି'ବଖରା କୋଠାଘରେ ରହିବାକୁ ଆମେ ସହିପାରୁନା। ଛୋଟ ବ୍ୟବସାୟୀଟିଏ ପାଖରେ ଥିବା ବଡ଼ ବ୍ୟବସାୟୀଟିକୁ ଭଲରେ ଦେଖିପାରେନି। ସାମାଜିକ, ପ୍ରତିଷ୍ଠା, ପ୍ରତିପତ୍ତି ଥିବା ଲୋକଟିକୁ ଆମେ ସହୃଦୟତାର ସହ ଗ୍ରହଣ କରିବାରେ ବିମୁଖ ହେଉ। ନିଜ ଦେଶର ନାଗରିକଙ୍କ ଜୀବନ ବଞ୍ଚିବାକୁ ସଂଗ୍ରାମ କରୁଥିବା ଛୋଟ ଦେଶଟିଏ, ଏକ ପ୍ରଗତିଶୀଳ, ବିକାଶ ଉନ୍ମୁଖୀ ବା ବିକଶିତ ଦେଶଟିର ପ୍ରଗତିଶୀଳ ଭାବନାକୁ ସହିବା କଷ୍ଟ ବୋଧ କରେ। ଏପରି ଅସହିଷ୍ଣୁତା ଭାବ ଯୋଗୁଁ କେହି କାହାର ସୁଖ, ଶିରୀ ଦେଖିବାକୁ ଚାହାନ୍ତି ନାହିଁ। ଯେଉଁଥିପାଇଁ ବିଶ୍ୱରେ ସବୁବେଳେ ଅସ୍ଥିରତା, ଅଶାନ୍ତି, ଯୁଦ୍ଧ ପରି ଭୟାୟତା ସୃଷ୍ଟିର କାରଣ ହେଉଛି। ଦେଶଦେଶ ଭିତରେ ବନ୍ଧୁତ୍ୱ, ସଂପର୍କ ସ୍ଥାପନ ପାଇଁ କେତେକ ଦେଶ ଚେଷ୍ଟା ଜାରି ରଖିଥିବା ବେଳେ କେତେକ ରାଷ୍ଟ୍ରଙ୍କ ଅହଂକାର, ସ୍ୱେଚ୍ଛାଚାରୀ ପ୍ରବୃତ୍ତି ବିଶ୍ୱରେ କେବଳ ଅସ୍ଥିରତା ସୃଷ୍ଟି କରୁଛି ଏବଂ ମାନବ ସଭ୍ୟତା ଧ୍ୱଂସାଭିମୁଖୀ ହେଉଛି।

ଶୈଶବରେ ଶିଶୁଟି ମନରେ ଧନୀ, ଗରିବ, ଉଚ୍ଚ ନୀଚ ଓ ଭେଦଭାବ ନଥାଏ। ସାଙ୍ଗ, ସାଥୀ ମେଳରେ, ଖେଳ, କୁଦ ଚାଲିଥିବା ବେଳେ ଆମେ ଅଭିଭାବକମାନେ ଗାଳିଦେଇ କହୁ, 'ଆରେ ତତେ ଲାଜ ଲାଗୁନି, ତା' ସହିତ ଖେଳୁଛୁ? ସିଏ ଶ୍ରେଣୀରେ ପ୍ରଥମ ହେଉଛି, ଆଉ ତୁ ଶେଷରେ ରହୁଛୁ' - ଏମିତି ବାରମ୍ବାର କହିବା ଫଳରେ ପିଲାଟି ମନରେ ସାଥୀଟି ପ୍ରତି ଅସହିଷ୍ଣୁ ଭାବ ସୃଷ୍ଟିହୁଏ। ସଂପର୍କ ଦୂରେଇ ଯାଏ। ଏହାର କୁପ୍ରଭାବ ଭବିଷ୍ୟତ ଜୀବନରେ ସଂପର୍କ ସୃଷ୍ଟି କରିବା ଠାରୁ ଦୂରେଇ ଦିଏ। ବିଭିନ୍ନ ପ୍ରତିଯୋଗିତା, ଯୋଗ୍ୟତା ଭିତ୍ତିକ ପରୀକ୍ଷା ଆଦିରେ ଅସଫଳ ହେଉଥିବା ପିଲାଟିକୁ ସଫଳତା ପାଉଥିବା ସାଥୀଟିର ଉଦାହରଣ ଦେଲେ ତା' ମନରେ ପ୍ରତିଦ୍ୱନ୍ଦ୍ୱିତା ଭାବ ସୃଷ୍ଟି ହେବା ପରିବର୍ତ୍ତେ ପ୍ରତିହିଂସା ଭାବ ସୃଷ୍ଟିହେବା ସ୍ୱାଭାବିକ। ତେଣୁ ଆମେ ଅଭିଭାବକ ବା ଗୁରୁଜନମାନେ ପିଲାମାନଙ୍କ ମନରେ ଏପରିକୁ ସଂକୀର୍ଣ୍ଣ ଚିନ୍ତାଧାରାର ଅନୁପ୍ରବେଶକୁ ପ୍ରତିହତ କରିବାର ପ୍ରୟାସ କରିବା ଆବଶ୍ୟକ।

ଭଲ ବନ୍ଧୁଟିଏ ସହ ନିବିଡ଼ ସଂପର୍କ ସ୍ଥାପନ କରିବାକୁ ହେଲେ ମନରୁ ଅସହିଷ୍ଣୁ ଭାବ ଦୂର କରିବା ଅପରିହାର୍ଯ୍ୟ ବରଂ ସାଥୀଟିର ପ୍ରଗତିରେ ଖୁସି ପ୍ରକଟ କଲେ ତା'ର ବିଶ୍ୱାସଯୋଗ୍ୟ ହେବା ସହ ଆବଶ୍ୟକତା ସମୟରେ ସହଯୋଗ ମିଳିବା ସମ୍ଭବ ହେବ। ତେଣୁ ଅନ୍ୟର ପ୍ରଗତି ବା ସମୃଦ୍ଧିକୁ ବିବେକାନୁମୋଦିତ ଭାବେ ସହିନେବାର ମାନସିକତା ସୃଷ୍ଟି କରିବା ସର୍ବାଦୌ ଗ୍ରହଣୀୟ। ଅନ୍ୟର ସୁଖ, ସୌଭାଗ୍ୟକୁ ସରଳ ମନରେ ଗ୍ରହଣ କରିନେଇ ଆନନ୍ଦ, ଖୁସି ଅନୁଭବ କଲେ ନିଜ ଶରୀର ବା ମନ ଉପରେ ଏହାର କୁପ୍ରଭାବ ପଡ଼ିବ ନାହିଁ, ବରଂ ନିଜ ଭିତରେ ଆଗକୁ ଶକ୍ତି ସଞ୍ଚୟ କରି ବଢ଼ିବାର ସମ୍ଭାବନା ସୃଷ୍ଟି ହେବ। ସମାଜ ବା ରାଷ୍ଟ୍ରର ନାଗରିକମାନଙ୍କ ମନରୁ ଅସହିଷ୍ଣୁ ଭାବ ଦୂରେଇ ଗଲେ ପରସ୍ପର ପ୍ରତି ସହଯୋଗୀ ମନଭାବ ସୃଷ୍ଟି ହୋଇ ସାମଗ୍ରିକ ବିକାଶରେ ସହାୟତା କରିବ। ଏକ ବୃହତ୍ ବୃକ୍ଷ ତଳେ ଅନେକ କ୍ଷୁଦ୍ର ବୃକ୍ଷ ଆଶ୍ରିତ ହୋଇ ବଞ୍ଚି ରହି ଜୀବନ ରକ୍ଷା କରୁଥିବା ବେଳେ ବଡ଼ଗଛଟି ପ୍ରତି ଅସହିଷ୍ଣୁ ଭାବ ପୋଷଣ ନକରି ସହାୟତାରୁ ବଞ୍ଚିଥିବାରୁ କୃତଜ୍ଞତା ଜଣାଇଥା'ନ୍ତି। ତେଣୁ ଅନ୍ୟର ସୁଖ, ସଂପଦ, ପ୍ରଗତି, ସମୃଦ୍ଧି ଦେଖି ଦୁଃଖୀ ନହୋଇ ଅସହିଷ୍ଣୁ ବା ଅସହନଶୀଳ ହେବା ଅନୁଚିତ। ଧନୀ ପଡ଼ୋଶୀଟିଏ, ସୁଖୀ ବନ୍ଧୁଟିଏ, ସମୃଦ୍ଧଶାଳୀ ଦେଶଟିଏ, ଆବଶ୍ୟକତା ସମୟରେ ସହାୟତାର ହାତ ବଢ଼ାଇବାର ସମ୍ଭାବନା ଥାଏ। ସେମାନଙ୍କ ପ୍ରତି ଅସହିଷ୍ଣୁ ମନୋଭାବ ରହିଲେ ଅସଂପର୍କ ସୃଷ୍ଟି ହେବା ସହ ସହାୟତାର ହାତ ସଙ୍କୁଚିତ ହୋଇଯିବ - ଏହା ନିଃସନ୍ଦେହ। ବିଶେଷକରି ଛୋଟ ପିଲାଙ୍କ ମନରେ ଏହି ଭାବନା ସୃଷ୍ଟି ନ କରିବାକୁ ଆମେ ଗୁରୁଜନ, ବୟସ୍କମାନେ ସଚେତନ ହେବାର ଆବଶ୍ୟକତା ରହିଛି।

ଦାଣ୍ଡମୁକୁନ୍ଦପୁର(ପୁରୀ), ମୋ: ୯୪୩୮୦୪୮୬୧୫

## ଶ୍ୱାନ ମନ୍ଦିର

### ବିଚିତ୍ର ବିଶ୍ୱାସ

ଓଜସ୍ୱିନୀ

ଦୃଢ଼ ଭଗବତ୍ ବିଶ୍ୱାସ ଓ ଆଧ୍ୟାତ୍ମବାଦୀ ଦେଶ ଭାବେ ବିଶ୍ୱବିଦିତ ଭାରତରେ ପ୍ରତ୍ୟେକ ଜୀବଜନ୍ତୁ ଓ ବୃକ୍ଷଲତା ପୂଜନୀୟ। ଏହି ଅଦ୍ଭୁତ ଓ ନିଆରା ବିଶ୍ୱାସର ଧାରାରେ ଶ୍ୱାନ ବା କୁକୁରମାନଙ୍କୁ ମଧ୍ୟ ପୂଜା କରାଯାଉଛି। ଋକ୍‌ବେଦ ଓ ଅନ୍ୟ ପୌରାଣିକ ଗ୍ରନ୍ଥରେ 'ସରମା' ନାମକ ଏକ ମାଈଶ୍ୱାନର ବର୍ଣ୍ଣନା ରହିଛି, ଯିଏକି ଦେବରାଜ ଇନ୍ଦ୍ରଙ୍କ ସାହାଯ୍ୟାର୍ଥେ ବିଦ୍ୟମାନ ଏବଂ ସବୁ ଶ୍ୱାନଙ୍କ ମାତା ଭାବେ ବର୍ଣ୍ଣିତ। ତେଣୁ ଋକ୍‌ବେଦରେ ଶ୍ୱାନମାନଙ୍କୁ ସାରମେୟ, ଅର୍ଥାତ୍ ସରମାଙ୍କର ସନ୍ତାନ ଭାବେ ପ୍ରତିପାଦିତ କରାଯାଇଛି। ଏହି ଦେବଶ୍ୱାନ ସରମା 'ପାଣି' ନାମକ ଅସୁର ନିକଟରୁ ଦିବ୍ୟ ଗୋମାତାମାନଙ୍କୁ ଉଦ୍ଧାର କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବାରୁ ଋକ୍‌ବେଦର ଅନେକ ଶ୍ଳୋକରେ 'ସରମା-ପାଣି' ସମ୍ବାଦର ଉଲ୍ଲେଖ କରାଯାଇଛି। ମହାକାବ୍ୟ ମହାଭାରତ ଓ ରାମାୟଣରେ ମଧ୍ୟ ସରମା ସମ୍ପର୍କିତ ସଂକ୍ଷିପ୍ତ ତଥ୍ୟ ଅଛି। ଶ୍ରୀମନ୍ଦିରର ବେଢ଼ାରେ କୁତ୍ତାମ ଚଣ୍ଡି ଆରାଧିତା ହେଉଛନ୍ତି, ଯାହା ପଛରେ ପୌରାଣିକ ଲୋକକଥା ରହିଛି।

ବିଭିନ୍ନ ପୌରାଣିକ ଆଖ୍ୟାନରେ ଶ୍ୱାନମାନଙ୍କୁ କାଳଭୈରବଙ୍କ ବାହନ ଭାବେ ବର୍ଣ୍ଣନା କରାଯାଇଛି। ତେଣୁ ଭାରତରେ ଅନେକ ସ୍ଥାନରେ ଶ୍ୱାନ ମନ୍ଦିର ନିର୍ମାଣ କରାଯାଇଛି ଏବଂ ଶ୍ୱାନଙ୍କ ପ୍ରତିମା ନିକଟରେ ଶ୍ରଦ୍ଧାଳୁମାନେ ବିଧିବଦ୍ଧ ଭାବେ ପୂଜା କରୁଛନ୍ତି। ଶ୍ୱାନଙ୍କୁ ପୂଜା କରିବା ଦ୍ୱାରା ସମସ୍ତ ନକାରାତ୍ମକ ଶକ୍ତି ଦୂର ହୋଇଥାଏ ବୋଲି ବିଶ୍ୱାସ ରହିଛି। ଶ୍ୱାନ ମନ୍ଦିର ନିର୍ମାଣ ହେବା ପଛରେ ବିଭିନ୍ନ ଜନଶ୍ରୁତି ଓ ଲୋକକଥା ମଧ୍ୟ ଅଛି।

ଶ୍ୱାନ ମନ୍ଦିର ଶ୍ରେଣୀରେ ସବୁଠାରୁ ଶ୍ରେଷ୍ଠ ହେଉଛି ଉତ୍ତରପ୍ରଦେଶର ବାରାଣସୀସ୍ଥିତ କାଳଭୈରବଙ୍କ ମନ୍ଦିର। ଶିବଙ୍କର ପ୍ରିୟନଗରୀ କାଶୀର କୌତୱାଲ୍ ଭାବେ ବିଦିତ ବାବା କାଳଭୈରବ ସ୍ୱୟଂ କଳାରଙ୍ଗର କୁକୁର ଉପରେ ବିରାଜମାନ କରିଛନ୍ତି। ଶ୍ୱାନମାନେ ପ୍ରଭୁଭୃତ୍ୟ, ରକ୍ଷକ ଓ ନକାରାତ୍ମକ ଶକ୍ତିର ପ୍ରତିହତକାରୀ ହୋଇଥିବାରୁ ବାବା କାଳଭୈରବଙ୍କ ବାହନ ଭାବେ ପୂଜା ପାଉଛନ୍ତି। ତେଣୁ ଏହି ମନ୍ଦିରରେ ଶ୍ୱାନଙ୍କୁ ପୂଜାର୍ଚ୍ଚନା କରାଯିବା ସହିତ ଶ୍ରଦ୍ଧାଳୁମାନେ ପ୍ରସାଦ ଦେଇଥା'ନ୍ତି। କେବଳ ମନ୍ଦିର ଭିତରେ ନୁହେଁ, ବରଂ କାଶୀରେ ଥିବା ବୁଲା କୁକୁରଙ୍କ ପ୍ରତି ମଧ୍ୟ ଲୋକମାନେ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ସହିତ ଖାଦ୍ୟ ବିତରଣ ଓ ସେବାଯତ୍ନ କରିଥା'ନ୍ତି। କାଳଭୈରବଙ୍କ ମନ୍ଦିର ପରିସର ଭିତରେ ଥିବା ଗୋଟିଏ କୁକୁରର ସମାଧି ନିକଟରେ ବିଶେଷ ପୂଜାର୍ଚ୍ଚନା କରାଯାଏ। ଏଠାରେ ପୂଜା କରିବା ଦ୍ୱାରା ବାବା କାଳଭୈରବ ପ୍ରସନ୍ନ ହୋଇଥା'ନ୍ତି ଏବଂ ଭକ୍ତର ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ଲୋକବିଶ୍ୱାସ ରହିଛି। କୁକୁରର ସମାଧି ସମ୍ପର୍କରେ ଏକ ଜନଶ୍ରୁତି ମଧ୍ୟ ପ୍ରଚଳିତ।

ଏକଦା କାଶୀକୁ ଜଣେ ଯାଯାବର ତାଙ୍କର କୁକୁର ସହିତ ଆସିଥିଲେ। ଅକାଳ ଯୋଗୁଁ ଖାଦ୍ୟାଭାବ ହେବାରୁ ଯାଯାବର ଜଣକ କୁକୁରଟିକୁ ଜଣେ ଧନୀ ବ୍ୟକ୍ତିଙ୍କୁ ବିକ୍ରି କରି ଅନ୍ୟତ୍ର ଚାଲିଯାଇଥିଲେ। କୁକୁରଟି ଧନୀବ୍ୟକ୍ତିଙ୍କ ବିଶ୍ୱସ୍ତ ଭୃତ୍ୟ ଭାବେ ରହିଲା। ଦିନେ ଧନୀବ୍ୟକ୍ତିଙ୍କ ଘରୁ ଚୋରି ହୋଇଗଲା। କୁକୁରଟି ଚୋରକୁ ଚିହ୍ନିବା ଏବଂ ଚୋରିଧନ ଉଦ୍ଧାର କରିବାରେ ସଫଳ ହେଲା। କୁକୁରର ଏହି ଆନୁଗତ୍ୟ ଦେଖି ଧନୀବ୍ୟକ୍ତି ଜଣକ ବହୁତ ଆନନ୍ଦିତ ହେଲେ ଏବଂ କୁକୁରଟିକୁ ବନ୍ଦୀ ଜୀବନରୁ ମୁକ୍ତ କରିଦେବାକୁ ସ୍ଥିର କରି ତା'ବେକର ଶିକୁଳିକୁ ଖୋଲିଦେଲେ। କୁକୁରଟି କେବେ କାହାର କ୍ଷତି ନକରି ଏଣେତେଣେ ବୁଲିବାକୁ ଲାଗିଲା। କିଛିଦିନ ପରେ ଉକ୍ତ ଯାଯାବର କାଶୀକୁ ଫେରି ଆସି ଦେଖିଲେ ଯେ, ତାଙ୍କ କୁକୁରର ବେକରେ ଆଉ ଶିକୁଳି ନାହିଁ ଏବଂ ସେ ଏଣେତେଣେ ବୁଲୁଛି। ଯାଯାବର ଭାବିଲେ ଯେ, ସେ କୁକୁରଟି ଧନୀବ୍ୟକ୍ତିଙ୍କ ଅନିଷ୍ଟ କରି ତାଙ୍କର ଆନୁଗତ୍ୟ ସ୍ୱୀକାର ନକରି ଛାଡ଼ି ଚାଲିଆସିଛି। ଏହା ଭାବି ସେ କ୍ରୋଧରେ କୁକୁରଟିକୁ ହତ୍ୟା କରିଦେଲେ। କିନ୍ତୁ ପରେ ସେ ସତ ଜାଣି ଅନୁତାପ କଲେ ଏବଂ ବାବା କାଳଭୈରବଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିବା ସହିତ ତାଙ୍କର ପ୍ରାୟଶ୍ଚିତ ସ୍ୱରୂପ ଉକ୍ତ କୁକୁରର ଗୋଟିଏ ସମାଧି ନିର୍ମାଣ କଲେ। ପ୍ରତିଦିନ ଯାଯାବର ସମାଧିରେ ପୂଜାର୍ଚ୍ଚନା କରିବା ସହିତ ଖାଦ୍ୟ ଅର୍ପଣ କରୁଥିଲେ। ସେହି ପରମ୍ପରାକୁ ତାଙ୍କ ପରେ ଲୋକମାନେ ଗ୍ରହଣ କରିନେଲେ। ଅନ୍ୟ କେତେକ ଜନଶ୍ରୁତି ଓ ଲୋକମତ ଅନୁସାରେ ଛତିଶଗଡ଼ର ବାଲୋଦ ଜିଲ୍ଲାସ୍ଥିତ ଖପରି ଗାଁରେ ଥିବା 'କୁକୁରଦେବ ମନ୍ଦିର'ରେ ଯେଉଁ କୁକୁରର ପ୍ରତିମା ସ୍ଥାପନ କରାଯାଇଛି, ତାହା ପଛରେ କାହାଣୀ ଉପରୋକ୍ତ କାହାଣୀ ସହିତ ସମାନ।(କ୍ରମଶଃ...)

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଧାନ ପାଣିନାଳ ଉପର ବେଆଇନ ସ୍ଥାୟୀ ପକ୍କାଘର ନିର୍ମାଣ

# ଅଭିଯୋଗର ୨୦ ମାସ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ୍

ବନ୍ତ/ଆଗରପଡ଼ା,୨।୪(ସମିସ)



ନୂତନ ସରକାର ଆସିବା ପରେ ବର୍ତ୍ତମାନ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ଜବରଦଖଲରେ ଥିବା ବିଭିନ୍ନ ଜାଗାରୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟାକୁ ଜୋର୍‌ଦାର କରାଯାଇଥିବା ବେଳେ ଏହାର ବ୍ୟତିକ୍ରମ କିନ୍ତୁ ବନ୍ତ ବ୍ଲକ୍‌ରେ ଦେଖିବାକୁ ମିଳିଛି। ଅଭିଯୋଗକୁ ୨୦ ମାସ ବିତିଯିବା ପରେ ମଧ୍ୟ ପ୍ରଶାସନ ନିରବଦ୍ରଷ୍ଟା ସାଜିବା ତା'ର କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍ ଅନ୍ତର୍ଗତ ଅଣିଜୋ ମାଇନର କେନାଲରୁ ବାହାରିଥିବା ଆଉଟ୍‌ଲେଟ୍‌ର ପ୍ରଧାନ ନାଳ ଉପରେ କିଛି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ବେଆଇନ୍ ଭାବେ ସ୍ଥାୟୀ ପକ୍କାଘର ନିର୍ମାଣ କରିଥିବାରୁ ଏହାକୁ ଉଚ୍ଛେଦ ଦାବି ନେଇ ସ୍ଥାନୀୟ ଜନପ୍ରତିନିଧିଙ୍କ ସମେତ ପାଣି ପଞ୍ଚାୟତ ସଭାପତି, ସମ୍ପାଦକ ଏବଂ ପଞ୍ଚାୟତବାସୀ ଜିଲ୍ଲାପାଳଙ୍କୁ ୨୦୨୪ ଜୁଲାଇ ମାସରେ ପତ୍ର ମାଧ୍ୟମରେ ଅଭିଯୋଗ କରିଥିଲେ। ବନ୍ତ ବ୍ଲକ୍ ଅନ୍ତର୍ଗତ ବଡ଼ମହିଁଷଗୋଠ ଓ ପୁରୁଷଣ୍ଡ ପଞ୍ଚାୟତର କୁଆଁଶମଡ଼ିଆ ରାଜସ୍ୱ ମୌଜାର ଗରିବ, ନିମ୍ନ ମଧ୍ୟବିତ୍ତ ଏବଂ ମଧ୍ୟବିତ୍ତ ପରିବାରର ଚାଷୀମାନେ କୃଷି କାର୍ଯ୍ୟ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ସରକାରୀ ଚକବନ୍ଦୀ ନକ୍ସା ଅନୁସାରେ ଅଣିଜୋ ଶାଖା କେନାଲ(କୁଆଁଶମଡ଼ିଆ ମୋ÷ଜା ଜଳସେଚନ ଅଫିସ ସନ୍ନିକଟ)ରୁ ଆଉଟ୍‌ଲେଟ୍ ଦ୍ୱାରା ଏକ ପ୍ରଧାନ ପାଣିନାଳ ଖାତା ନଂ-୨୮୪, ପ୍ଲଟ୍ ନଂ-୫୩୭, ରକବା-ଏ୦-୧୧ଡି. ଦୀର୍ଘ ୫୦୦ ମି. ପର୍ଯ୍ୟନ୍ତ ସ୍ଥିତାବସ୍ଥା ହରାଇ ବସିଛି। ପରିତାପର ବିଷୟ ଉକ୍ତ ଆଉଟ୍‌ଲେଟ୍ ଆରମ୍ଭରୁ ପ୍ରଧାନ ପାଣିନାଳ ଉପରେ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ବେଆଇନ ଭାବେ ପକ୍କାଘର ନିର୍ମାଣ କରିବା ସହ ଉକ୍ତ ମୌଜାର ପାଖାପାଖି ୨୫ରୁ ଊର୍ଦ୍ଧ୍ୱ ପ୍ରଧାନ ପାଣିନାଳ ବିଭିନ୍ନ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଅବରୋଧ କରାଯାଇଛି। ଯଦ୍ୱାରା ସମସ୍ତ ଚାଷ ଜମିକୁ ଜଳ ନିଷ୍କାସନ ହୋଇପାରୁ ନାହିଁ କି ଚାଷ ଜମିରେ ପାଣି ପହଞ୍ଚିପାରୁନାହିଁ। ଅପରପକ୍ଷରେ କେନାଲ ଜଳ ନ ପାଇ ମଧ୍ୟ ସେମାନେ ଜଳକର ଦେବାକୁ ବାଧ ହେଉଛନ୍ତି। ତେଣୁ ଏହାର ବିଧିବଦ୍ଧ ତଦନ୍ତ କରିବା ସହ ପ୍ରଧାନ ପାଣିନାଳ ଉପରେ ବେଆଇନ ସ୍ଥାୟୀ ପକ୍କାଗୃହକୁ ଉଚ୍ଛେଦ ଓ ଅବରୋଧ ହୋଇ ରହିଥିବା ସମସ୍ତ ପ୍ରଧାନ ପାଣିନାଳକୁ ଅବରୋଧମୁକ୍ତ କରିବା ପାଇଁ ଆଗରପଡ଼ା ୧୪ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ରୁନିତା ଦାସ, ବିଟିପୁର ସରପଞ୍ଚ ସୁଭଦ୍ରା ସିଂହ, ବଡ଼ମହିଁଷଗୋଠ ସରପଞ୍ଚ ବିନୋଦିନୀ ମହାନ୍ତି, ପୁରୁଷଣ୍ଡ ସରପଞ୍ଚ ପ୍ରକାଶ ବିଶ୍ୱାଳ, ବଡ଼ମହିଁଷଗୋଠ ସମିତିସଭ୍ୟା ପଦ୍ମାବତୀ ନାଥଶର୍ମା, ମା' ଚଣ୍ଡୀ ପାଣି ପଞ୍ଚାୟତ ସଭାପତି ଦୀପକ ମହାନ୍ତି, ସମ୍ପାଦକ ପଦ୍ମଲୋଚନ ନାଥଶର୍ମାଙ୍କ ସମେତ କୁଆଁଶମଡ଼ିଆ ଅଧୀନସ୍ଥ ସମସ୍ତ ଚାଷୀ ଓ ପଞ୍ଚାୟତବାସୀ ଜିଲ୍ଲାପାଳଙ୍କୁ ପତ୍ର ଲେଖିଥିବା ଜଣାପଡ଼ିଥିଲା। ତତ୍ ସହିତ ଏହାର ଏକକିତା ନକଲ ଅତିରିକ୍ତ ଜିଲ୍ଲାପାଳ(ରେଭିନ୍ୟୁ) ଭଦ୍ରକ, ତହସିଲ୍‌ଦାର ବନ୍ତ ଓ ନିର୍ବାହୀ ଯନ୍ତ୍ରୀ କାଡ଼ା, ଭଦ୍ରକଙ୍କୁ ପ୍ରେରଣ ମଧ୍ୟ କରିଥିଲେ। ଇତି ମଧ୍ୟରେ ୨୦ ମାସ ବିତିବାକୁ ବସିଥିବାବେଳେ ପ୍ରଶାସନ କୋ÷ଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ବନ୍ତ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ଉଚ୍ଛେଦ ପ୍ରକ୍ରିୟାରେ ତହସିଲ୍‌ଦାରଙ୍କ ଆଭିମୁଖ୍ୟକୁ ନେଇ ଚର୍ଚ୍ଚା ଜୋର୍ ଧରିଥିବାରୁ ଚାଷୀଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ଉକ୍ତ ଅଭିଯୋଗକୁ କାଗଜ କଲମରେ ସୀମିତ ନ ରଖି ଏହା ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ପାଇଁ ଅଭିଯୋଗକାରୀ ଦାବି କରିଛନ୍ତି।

## ରାଜପଥରେ ହୁତୁହୁତୁ ହୋଇ ଜଳିଗଲା ହାଇୱା



ଭଦ୍ରକ,୨।୪(ସମିସ): ଗୁରୁବାର ମଧ୍ୟାହ୍ନରେ ୧୬ ନମ୍ବର ଜାତୀୟ ରାଜପଥରେ ହୁତୁହୁତୁ ହୋଇ ଜଳିଗଲା ଏକ ହାଇୱା। ଏହି ଅଘଟଣ ଯୋଗୁଁ କିଛି ସମୟ ପାଇଁ ଜାତୀୟ ରାଜପଥରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ୧୬ ନମ୍ବର ଜାତୀୟ ରାଜପଥର ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଗେଲପୁର ନିକଟ ଗୋପବନ୍ଧୁପୁର ଛକ ନିକଟରେ ଏହି ଅଘଟଣ ଘଟିଛି। ସୂଚନା ଅନୁଯାୟୀ, ଭଦ୍ରକରୁ ଭୁବନେଶ୍ୱର ଆଡ଼କୁ ଯାଉଥିବା ଏକ ହାଇୱାରେ ହଠାତ୍ ନିଆଁ ଲାଗି ଯାଇଥିଲା। ଅଗ୍ନିକାଣ୍ଡରେ ଗାଡ଼ିଟି ସମ୍ପୂର୍ଣ୍ଣ ଜଳିଯାଇଛି। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ନିଆଁ ଲାଗିବା କାରଣରୁ ଭଦ୍ରକ-ଭୁବନେଶ୍ୱର ରାଜପଥରେ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ତେବେ ଉକ୍ତ ହାଇୱା ଚାଳକ ବିଜୟ କୁମାର ନାଥ ଅଳ୍ପକେ ବର୍ତ୍ତି ଯାଇଛନ୍ତି।

## ସମାଜସେବୀଙ୍କ ପରଲୋକ



ଭଣ୍ଡାରୀପୋଖରୀ,୨।୪(ସମିସ): ଏହି ବ୍ଲକ୍ ଅନ୍ତର୍ଗତ ନପଙ୍ଗ ଗ୍ରାମପଞ୍ଚାୟତର ବିଶିଷ୍ଟ ବ୍ୟକ୍ତି ତଥା ସମାଜସେବୀ ଉମାକାନ୍ତ ନାୟକଙ୍କ ୮୨ ବର୍ଷ ବୟସରେ ତାଙ୍କ ନପଙ୍ଗସ୍ଥିତ ବାସଭବନରେ ଗତ ମାର୍ଚ୍ଚ ୩୧ ତାରିଖରେ ପରଲୋକ ହୋଇଯାଇଛି। ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ ତଥା ବିଜେଡିର ଅନ୍ୟ ନେତୃବୃନ୍ଦ ସ୍ୱର୍ଗତ ନାୟକଙ୍କ ଶେଷଦର୍ଶନ କରି ଶୋକପ୍ରକାଶ କରିଥିଲେ। ଏହାପରେ ନପଙ୍ଗ ପଞ୍ଚାୟତରେ ଏକ ଶୋଭାଯାତ୍ରା କରିବା ପରେ ପୁରୀରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ ପୁଅ ଉଦୟ ମୁଖାଗ୍ନି ଦେଇଥିଲେ। ଦୀର୍ଘଦିନ ଧରି ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ଦୁଇ ପୁତ୍ର ଉଦୟ ଓ ବିଜୟ, ୩ ଝିଅ, ଜ୍ୱାଇଁ, ବୋହୂ, ନାତି ଓ ନାତୁଣିମାନେ ଉପସ୍ଥିତ ଥିଲେ। ନପଙ୍ଗ ଗ୍ରାମରେ ଲୋକନାଥ ମନ୍ଦିର ଓ ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରତିଷ୍ଠା କରିଛନ୍ତି। ଗରିବ ଲୋକଙ୍କୁ ସାହାଯ୍ୟ କରିବା ସହ କିଛି ଭୂମିହୀନଙ୍କୁ ମଧ୍ୟ ସେ ଭୂମିଦାନ କରିଛନ୍ତି। ତାଙ୍କ ମୃତ୍ୟୁରେ ନପଙ୍ଗ ପଞ୍ଚାୟତ ଓ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଅନ୍ନପୂର୍ଣ୍ଣାରେ ନାଟକ 'ଚିଟାଉ' ମଞ୍ଚସ୍ଥ



ଭଦ୍ରକ,୨।୪(ସମିସ): ପୁରୀ ଅନ୍ନପୂର୍ଣ୍ଣା ମଞ୍ଚରେ ଶ୍ରୀଜଗନ୍ନାଥାନୟ କାର୍ଯ୍ୟକ୍ରମରେ ଗତ ୧ ତାରିଖ ସନ୍ଧ୍ୟାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ସଙ୍ଗୀତ ନାଟକ ଏକାଡେମୀ ଭୁବନେଶ୍ୱରଙ୍କ ମିଳିତ ସହଯୋଗରେ ନାଟକ "ଚିଟାଉ" ମଞ୍ଚସ୍ଥ ହୋଇଯାଇଛି। ପଣ୍ଡିତ ମଦନ ମୋହନ ମିଶ୍ରଙ୍କ ରଚିତ, ସଙ୍ଗୀତ ନାଟକ ଏକାଡେମୀ ପୁରସ୍କୃତ ଗୌରାଙ୍ଗ ଚନ୍ଦ୍ର ବାରିକଙ୍କ ଦ୍ୱାରା ନିର୍ଦ୍ଦେଶିତ ଭଦ୍ରକ ରାନ୍ଧିଆ କୋରଣ୍ଟ ବିମଳା ନାଟ୍ୟ ସଂସଦର କଳାକାରମାନଙ୍କ ଦ୍ୱାରା ଅଭିନୀତ ହୋଇଯାଇଛି। ନାଟ୍ୟ ପରିଚାଳନା କରିଥିଲେ ଇଂ. ଅଶୋକ ପ୍ରସାଦ ମହାନ୍ତି ଏବଂ ସଙ୍ଗୀତରେ ସହଯୋଗ କରିଥିଲେ ରାଜକୁମାର। ବିଭିନ୍ନ ଭୂମିକାରେ ନାରାୟଣ, ଅଭିମନ୍ୟୁ, ବିଜୟ, ଅରବିନ୍ଦ, ପ୍ରଶାନ୍ତ, ହିମାଂଶୁ, ଆଲୋକ, ଜଡ଼ା, ଶଶାଙ୍କ, ସନ୍ଧ୍ୟାରାଣୀ, ବସୁମିତ୍ରା, ଉର୍ମିଳା, ସସ୍ମିତା, ଏଲି, ଶିଶୁ କଳାକାର ସାଇ ଓ ଦେବଦର୍ଶନୀ ଅଭିନୟ କରିଥିଲେ। ନୃତ୍ୟ ନିର୍ଦ୍ଦେଶନା ଗୁରୁ ନାରାୟଣ ଚନ୍ଦ୍ର ସାହୁ, ମଞ୍ଚସଜ୍ଜା ଅମୀୟ ସେଠୀ, ଷ୍ଟେଜ୍ କ୍ରାଫ୍ଟରେ ଶରତ ମହାନ୍ତି ସହଯୋଗ କରିଥିଲେ। ନାଟ୍ୟ ନିର୍ଦ୍ଦେଶକ ଗୌରାଙ୍ଗ ଚନ୍ଦ୍ର ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜଗନ୍ନାଥ ସଂସ୍କୃତି ସହିତ ଜଡ଼ିତ ପ୍ରଚାରପ୍ରସାର ପାଇଁ ସଂସ୍କୃତି ବିଭାଗ ଓ ସଙ୍ଗୀତ ନାଟକ ଏକାଡେମୀ ଭୁବନେଶ୍ୱରର ସମ୍ପାଦକ ଓ ସଚିବ ଚନ୍ଦ୍ରଶେଖର ହୋତାଙ୍କ ଉଦ୍ୟମ ବେଶ୍ ପ୍ରଶଂସନୀୟ।

## ଚା' ପିଉଥିବାବେଳେ ଟଳି ପଡ଼ିଲେ ଭୀମସେନ



ଅସୁରାଳି,୨।୪(ସମିସ): ଧାମନଗର ବ୍ଲକ୍ ନଦୀଗାଁ ପଞ୍ଚାୟତର ପାଟଣାସାହିର ଯୁବ ସମାଜସେବୀ ଭୀମସେନ ସାହୁ (୪୬)ଙ୍କର ଗୁରୁବାର ସକାଳ ୮ଟାବେଳେ ନଦୀଗାଁ ବଜାରରେ ଚା' ପିଉଥିବାବେଳେ ହଠାତ୍ ବସୁ ବସୁ ମୁଣ୍ଡ ବୁଲାଇଦେବା ଯୋଗୁଁ ସେ ତଳେ ପଡ଼ିଯାଇଥିଲେ। ସଙ୍ଗେ ସଙ୍ଗେ ଚିକିତ୍ସା ପାଇଁ ତାଙ୍କୁ ଭଦ୍ରକ ମେଡିକାଲକୁ ନିଆଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିଲେ। ଭଦ୍ରକରୁ କଟକ ଯିବା ସମୟରେ ବାଟରେ ଦେହ ଅଧିକ ଖରାପ ହେବାରୁ ନିକଟସ୍ଥ ଧର୍ମଶାଳା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ କଟକ ସ୍ଥାନାନ୍ତରିତ କରାଯାଇଥିଲା ଏବଂ ସେଠାରେ ତାଙ୍କର ଶବ ବ୍ୟବଚ୍ଛେଦ କରାଯାଇଥିଲା। ତାଙ୍କ ମୃତ୍ୟୁ ଖବର ଜାଣିଲା ପରେ ଶୋକ ପ୍ରକାଶ କରିଛି। ମୃତ ଶରୀରକୁ ଗ୍ରାମ ପରିକ୍ରମା କରିବା ପରେ ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ତାଙ୍କ ୧୧ ବର୍ଷର ପୁତ୍ର ରୁଦ୍ର ନାରାୟଣ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଧୂଷୁରୀ ପ୍ରେସ୍ ୟୁନିୟନ ସଭାପତି ସନ୍ତୋଷ ଦାସ, ସମ୍ପାଦକ ଦୀପ୍ତି ରଞ୍ଜନ ନାୟକ, ବରିଷ୍ଠ ନେତା ହରିହର ସାହୁ, ସମାଜସେବୀ ମାନସ ରଞ୍ଜନ ସାହୁ, ଯୁବ ସାମ୍ବାଦିକ ରତିକାନ୍ତ ନାୟକ, ଲତିବ କୁମାର ଓଝା ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## ପ୍ରଥମ ଡିଜିଟାଲ୍ ଜନଗଣନାର ଶୁଭାରମ୍ଭ



ଭଦ୍ରକ,୨।୪(ସମିସ): ଭଦ୍ରକ ଜିଲ୍ଲାରେ ଡିଜିଟାଲ୍ ଜନଗଣନାର ପ୍ରଥମ ପର୍ଯ୍ୟାୟ ସ୍ୱ-ଗଣନା ଗୁରୁବାର ଆରମ୍ଭ ହୋଇଛି। ଏହି ପ୍ରକ୍ରିୟା ସରକାରୀ ପୋର୍ଟାଲ୍ (ଏସ୍.ଇସେନ୍‌ସ.ଜିଓଭି.ଇନ୍) ମାଧ୍ୟମରେ ସମ୍ପନ୍ନ ହେଉଛି। ଶୁଭାରମ୍ଭରେ ପ୍ରମୁଖ ଜନଗଣନା ଅଧିକାରୀ ଭାବେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ମୁଖ୍ୟ ଉନ୍ନୟନ ଅଧିକାରୀ ସୁଭେନ୍ଦ୍ର ସାମଲ, ଅତିରିକ୍ତ ସଚିବ କ୍ରୀଡ଼ା ବିଭାଗ ଅଶୋକ କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଡେପୁଟି କଲେକ୍ଟର (ଜନଗଣନା) ପ୍ରମିଳା ମଲ୍ଲିକ, ଶ୍ୱେତାଶ୍ରୀ ମହାପାତ୍ର ଓ ବିଭିନ୍ନ ସ୍ତରର ଅଧିକାରୀମାନେ ଅଂଶଗ୍ରହଣ କରିଛନ୍ତି। ଡିଜିଟାଲ୍ ଜନଗଣନାର ଏହି ପ୍ରଥମ ପର୍ଯ୍ୟାୟରେ ଭଦ୍ରକ ଜିଲ୍ଲାର ଉଚ୍ଚପଦସ୍ଥ ଅଧିକାରୀ ସ୍ୱ-ଗଣନାରେ ଅଂଶଗ୍ରହଣ କରିଛନ୍ତି। ଏହି ଡିଜିଟାଲ୍ ଜନଗଣନାର ବିଶେଷତ୍ୱ ହେଉଛି ଯେ, ଗଣନାକାରୀ ଆଇଡି ତୁରନ୍ତ ପ୍ରସ୍ତୁତ କରାଯିବ ଏବଂ ସାଧାରଣ ଜନତା ମୋବାଇଲ୍ ନମ୍ବର ମାଧ୍ୟମରେ ନିଜ ଘରକୁ ଗଣନା କରିପାରିବେ। ଡିଜିଟାଲ୍ ମାଧ୍ୟମରେ ଏହି ଗଣନା ପ୍ରଥମ ଥର ଆରମ୍ଭ ହୋଇଛି, ଯାହାଫଳରେ ଗଣନା ପ୍ରକ୍ରିୟା ଅଧିକ ସହଜ ଏବଂ ସ୍ୱଚ୍ଛ ହେବ। ଏହି ସ୍ୱ-ଗଣନା ପ୍ରକ୍ରିୟା ଏପ୍ରିଲ ୧ରୁ ୧୫ ପର୍ଯ୍ୟନ୍ତ ଚାଲିବ, ଯେଉଁଠି ସରକାରୀ ପୋର୍ଟାଲ୍ ମାଧ୍ୟମରେ ଗଣନା କାର୍ଯ୍ୟ ଚାଲିବ। ଭଦ୍ରକ ଜିଲ୍ଲା ଅନ୍ତର୍ଗତ ସମସ୍ତ ଉଚ୍ଚପଦସ୍ଥ ଅଧିକାରୀ ଏହି ଡିଜିଟାଲ୍ ଗଣନାରେ ଅଂଶଗ୍ରହଣ କରି ଏକ ନୂତନ ଉଦାହରଣ ସୃଷ୍ଟି କରିଛନ୍ତି। ଏହି ଡିଜିଟାଲ୍ ଜନଗଣନା-୨୦୨୬ର ଶୁଭାରମ୍ଭ ଜନଗଣନା ପ୍ରକ୍ରିୟାରେ ଏକ ନୂତନ ଅଧ୍ୟାୟ ଆରମ୍ଭ କରୁଛି।

● ଭଦ୍ରକରେ ୯୧ତମ ଓଡ଼ିଶା ଦିବସ ପାଳିତ

## ଓଡ଼ିଆ ଭାଷା ଓ ପରିଚୟ ସୁରକ୍ଷିତ ରଖିବାକୁ ଆହ୍ୱାନ

ଭଦ୍ରକ,୨।୪(ସମିସ): ଭଦ୍ରକ ଜିଲ୍ଲାରେ ୯୧ତମ ଓଡ଼ିଶା ଦିବସ ବିଭିନ୍ନ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାଧାରଣ ଲୋକଙ୍କ ବ୍ୟାପକ ଉପସ୍ଥିତି ଦେଖିବାକୁ ମିଳିଥିଲା।



ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଓଡ଼ିଶାର ଐତିହ୍ୟ, ସାହିତ୍ୟ ଓ ସଂସ୍କୃତିର ମହତ୍ୱ ବିଷୟରେ ଅଭିଭାଷଣ ଦେଇ ସମସ୍ତଙ୍କୁ ଓଡ଼ିଆ ଭାଷା ଓ ପରିଚୟକୁ ସୁରକ୍ଷିତ ରଖିବାକୁ ଆହ୍ୱାନ ଦେଇଥିଲେ। ଓଡ଼ିଆ ଭାଷାର ଉତ୍ପତ୍ତି ଓ ଏହାର ମାହାତ୍ମ୍ୟ ଉପରେ ମନ୍ତ୍ରୀ ଆଲୋକପାତ କରିଥିଲେ। ଏଥି ସହ ଆମ ରାଜ୍ୟ ସଙ୍ଗୀତ "ବନ୍ଦେ ଉତ୍କଳ ଜନନୀ"ର ରଚୟିତା ଭଦ୍ରକର ବରପୁତ୍ର କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଗୌରବ ଗାଥାକୁ ସ୍ମରଣ କରିଥିଲେ। ଓଡ଼ିଶା ଦିବସର ଏହି ସଭାକୁ ସଭାପତିତ୍ୱ କରୁଥିବା ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଓଡ଼ିଶାର ଆମ ଦେଶ ପାଇଁ ଅବଦାନ ଓ ବଳିଦାନ ବିଷୟରେ କହି ସମସ୍ତ ଓଡ଼ିଆଙ୍କୁ ନିଜ ଭାଷା ଓ ରାଜ୍ୟ ପାଇଁ ଉତ୍ସର୍ଗୀକୃତ ରହିବାକୁ ଅନୁରୋଧ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ ଯୋଗଦେଇ ଓଡ଼ିଶା ପ୍ରତି ଗର୍ବ ଓ ଭାବନାକୁ ଆହୁରି ମଜଭୁତ କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଇଂ.ଅଭୟ ସୂତାର ଓଡ଼ିଶା କିପରି ଇଂରେଜମାନଙ୍କଠାରୁ ସ୍ୱତନ୍ତ୍ର ହୋଇଥିଲା ସେ ବିଷୟରେ ସମ୍ୟକ୍ ସୂଚନା ଦେଇଥିଲେ। ଓଡ଼ିଶା ଦିବସର ଭବ୍ୟ ସମାରୋହରେ ବିଦ୍ୟାଳୟସ୍ତରୀୟ ଦେଶାତ୍ମବୋଧ, ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲ୍ଲା ପ୍ରଶାସନ ଦ୍ୱାରା ଆୟୋଜିତ ଉକ୍ତ ପ୍ରତିଯୋଗିତାର ବିଜେତାମାନଙ୍କୁ ସାଲନ୍ଦୀ ହସ୍ପିଟାଲ, ସାଲନ୍ଦୀ ନର୍ସିଂ କଲେଜ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ସଭାରେ କୁନି କୁନି ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମଧୁସ୍ମିତା ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ।

## ୭୯ ବର୍ଷରେ ମା' ଅନ୍ନପୂର୍ଣ୍ଣା ପୂଜା ମହୋତ୍ସବ



କୋଠାର,୨।୪(ସମିସ): ଧାମନଗର ବ୍ଲକ୍ କୋଠାର ଅନ୍ନପୂର୍ଣ୍ଣା ନଗରସ୍ଥିତ ମା' ଅନ୍ନପୂର୍ଣ୍ଣାଙ୍କ ପୂଜା ମହୋତ୍ସବ ୭୯ ବର୍ଷରେ ପଦାର୍ପଣ କରିଛି। ଏହି ପୂଜା ଗତ ମାର୍ଚ୍ଚ ୨୫ରୁ ଆରମ୍ଭ ହୋଇ ଆସନ୍ତା ୩ ତାରିଖରେ ସମାପ୍ତ ହେବ। ଏହି ପୂଜା ମହାଆଡ଼ମ୍ବର ସହକାରେ ସମାପ୍ତ ହୋଇଥାଏ। ୫ ରାତି ପାଲା ପରିବେଷଣ ସହିତ ପ୍ରଥମ ରାତି ଭଜନ ସନ୍ଧ୍ୟା ସମାପ୍ତ ହୋଇଯାଇଛି। ଗୁରୁବାର ସନ୍ଧ୍ୟାରେ ବରଗଡ଼ର ସମ୍ବଲପୁରୀ ନୃତ୍ୟ, ଖୋର୍ଦ୍ଧାର ପାଇକ ଆଖଡ଼ା ଅନୁଷ୍ଠିତ ହୋଇଛି। ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜନ କରାଇବାରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କର ଉଦ୍ୟମକୁ ପୂଜା କମିଟି ତରଫରୁ ସ୍ୱାଗତ କରାଯିବା ସହିତ ତାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଯାଇଛି। ଏହି ପୂଜା କୋଠାର ପଞ୍ଚାୟତର ମୁଖ୍ୟ ପୂଜା ଅଟେ।

## ଉତ୍କଳମଣି ଶିଶୁ ଶିକ୍ଷା ମନ୍ଦିରର ବାର୍ଷିକ ଉତ୍ସବ

ଭଦ୍ରକ,୨।୪(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍‌ର ଉତ୍କଳମଣି ଶିଶୁ ଶିକ୍ଷା ମନ୍ଦିରର ୮ମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ସହ ଶିକ୍ଷାଧିକାରୀ ଜୟକୃଷ୍ଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ବାର୍ଷିକ ଉତ୍ସବରେ ଗୋପବନ୍ଧୁ ଶିକ୍ଷା ବିସ୍ତାର ସମିତି, କଟକର ଉପସଭାପତି ତଥା ଅଧ୍ୟାପକ ଆଦିତ୍ୟ ପ୍ରସାଦ ଧଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦେଶର ଭବିଷ୍ୟତ ତିଆରି କରିବାରେ ଉତ୍କଳମଣି ଶିଶୁ ଶିକ୍ଷା ମନ୍ଦିରର ଭୂମିକା ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଡାକ୍ତର ତଥା କବୟିତ୍ରୀ ଡା. ସରୋଜିନୀ ପଟ୍ଟନାୟକ ଯୋଗଦେଇ ସୁନାଗରିକ ଗଢ଼ିବାରେ ଉତ୍କଳମଣି ଶିଶୁ ଶିକ୍ଷାମନ୍ଦିର ଏକ ଆନ୍ଦୋଳନ ସୃଷ୍ଟି କରିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଗୋପବନ୍ଧୁ ଶିକ୍ଷା ବିସ୍ତାର ସମିତିର ସଂଯୋଜକ ସୁକାନ୍ତ ବିଶୋଇ, ଅନ୍ୟତମ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ସୁବାସ ମହାନ୍ତି, ବିଦ୍ୟାଳୟର ସମ୍ପାଦକ ଶରତ ଚନ୍ଦ୍ର ପଣ୍ଡା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଗୁରୁମା' ଶୁଭସ୍ୱପ୍ନା ବଳ ଅତିଥି ପରିଚୟ ପ୍ରଦାନ କରିବା ସହ ବାର୍ଷିକ ବିବରଣୀ ପଠନ କରିଥିଲେ। ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ଓ ପ୍ରତ୍ୟେକ ଶ୍ରେଣୀର ପ୍ରଥମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ଗୋପବନ୍ଧୁ ଶିକ୍ଷା ବିସ୍ତାର ସମିତି ଦ୍ୱାରା ପରିଚାଳିତ ବାର୍ଷିକ ମେଧାବୃତ୍ତି



ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ର ଶୁଭମ୍ ଦାସଙ୍କୁ ପୁରସ୍କୃତ କରିବା ସହ ବିଦ୍ୟାଳୟର ଛାତ୍ରୀ ସ୍ମିତା ନାୟକଙ୍କୁ ବେଷ୍ଟ ଷ୍ଟୁଡେଣ୍ଟ ଓ ସମାପ୍ତିନୀ ପଲାଇଙ୍କୁ ବେଷ୍ଟ ଅଭିଭାବକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶେଷରେ ଗୁରୁମା' କୀର୍ତ୍ତିମୟୀ ଦାସ ସମସ୍ତ ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିଥିବାବେଳେ ଗୁରୁମା' ନିରୂପମା ଦାସ, ସୁଭଦ୍ରା ମାଝୀ, ମୋନାଲିସା ସୂତାର, ସୀମାରଣୀ ପଲ୍ଲାଇ, ମିଲୁ ମହାଲିକ, ପ୍ରଣତି ନାୟକ, ମିନାରାଣୀ ବେହେରା ଓ ଗୁରୁଜୀ ଜ୍ୟୋତି ରଞ୍ଜନ ବାରିକ ପ୍ରମୁଖ ସହଯୋଗ କରିଥିଲେ।

## ବିଶ୍ୱ ସ୍ୱପରାୟଣତା ସଚେତନତା ଦିବସ



ଭଦ୍ରକ,୨।୪(ସମିସ): ପୁନର୍ବାସ ସେବା ଓ ଅନୁସନ୍ଧାନ କେନ୍ଦ୍ର (ସିଆର୍‌ଏସ୍‌ଆର୍), ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର (ଡିଡିଆର୍‌ସି) ଓ ସିଆର୍‌ଏସ୍‌ଆର୍ ସ୍ୱତନ୍ତ୍ର ବିଏଡ୍ କଲେଜ (ଆଇଡି) ମିଳିତ ଆନୁକୂଲ୍ୟରେ ଗୁରୁବାର ଅନୁଷ୍ଠାନର ସମ୍ମିଳନୀ କକ୍ଷରେ ବିଶ୍ୱ ସ୍ୱପରାୟଣତା ସଚେତନତା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେର ସିଆର୍‌ଏସ୍‌ଆର୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଡ. ଭଗବାନ ପରିଡ଼ା, ଅବସରପ୍ରାପ୍ତ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପଦ୍ମନ କୁମାର ରାୟ, ଅବସରପ୍ରାପ୍ତ ସିଡବ୍ଲୁସି ଚେୟାରମ୍ୟାନ୍ ଡ. ଦେବରାଜ ପାଣିଗ୍ରାହୀ ଏବଂ ସିଆର୍‌ଏସ୍‌ଆର୍ ସ୍ୱତନ୍ତ୍ର ବିଏଡ୍ କଲେଜ(ଆଇଡି)ର ଅଧ୍ୟକ୍ଷ ଅରୁଣ ଲେଙ୍କା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀ ରାୟ ସଭାପତିତ୍ୱ କରି ବିଶ୍ୱ ସ୍ୱପରାୟଣତା ସେଚତନତା ଦିବସରେ ଭିନ୍ନକ୍ଷମମାନେ ସ୍ୱାଧୀନ ଭାବରେ କିପରି ବଞ୍ଚିରହିବେ ଏବଂ ସେମାନଙ୍କ ପ୍ରତି ଆନ୍ତରିକତାର ସହ ସମସ୍ତଙ୍କ ଦାୟିତ୍ୱ ବୋଲି ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥି ଶ୍ରୀ ସେଠୀ ଅଭିଭାବକମାନେ ସଦାସର୍ବଦା ସଚେତନ ହେଲେ ପାରିବାରିକ ଓ ସାମାଜିକ କ୍ଷେତ୍ରରେ ଏହାର ନିରାକରଣ ହୋଇପାରିବ ବୋଲି ଉଚିତ୍ ପରାମର୍ଶ ଦେଇଥିଲେ। ଶ୍ରୀ ପାଣିଗ୍ରାହୀ ଭିନ୍ନକ୍ଷମ ପିଲାମାନଙ୍କ ପ୍ରତି ସ୍ୱତନ୍ତ୍ର ଯତ୍ନ ଓ ସେବା ଉପରେ ଆଲୋଚନା କରି ସେମାନଙ୍କୁ କିପରି ଥଇଥାନ କରାଯାଇପାରିବ ସେ ସମ୍ପର୍କରେ କହିଥିଲେ। ଶ୍ରୀ ଲେଙ୍କା ସ୍ୱପରାୟଣତା ପିଲାମାନଙ୍କ ରୁଚି ଓ ଦକ୍ଷତାର ପରିମାପକ ଅନୁଯାୟୀ ସେମାନଙ୍କୁ ସ୍ୱତନ୍ତ୍ର ତାଲିମ ମାଧ୍ୟମରେ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ କରିବା ପାଇଁ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମ ୨ଟି ଅଧିବେଶନରେ ଅନୁଷ୍ଠିତ ହୋଇଥିଲା ଏବଂ କ୍ଲିନିକାଲ୍ ସାଇକୋଲୋଜିଷ୍ଟ, ଅକୁପେସନାଲ୍ ଥେରାପିଷ୍ଟଙ୍କ ଦ୍ୱାରା ବୈଷୟିକ ଅଧିବେଶନରେ ପିତାମାତା, କ୍ଷେତ୍ରସ୍ତରୀୟ କର୍ମୀ ଇତ୍ୟାଦିଙ୍କ ମଧ୍ୟରେ ଅକ୍ଷମତାର ପ୍ରଭାବ ହ୍ରାସ କରିବା ପାଇଁ ପ୍ରାରମ୍ଭିକ ଚିହ୍ନଟ, କାରଣ, ପଦକ୍ଷେପ ସମ୍ପର୍କରେ ସେଚତନତା ସୃଷ୍ଟି କରିବା ପାଇଁ ନିଆଯାଇଥିବା ପଦକ୍ଷେପଗୁଡ଼ିକ ଉପରେ ଆଲୋକପାତ କରାଯାଇଥିଲା। ଶେଷରେ ଗୋପାଳ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ଶ୍ରମିକ ବିରୋଧୀ ଶ୍ରମକୋଡ୍ ପ୍ରଚଳନକୁ ବିରୋଧ

## ସିଆଇଟିୟୁ ପକ୍ଷରୁ କଳାଦିବସ ଓ ପ୍ରତିବାଦ ସଭା

ଭଦ୍ରକ,୨।୪(ସମିସ)

ଶ୍ରମିକ ବିରୋଧୀ ଶ୍ରମ କୋଡ୍ ପ୍ରଚଳନକୁ ବିରୋଧ କରି ବିଭିନ୍ନ ଟ୍ରେଡ୍ ୟୁନିୟନ ଯଥା- ସିଆଇଟିୟୁ, ଏଆଇଟିୟୁସି, ଏଆଇସିସିଟିୟୁ, ଆଇଏନ୍‌ଟିୟୁସି, ଏଚ୍‌ଏମ୍‌ଏସ୍ ପକ୍ଷରୁ ମିଳିତ ଭାବେ ଭଦ୍ରକ ବନ୍ତ ଛକଠାରେ କଳାଦିବସ ପାଳନ କରାଯିବା ସହ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଶିଳ୍ପ ବିବାଦ ଆଇନ ମାଧ୍ୟମରେ ଆମ ଦେଶର ଶ୍ରମିକ ଶ୍ରେଣୀ ପୂର୍ବରୁ ନିଜର ମଜୁରୀ ମାଲିକ ଶ୍ରେଣୀ ବିରୋଧରେ ମୂଲଚାଲ କରିପାରୁଥିଲା। ଶ୍ରମ କୋଡ୍ ମାଧ୍ୟମରେ ଏହି ଆଇନକୁ ଉଚ୍ଛେଦ କରାଯାଇଛି। ୧୮୮୬ ମସିହା ବିଶ୍ୱ ଶ୍ରମିକ ଶ୍ରେଣୀ ଲଢ଼େଇ କରି ହାସଲ କରିଥିବା ଦୈନିକ ୮ ଘଣ୍ଟା ଶ୍ରମ କରିବାର ଅଧିକାର ପାଇଥିଲା। ଶ୍ରମ କୋଡ୍ ମାଧ୍ୟମରେ ଏହି ଆଇନକୁ ଉଚ୍ଛେଦ କରାଯାଇଛି। ପୂର୍ବ ଆଇନ ଅନୁଯାୟୀ, ୧୦୦ ଜଣ ଶ୍ରମିକ କାମ କରୁଥିବା ଶିଳ୍ପକୁ ମାଲିକ ଶ୍ରେଣୀ ବନ୍ଦ କରିବା ପାଇଁ ସରକାରଙ୍କ ଅନୁମତି ଚାହୁଁଥିଲେ। ଶ୍ରମ କୋଡ୍ ମାଧ୍ୟମରେ ଏବେ ମାଲିକ ଶ୍ରେଣୀ ଚାହିଁଲେ ଏହି କାରଖାନାକୁ ମନଇଚ୍ଛା ବନ୍ଦ କରିଦେବେ। ମହିଳାମାନେ ଦିନ ଦ୍ୱିପ୍ରହରେ ଦୁଷ୍କର୍ମର ଶିକାର ହେଉଥିବାବେଳେ ମୋଦି ସରକାର ଲେବର କୋଡ୍ ମାଧ୍ୟମରେ ମହିଳା ଶ୍ରମିକମାନଙ୍କୁ ରାତିରେ ୧୨ ଘଣ୍ଟା କାମ କରିବା ପାଇଁ ଆଇନଗତ ଭାବେ ବାଧ୍ୟ କରିବା ଘଟଣାକୁ ଶ୍ରମିକ ନେତୃବୃନ୍ଦ ବିରୋଧ କରିଥିଲେ। ପୂର୍ବରୁ ୮ ଘଣ୍ଟା କାମ କରୁଥିଲେ



ଦୈନିକ ମଜୁରୀ ଯାହା ଥିଲା, ବର୍ତ୍ତମାନ ୧୨ ଘଣ୍ଟା କାମ କଲେ ବି ମଜୁରୀ ବଢ଼ିବାର କୌଣସି ବ୍ୟବସ୍ଥା କରି ନ ଥିବାରୁ ଶ୍ରମିକ ନେତୃବୃନ୍ଦ ଦୃଢ଼ ବିରୋଧ କରିଥିଲେ। ଏହି ପ୍ରତିବାଦ ଆନ୍ଦୋଳନରେ ସିଆଇଟିୟୁ ଜିଲ୍ଲା ସଭାପତି ଦିବ୍ୟସିଂହ ନାୟକ, ଜିଲ୍ଲା ସମ୍ପାଦକ କାଳନ୍ଦୀ ପାତ୍ର, ଯୁବନେତା ବିକାଶ ନାଥ, ଏଆଇସିସିଟିୟୁ ଜିଲ୍ଲା ସଭାପତି ସମର ବଳ, ଶ୍ରମିକ ନେତ୍ରୀ ରଞ୍ଜିତା ପଣ୍ଡା, କୃଷକ ନେତା ନିରଞ୍ଜନ ପାଣି, ଓଡ଼ିଶା କ୍ଷେତ ମଜଦୂର ୟୁନିୟନ ଜିଲ୍ଲା ସମ୍ପାଦକ ଗିରିଧାରୀ ନାଥ, ମହିଳା ନେତ୍ରୀ ଶାନ୍ତିଲତା ରାଉତ ପ୍ରମୁଖ ନେତୃତ୍ୱ ନେଇଥିଲେ। ଆଗାମୀ ଦିନରେ ଏହି ଆନ୍ଦୋଳନକୁ ତୀବ୍ରତର କରିବାକୁ ଆହ୍ୱାନ ଜଣାଇଥିଲେ।

### ୪ ବର୍ଷର ରିପୋର୍ଟ କାର୍ଡ ପ୍ରଦାନ କଲେ ଭଦ୍ରକ ପୌରାଧ୍ୟକ୍ଷା

# ରାଜନୈତିକ ଆକ୍ରୋଶରୁ ବିକାଶରେ ବାଧା

ଭଦ୍ରକ,୨।୪(ସମିସ)



ଭଦ୍ରକ ପୌରପାଳିକାର ପୌରାଧ୍ୟକ୍ଷା ଗୁଲ୍‌ମକୀ ଦଲାଓ୍ୱାଜି ହବିବ ତାଙ୍କ ୪ ବର୍ଷ କାର୍ଯ୍ୟକାଳର ରିପୋର୍ଟ କାର୍ଡ ଗୁରୁବାର ତାଙ୍କ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦାନ କରିଛନ୍ତି। ଭଦ୍ରକ ସହର ଓ ସହରବାସୀଙ୍କ ବିକାଶ ପାଇଁ ସେ ସର୍ବଦା ଉଦ୍ୟମ କରି ଆସିଥିବା କହିଛନ୍ତି। ସହରକୁ ସୁନ୍ଦର ଓ ଲୋକଙ୍କ ଯାତାୟାତ ସୁବିଧା ନିମନ୍ତେ ୱାର୍ଡ ଭିତରେ ଥିବା ରାସ୍ତା ଏବଂ ମୁଖ୍ୟ ରାସ୍ତାଗୁଡ଼ିକ ଆସ୍ତ ୪ ବର୍ଷ କାର୍ଯ୍ୟକାଳ ଅବଧି ମଧ୍ୟରେ ୩୬୦ଟି ନୂତନ ରାସ୍ତା ବାବଦରେ ୨୧ କୋଟି ୮୭ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି ଏବଂ ୧୩୫ଟି ରାସ୍ତା ସହିତ ଜଳ ନିଷ୍କାସନ ପାଇଁ ଡ୍ରେନ୍ ବାବଦରେ ୧୧ କୋଟି ୬୯ ଲକ୍ଷ ବ୍ୟୟ କରାଯାଇଛି। ଭଦ୍ରକ ସହରାଞ୍ଚଳରେ ଥିବା ଅନ୍ୟ ବିଭାଗର ରାସ୍ତା ଅପେକ୍ଷା ଯଥେଷ୍ଟ ଭଲ ରହିଛି ବୋଲି ଅଧ୍ୟକ୍ଷା କହିଛନ୍ତି। ସେହିଭଳି ସହର ଭିତରେ ଥିବା ଡ୍ରେନ୍‌ଗୁଡ଼ିକ ବହୁ ପୁରୁଣା ଥିବା ଯୋଗୁଁ ଏବଂ ରକ୍ଷଣାବେକ୍ଷଣ ଅଭାବ ଯୋଗୁଁ ପରିତ୍ୟକ୍ତ ଅବସ୍ଥାରେ ଏବଂ ମୁକୁଳା ଅବସ୍ଥାରେ ପଡ଼ିରହିଥିଲା। ଫଳରେ ସହରରେ ବର୍ଷା ଜଳ ନିଷ୍କାସନର ବାଧା ହେଉଥିଲା ଏବଂ ଲୋକଙ୍କ ଧନଜୀବନ କ୍ଷତି ହେଉଥିଲା। କିନ୍ତୁ ସେ ଅଧ୍ୟକ୍ଷା ଦାୟିତ୍ୱ ଦେବା ପରେ ୧୪୭ଟି ନୂତନ ଡ୍ରେନ୍ ପାଇଁ ୧୨ କୋଟି ୩୪ ଲକ୍ଷ ଟଙ୍କା ବ୍ୟୟରେ ପୁନରୁଦ୍ଧାର କରାଗଲା, ଯାହାଦ୍ୱାରା ଭଦ୍ରକ ସହରର ୱାଟର ଲଗିଂ ସମସ୍ୟା ୯୦ ଭାଗ ସମାଧାନ ହୋଇଛି। ଯାହା ଅଳ୍ପବହୁତେ ଏହି ସମସ୍ୟା ରହିଛି। ସେଥିରେ ଭଦ୍ରକର ଡ୍ରେନେଜ୍ ବିଭାଗର ସହଯୋଗ ମିଳୁ ନ ଥିବା ଯୋଗୁଁ ବାକି ରହିଛି ବୋଲି କହିଛନ୍ତି। ୮ ମାସ ହେବ ଜଣେ ସ୍ଥାୟୀ ପୌରନିର୍ବାହୀ ଅଧିକାରୀ ନ ଥିବାରୁ ଲୋକାଭିମୁଖୀ ପ୍ରକଳ୍ପଗୁଡ଼ିକର ଅଗ୍ରଗତିରେ ରୋକ୍ ଲାଗିଛି। ରାଜନୈତିକ ଆକ୍ରୋଶ ରଖି ପୌରପାଳିକାକୁ ଗତ ୨ବର୍ଷ ହେବ ଆବଶ୍ୟକ ଅନୁଦାନ ମିଳୁନାହିଁ। ପ୍ରାୟ ୨୨ କୋଟି ଟଙ୍କାର ଉନ୍ନୟନମୂଳକ କାର୍ଯ୍ୟ ଲାଗି ଟେଣ୍ଡର ହୋଇଥିବାବେଳେ ସରକାର ମାତ୍ର ୩ କୋଟି ଟଙ୍କାର ଅନୁଦାନ ଯୋଗାଇବା ଯୋଗୁଁ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇପାରୁନି ବୋଲି ପୌରାଧ୍ୟକ୍ଷା ଉଦ୍‌ବେଗ ପ୍ରକାଶ କରିଥିଲେ।

ଅନ୍ୟପକ୍ଷରେ ପୌରପାଳିକା ଦ୍ୱାରା ୫୩ ଲକ୍ଷ ବ୍ୟୟରେ ୧୧ଟି କମ୍ୟୁନିଟି ସେଣ୍ଟର, ୨୨ ଲକ୍ଷ ଟଙ୍କା ବ୍ୟୟରେ ୫ଟି ସ୍କୁଲ ପୁନଃଉଦ୍ଧାର, ସରକାରୀ ଜାଗା, ଶ୍ମଶାନ, କବର ସ୍ଥାନକୁ ସୁରକ୍ଷିତ ରଖିବା ପାଇଁ ୫୫ ଲକ୍ଷ ଟଙ୍କା ବ୍ୟୟରେ ୭ଟି ପାଚେରି ନିର୍ମାଣ, ୧୩୨୧ଟି ଆବାସ ଘର ନିର୍ମାଣ, ଆହୁରି ମଧ୍ୟ ୯୦୦ ଆବାସ ଘର ପାଇଁ ଡିପିଆର୍ ପ୍ରସ୍ତୁତ ସରିଛି ବୋଲି ପୌରାଧ୍ୟକ୍ଷା ସୂଚନା ଦେଇଥିଲେ। ସେହିଭଳି ଏହି ୪ ବର୍ଷରେ ଭଦ୍ରକ ସହରର ସଫେଇ

- ୮ ମାସ ହେଲା ନାହାନ୍ତି ସ୍ଥାୟୀ ନିର୍ବାହୀ ଅଧିକାରୀ
- ପୌରାଞ୍ଚଳରେ ଦୋକାନ ଘର ନିର୍ମାଣ କରୁଛି ଆର୍‌ଏମ୍‌ସି
- ୨ ବର୍ଷ ହେବ ପର୍ଯ୍ୟାପ୍ତ ସରକାରୀ ଅନୁଦାନ ମିଳୁନି

କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ପୂର୍ବରୁ ୧୪ଟି ଗାଡ଼ି ଥିବାବେଳେ ବର୍ତ୍ତମାନ ଆଉ ୩୭ଟି ପରିମଳ ଗାଡ଼ି ନିୟୋଜିତ କରାଯାଇଛି। ୩ଟି ଇଲେକ୍ଟ୍ରି ଟାଉନ୍ ବସ୍ ସହରରେ ସୁଲଭ ମୂଲ୍ୟରେ ପରିଚାଳନା କରିବା ପାଇଁ ପୌରପାଳିକା ଦ୍ୱାରା ବ୍ୟବସ୍ଥା କରାଯାଇଛି। ଅନୁରୂପ ବାବେ ସହରରେ ୫ଟି ସ୍ୱାଗତମ୍ ଗେଟ୍, ସହରରେ ବିଭିନ୍ନ ମୁଖ୍ୟ ଜାଗାମାନଙ୍କରେ ଏଲ୍‌ଇଡି ଡିସ୍‌ପ୍ଲେ ବ୍ୟବସ୍ଥା କରାଯାଇଛି। ଗୋଟେ ଅତ୍ୟାଧୁନିକ ୨୨୦ ବିଶିଷ୍ଟ ସିଟ୍ ବ୍ୟବସ୍ଥା ଥିବା ପାଠାଗାର ବ୍ଲକ୍ କଲୋନୀଠାରେ ନିର୍ମାଣ କରାଯାଇଛି। ୨୪ ନଂ ୱାର୍ଡରେ ୧.୫ କୋଟି ଟଙ୍କାରେ ନୂତନ ପାର୍କ ନିର୍ମାଣ କାର୍ଯ୍ୟ ଚାଲୁଛି। ନୂତନ ବସ୍‌ଷ୍ଟାଣ୍ଡଠାରେ ଥିବା ମା' ଦକ୍ଷିଣେଶ୍ୱର କାଳୀ ପାର୍କର ପୁନରୁଦ୍ଧାର କାର୍ଯ୍ୟ କରାଯାଇଛି।

ସେହିଭଳି ଜବରଦଖଲ ଉଚ୍ଛେଦ ପ୍ରକ୍ରିୟାରେ ୫୦୦ରୁ ଊର୍ଦ୍ଧ୍ୱ ଦୋକାନ ଘର ବ୍ୟବସାୟ ହରାଇବା ସହିତ ପୌରପାଳିକା ରାଜସ୍ୱ ପୂର୍ବାପେକ୍ଷା ବହୁ ପରିମାଣରେ ହାନି ଘଟିଛି। ଦୋକାନୀ ଭାଇମାନଙ୍କୁ ଥଇଥାନ ଏବଂ ପୌରପାଳିକାର ରାଜସ୍ୱ ବୃଦ୍ଧି ନିମନ୍ତେ ଆମ୍ଭେ ବାରମ୍ବାର ଜିଲ୍ଲା ପ୍ରଶାସନ ସହିତ ବିଭିନ୍ନ ସରକାରୀ ଜମି ପୌରପାଳିକାକୁ ହସ୍ତାନ୍ତର କରିବାକୁ ନିବେଦନ କରିବା ସତ୍ତ୍ୱେ ଉକ୍ତ ଜାଗାଗୁଡ଼ିକରେ ଆର୍‌ଏମ୍‌ସି ଦ୍ୱାରା ମାର୍କେଟ କମ୍ପ୍ଲେକ୍ସ ରାଜନୈତିକ ଆକ୍ରୋଶ ରଖି କରାଯାଉଛି। ଭଦ୍ରକ ପୌରପାଳିକା ଅଞ୍ଚଳ ମଧ୍ୟରେ ଯଦି ଆର୍‌ଏମ୍‌ସି ମାର୍କେଟ କମ୍ପ୍ଲେକ୍ସ କରିବ ତାହେଲେ ପୌରପାଳିକାର କାର୍ଯ୍ୟ କ'ଣ ବୋଲି ଅଧ୍ୟକ୍ଷା ନିଜର ଅସହାୟତା ପ୍ରକାଶ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କାଉନ୍‌ସିଲର ଦିଲ୍ଲୀପ ନାୟକ, ସହିଦ୍ ଖାଁ, କାଉନ୍‌ସିଲର ପ୍ରତିନିଧି ପଙ୍କଜ ବଳ, ରଞ୍ଜନ ଜେନା ଓ ଖଗେଶ୍ୱର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ବାବା ନିଖିରେଶ୍ୱର ମହାଦେବଙ୍କ ଚଡ଼କ ପର୍ବର ଶୁଭାରମ୍ଭ



ବାଲିଆପାଳ, ୨।୪ (ସମିସ): ବାଲେଶ୍ୱର ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ବାଲିଆପାଳ ବ୍ଲକର ସର୍ବ ପୁରାତନ ନିଖିରା ଗ୍ରାମରେ ଅବସ୍ଥିତ ସ୍ୱୟମ୍ଭୁ ବାବା ନିଖିରେଶ୍ୱର ମହାଦେବ ଜୀଉଙ୍କ ପ୍ରସିଦ୍ଧ ଚଡ଼କ ପର୍ବ ଶୁଭାରମ୍ଭ ହୋଇଯାଇଛି। କୌଳିକ ରୀତିନୀତି ଅନୁଯାୟୀ ପ୍ରଥମେ ଘଟ ଉତ୍ତୋଳନ କରାଯାଇ ଏହି ପର୍ବର ଶୁଭାରମ୍ଭ ହୋଇଛି। ପରେ ତେର ଭକ୍ତା ଉପବୀତ ଧାରଣ କରିଥିଲେ ଚଳିତ ବର୍ଷ ପାଟଭକ୍ତା ଭାବେ ପାଳବେଗୁନିଆ ଗ୍ରାମର ମଳୟ ରଞ୍ଜନ ଭୂୟାଁ, ଶ୍ରୀ ବେକଡି ଭାବେ ନିଖିରା ଗ୍ରାମର ଈଶ୍ୱର ଚନ୍ଦ୍ର ବେହେରା, ଘଟୁଆଳ ଭକ୍ତା ଭାବେ ଜାମଳା ଗ୍ରାମର ସୁଜୟ କୁମାର ଦେ, ଦେଉଳିଆ ଭକ୍ତା ଗୋପ ନାରାୟଣ ଜେନା, ମାଳି ଭକ୍ତା ରାଜେଶ ଜେନା, ଚନ୍ଦନିଆ ଭକ୍ତା ବିଜୁ ପାଳ,ମାଣିକ ଭକ୍ତା ଗଣେଷ ଦେ, ଆଲମଧାରୀ ଭକ୍ତା ପ୍ରସାଦ ବେହେରା, ଭୋଗସ୍ୱାମୀ ଭକ୍ତା ଗୁରୁ ପ୍ରସାଦ ପାତ୍ର, ଭଣ୍ଡାରୀଆ ଭକ୍ତା କାଶୀନାଥ ଜେନା, ଦାନ୍ତ କାଠିଆ ଭକ୍ତା ପ୍ରମିତ କୁମାର ଜ୍ୟୋତି, ଘଣ୍ଟ ବାଦକ ଭକ୍ତା ଇନ୍ଦ୍ରଜିତ ମହାପାତ୍ର, ଗୋବରିଆ ଭକ୍ତା ସୁମନ ଜେନା ପ୍ରମୁଖ ୧୩ ଭକ୍ତ ଉପବୀତ ଧାରଣ କରିଛନ୍ତି। ୧୩ ଭକ୍ତାମାନଙ୍କ ଦ୍ୱାରା ଦୈନନ୍ଦିନ ଗ୍ରାମ ପରିକ୍ରମା ଚାଲୁ ରହିଛି। ବାବା ନିଖିରେଶ୍ୱର ଚଡ଼କ ମେଳା କମିଟିର ସମସ୍ତ ସଦସ୍ୟ ଚଡ଼କ ମେଳାକୁ ପରିଚାଳନାରେ ସହଯୋଗ କରୁଛନ୍ତି। ୭ ତାରିଖ ପଡ଼ା ବାଉଁଶ ଛେଦନ ଏବଂ କାମିନୀ ଘଟୋଉତ୍ତଳନ, ୮ ତାରିଖ ହରପାର୍ବତୀ ବିବାହ ଉତ୍ସବ, ୯ ତାରିଖ ପଞ୍ଚମ ଅର୍ଘ୍ୟ, ୧୧ ତାରିଖ ତୃତୀୟ ଅର୍ଘ୍ୟ, ୧୨ତାରିଖ ମହା ନୀଳ ପର୍ବ ଏବଂ ୧୩ତାରିଖରେ ବାବା ନିଖିରେଶ୍ୱର ମହାଦେବ ଜୀଉଙ୍କ ପ୍ରସିଦ୍ଧ ପାଟୋତ୍ସବ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି।

## ସ୍ଥାୟୀ ଡାକ୍ତର ନିଯୁକ୍ତି ନେଇ ଦାବିପତ୍ର ପ୍ରଦାନ

ବିଞ୍ଝାରପୁର,୨।୪(ସମିସ): ବିଞ୍ଝାରପୁର ବ୍ଲକ୍ ଜରୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦୀର୍ଘଦିନ ହେବ ସ୍ଥାୟୀ ଡାକ୍ତର, ଫାର୍ମାସିଷ୍ଟ ଓ ଅନ୍ୟାନ୍ୟ ମୌଳିକ ସୁବିଧା ସୁଯୋଗ ନଥିବାରୁ ଏ ଅଞ୍ଚଳର ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଇବା ସତ୍ତ୍ୱେ ସ୍ଥିତି ଯଥା ପୂର୍ବଂ ତଥା ପରମ୍। ଏହି ପରିପ୍ରେକ୍ଷୀରେ ଦାବି ପୂରଣ ନିମନ୍ତେ "ଆଞ୍ଚଳିକ ବୁଦ୍ଧିଜୀବୀ ମଞ୍ଚ' ଜରୀ, ଛଦାମୁଣ୍ଡ, ବାଙ୍ଗରା ବୁଦ୍ଧିଜୀବୀ ମଞ୍ଚର ଆହ୍ୱାନରେ ସଭାପତି ଗଣନାଥ



ବିଶ୍ୱାଳ, ସମ୍ପାଦକ ବ୍ରହ୍ମାନନ୍ଦ ମଲ୍ଲିକ, ବରିଷ୍ଠ ସଭ୍ୟ ବିଷ୍ଣୁ ଚରଣ ଭୂୟାଁ, ଅମୀୟକାନ୍ତ ବିଶ୍ୱାଳ, ଅଭୟ କୁମାର ବିଶ୍ୱାଳ, ଭାସ୍କର ଚନ୍ଦ୍ର ଦାସ, ନୃସିଂହ ଚରଣ ଧଳ, ଶ୍ରୀଧର ମଲିକ ଓ ପ୍ରହଲ୍ଲାଦ ମଲିକଙ୍କ ନେତୃତ୍ୱରେ ସ୍ଥାନୀୟ ଜନସାଧାରଣଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ଯାଜପୁର ଜିଲ୍ଲାପାଳ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏକ ସପ୍ତାହ ମଧ୍ୟରେ ଦାବି ପୂରଣ ନ ହେଲେ ଜରୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଆସନ୍ତା ୯ ତାରିଖରୁ ଦିବାରାତ୍ର ଗଣଧାରଣା ଦେବା ପାଇଁ ଚେତାବନୀ ଦିଆଯାଇଛି।

## ଖରସ୍ରୋତାରେ ପୁଣି କୁମ୍ଭୀର ଆତଙ୍କ

କୁଆଖିଆ,୨।୪(ସମିସ): କୁଆଖିଆ ଥାନା ଘୋଳପୁର ଗାଁରେ କୁମ୍ଭୀର



ଆକ୍ରମଣରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ଆହତ ବ୍ୟକ୍ତି ଜଣକ ହେଉଛନ୍ତି ପ୍ରତାପ ମଳିକ। ପରିବାର ଲୋକଙ୍କ ସହାୟତାରେ ଆହତଙ୍କୁ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେ ନଦୀରେ ଗାଧୋଉଥିବା ସମୟରେ କୁମ୍ଭୀର ତାଙ୍କ ପଛପଟୁ ଆକ୍ରମଣ କରିଥିଲା। ସେ କୁମ୍ଭୀର ସହିତ ଲଢ଼େଇ କରି ନିଜକୁ ବଞ୍ଚାଇଥିଲେ। ତାଙ୍କ ଶରୀରର ଏକାଧିକ ସ୍ଥାନରେ ଗଭୀର କ୍ଷତ ହୋଇଛି। ଗତକାଲି ମଧ୍ୟ କୁମ୍ଭୀର ଆକ୍ରମଣରେ କୁଜିବର ଗ୍ରାମର ଜନୈକ ବ୍ୟକ୍ତି ଆହତ ହୋଇଥିଲେ। ତେଣୁ ଖରସ୍ରୋତା ନଦୀରେ ଦେଖାଦେଇଥିବା କୁମ୍ଭୀର ଆତଙ୍କକୁ ନେଇ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ଏଥିପ୍ରତି ବନବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହେଉଛି।

## ଦିବ୍ୟାଙ୍ଗ ପ୍ରଧାନଶିକ୍ଷକଙ୍କୁ ଆକ୍ରମଣ ଅଭିଯୋଗ

ବନ୍ତ/ଆଗରପଡ଼ା,୨।୪(ସମିସ): ଭଦ୍ରକ ଜିଲ୍ଲା ବନ୍ତ ଶିକ୍ଷାଧିକାରୀଙ୍କ ଅଧୀନସ୍ଥ ବାଲୁଙ୍କେଶ୍ୱର କ୍ଲଷ୍ଟର ଅନ୍ତର୍ଗତ ରାଛୁଗଡ଼ିଆ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋଲକ ଚନ୍ଦ୍ର ଦେହୁରୀଙ୍କୁ ରାଛୁଗଡ଼ିଆ ଗ୍ରାମର ଜନୈକ ଯୁବକ ମଦ୍ୟପାନ କରି ମାଡ଼ମାରିବା ନେଇ କେନ୍ଦୁଆପଦା ଫାଣ୍ଡିରେ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ, ରାଛୁଗଡ଼ିଆ ଗ୍ରାମର ଜନୈକ ଯୁବକ ଶ୍ରୀ ଦେହୁରୀଙ୍କୁ ସବୁ ସମୟରେ ରାସ୍ତାଘାଟରେ ଏବଂ ବିଦ୍ୟାଳୟରେ ବିଭିନ୍ନ ପ୍ରକାର ଆଳ ଦେଖାଇ ଧମକଚମକ ଦେଇ ଟଙ୍କା ଧାର ମାଗନ୍ତି। କିନ୍ତୁ ଶ୍ରୀ ଦେହୁରୀ ଧାର ଦେବାକୁ ମନା କରନ୍ତି। ଗତ ମଙ୍ଗଳବାର ଶ୍ରୀ ଦେହୁରୀ ବିଦ୍ୟାଳୟରେ ଥିବା ସମୟରେ ଉକ୍ତ ଯୁବକ ମଦ୍ୟପାନ କରି ଖରାପ ଭାଷାରେ ଗାଳିଗୁଲଜ କରିବା ସହ ଜାତିଆଣ ଆକ୍ଷେପ କରି ମାଡ଼ ମାରିବା ଏବଂ ତା' ସହିତ ଯଦି ଟଙ୍କା ନ ଦେଉ କିମ୍ବା କୋ÷ଣସି ଆଇନର ଆଶ୍ରୟ ନେଉ ତେବେ ତତେ ଜୀବନରୁ ମାରିଦେବା ସହ ସ୍କୁଲକୁ ନିଆଁ ଲଗାଇ ଜାଳିଦେବାର ଧମକ ଦେଇଥିବା ଅଭିଯୋଗରେ ଉଲ୍ଲେଖ ହୋଇଥିବା ଜଣାପଡ଼ିଛି। ସେହିପରି ମାଡ଼ ମାରିବା ସମୟରେ ଶ୍ରୀ ଦେହୁରୀ ଚିତ୍କାର କରିବାରୁ ନିକଟସ୍ଥ ଗ୍ରାମରୁ ଭଦ୍ରବ୍ୟକ୍ତି ବିଦ୍ୟାଳୟକୁ ଆସିବାରୁ ଯୁବକ ଜଣକ ଉକ୍ତ ଜାଗାରୁ



ପଳାଇବା ସହ ରାସ୍ତାରେ ଶ୍ରୀ ଦେହୁରୀଙ୍କୁ ପୁନଃ ଆକ୍ରମଣ କରିବାର ଧମକ ଦେଇଥିବାରୁ ଅନ୍ୟ ରାସ୍ତା ଦେଇ ଶ୍ରୀ ଦେହୁରୀ ଫାଣ୍ଡିରେ ପହଞ୍ଚି ତାଙ୍କ ପ୍ରତି ହୋଇଥିବା ଆକ୍ରମଣକୁ ଫାଣ୍ଡି ଅଧିକାରୀଙ୍କୁ ଜଣାଇଥିଲେ। ଏ ନେଇ ଫାଣ୍ଡି ଅଧିକାରୀଙ୍କୁ ପଚାରିବାରୁ ଅଭିଯୋଗ ଉପରେ ତଦନ୍ତ କରୁଥିବା ପ୍ରକାଶ କରିଥିଲେ। ଅପରପକ୍ଷରେ ଶ୍ରୀ ଦେହୁରୀ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ତାଙ୍କ ଜୀବନ ପ୍ରତି ବିପଦ ଥିବାରୁ କାର୍ଯ୍ୟରତ ବିଦ୍ୟାଳୟରୁ ତାଙ୍କୁ ଅନ୍ୟତ୍ର ବଦଳି କରିବା ସହ ସହକାରୀ ଶିକ୍ଷୟିତ୍ରୀଙ୍କୁ ତାଙ୍କ ଅନୁପସ୍ଥିତିରେ ଦାୟିତ୍ୱ ବହନ କରିବାକୁ ଅନୁମତି ଦେବାକୁ ସେ ଅନୁରୋଧ କରିଥିବା ଜଣାପଡ଼ିଛି। ଶିକ୍ଷା କ୍ଷେତ୍ର ପରି ପବିତ୍ର ସ୍ଥାନରେ ଉକ୍ତ ଅଭିଯୁକ୍ତଙ୍କ ଏହିପରି ବର୍ବରତା କାଣ୍ଡକୁ ଶିକ୍ଷକ ସମାଜ ଦୃଢ଼ ବିରୋଧ କରିବା ସହ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି।

## ଔପଦା ଆଞ୍ଚଳିକ ମହୋତ୍ସବ ଉଦ୍‌ଯାପିତ



ଔପଦା,୨।୪ (ସମିସ): ବାଲେଶ୍ୱର ଜିଲ୍ଲା ଔପଦା ବ୍ଲକ ମୁଖ୍ୟାଳୟ ଔପଦା ହାଇସ୍କୁଲ ସମ୍ମୁଖ ଖେଳ ପଡିଆରେ ଆୟୋଜିତ ଔପଦା ଆଞ୍ଚଳିକ ମହୋତ୍ସବ ଉଦଯାପିତ ହୋଇଯାଇଛି। ମହୋତ୍ସବ କମିଟିର ସଭାପତି ଅଶୋକ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ବାଲେଶ୍ୱର ଭଦ୍ରକ ସେଣ୍ଟ୍ରାଲ କୋପରେଟିଭ ବ୍ୟାଙ୍କ ସଭାପତି ଗଣେଶ ପ୍ରସାଦ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ମହୋତ୍ସବ ଭାଇଚାରା ଓ ସଂସ୍କୃତି କୁ ବଜାଇ ରଖିବା ଏକ ମାଧ୍ୟମ ବୋଲି କହିଥିଲେ। ସେହିପରି ବିଶିଷ୍ଟ ଅତିଥିଭାବେ ଔପଦା ଥାନା ଆରକ୍ଷୀ ନିରୀକ୍ଷକ ପ୍ରୋମଦ କୁମାର ଦାସ, ସମ୍ମାନିତ ଅତିଥିଭାବେ ଜୟନ୍ତୀ ପାଣିଗ୍ରାହୀ, ମହୋତ୍ସବ କମିଟି ସାଂଗଠନିକ ସମ୍ପାଦକ ସତ୍ୟ ରଞ୍ଜନ ମଲ୍ଲିକ, ଡ. ସଂଗ୍ରାମ କୁମାର ରାଉତ, ସହ ସମ୍ପାଦକ ସୁଶାନ୍ତ କୁମାର ନାୟକ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ମହୋତ୍ସବ କମିଟିର ସାଂଗଠନିକ ସମ୍ପାଦକ ସଂଗ୍ରାମ କୁମାର ରାଉତ ଓ ପ୍ରୋଗ୍ରାମ କୋଡିନେଟର ଜୟଶ୍ରୀ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ଅଞ୍ଜନ କୁମାର ମହାନ୍ତି ମଞ୍ଚ ଆହ୍ୱାନ କରିଥିବା ବେଳେ କମିଟି ର ଉପ ସଭାପତି ହରିହର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ କ୍ଷେତ୍ର ରେ ପ୍ରତିଭା ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସପ୍ତମ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ଶଶୀ କୁମାର ସାହୁ, ମୁଖ୍ୟ ବକ୍ତା ଭାବେ ବିଜେପି ଜିଲ୍ଲା କୃଷକ ମୁର୍ଚ୍ଛା ସଭାପତି ତାପସ କୁମାର ମହାନ୍ତି ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଅଂଶ ଗ୍ରହଣ କରିଥିଲେ। ଶେଷ ସନ୍ଧ୍ୟା ରେ ମାଟିର ମହକ ସ୍ମରଣିକା ଉନ୍ମୋଚନ ହୋଇଥିଲା। ପ୍ରତିଷ୍ଠାତା ସଦସ୍ୟ ଦୀପକ କୁମାର ପ୍ରଧାନ ସମେତ କମିଟି ର କାର୍ଯ୍ୟକର୍ତ୍ତା ଓ ଉପଦେଷ୍ଟା ମଣ୍ଡଳୀ ଉପସ୍ଥିତ ଥିଲେ।

## ଅସମ୍ପୂର୍ଣ୍ଣ କୁମ୍ଭାର ସାହି ଗଡ଼ା

ବାରିକପୁର,୨।୪(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଆଖୁଆପଦା ଜଳସମ୍ପଦ ବିଭାଗ ପକ୍ଷରୁ ଚଳିତ ବର୍ଷ ବୈତରଣୀ ନଦୀ ବନ୍ଧର ବିଭିନ୍ନ ସ୍ଥାନରେ ଗଡ଼ା ତିଆରି ହୋଇଛି। ବିଶେଷ କରି ଗମନାଗମନ ସୁବିଧା ପାଇଁ ଜନବସତି ସ୍ଥାନମାନଙ୍କରେ



ନଦୀ ବନ୍ଧରୁ ସାହିକୁ ଯିବାଆସିବା ସକାଶେ ଏହି ଗଡ଼ା ନିର୍ମିତ ହୋଇଛି। ପରିତାପର ବିଷୟ ନେରଡ଼ା କୁମ୍ଭାର ସାହିଠାରେ ନିର୍ମିତ ଗଡ଼ାଟି ଅଧପନ୍ତରିଆ ଭାବେ ପଡ଼ି ରହିଛି। ପ୍ରାୟ ଏକ ମାସରୁ ଊର୍ଦ୍ଧ୍ୱ ହେବ ଜନୈକ ଠିକାଦାର ଗଡ଼ାକାମ ଅଧାରୁ ଛାଡ଼ି ଦେଇଛନ୍ତି। ଏଥିପାଇଁ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାଇକଲ କିମ୍ବା ମୋଟର ସାଇକଲରେ ନଦୀ ବନ୍ଧ ରାସ୍ତା ଉପରକୁ ଯିବାଆସିବା ପାଇଁ ୨୦/୨୫ ପରିବାର ଯନ୍ତ୍ରଣା ଭୋଗୁଛନ୍ତି। ଅସରାଏ ବର୍ଷା ହେଲେ ଅସମ୍ପୂର୍ଣ୍ଣ ଗଡ଼ା ପାଇଁ ଲୋକଙ୍କ ଦୁଃଖ ଆହୁରି ବଢ଼ିଯାଉଛି। ଠିକାଦାର କାମ ସମ୍ପୂର୍ଣ୍ଣ କରିବା ପାଇଁ ନାଁ ଧରୁନାହିଁ। ଏନେଇ ବିଭାଗୀୟ ଯନ୍ତ୍ରୀଙ୍କୁ ଲୋକେ ଅଭିଯୋଗ କରୁଥିବାବେଳେ ଅଧିକାରୀ ଏଠାରୁ ବଦଳି ହୋଇ ଯାଇଥିବା କହି ଦାୟିତ୍ୱରୁ ଓହରି ଯାଇଛନ୍ତି। ଯଦିଓ ତାଙ୍କ ସମୟରେ ଏହି କାର୍ଯ୍ୟ ଆରମ୍ଭ ହୋଇଥିଲା। ଏପଟେ ନୂତନ ଯନ୍ତ୍ରୀ ମଧ କାମ ବାବଦରେ କିଛି ଜାଣି ନ ଥିବା କହୁଛନ୍ତି। ଏପରି ସ୍ଥଳେ ସ୍ଥାନୀୟ ବାସିନ୍ଦା କାହାକୁ ଦୁଃଖ ଜଣାଇବେ ଜାଣିପାରୁ ନାହାନ୍ତି। ତେଣୁ ଏହା ଉପରେ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଦୃଷ୍ଟି ଦେବାକୁ ଗାଁର ନରେନ୍ଦ୍ର ବେହେରା, ମଦନମୋହନ ବେହେରା, ଶୁକଦେବ ସାହୁ, କିଶୋର ବେହେରା, ପାଗଳ ବେହେରା ପ୍ରମୁଖ ଦାବି କରିଛନ୍ତି।

## ତହସିଲ୍ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଧାମନଗର,୨।୪(ସମିସ): ଧାମନଗର ତହସିଲ୍ କାର୍ଯ୍ୟାଳୟର ବରିଷ୍ଠ କର୍ମଚାରୀଙ୍କୁ ଅଫିସ ତରଫରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଦୀର୍ଘ ୩ ଦଶନ୍ଧି କାର୍ଯ୍ୟକରି ମଙ୍ଗଳବାର ବରିଷ୍ଠ କର୍ମଚାରୀ ଶତ୍ରୁଘ୍ନ ରାଉତ ଅବସର ଗ୍ରହଣ କରିଥିଲେ। ତହସିଲ୍‌ଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ, ୨ ଅତିରିକ୍ତ ତହସିଲ୍‌ଦାର ସାଇ ସିଲୋନା ଓ ପଲ୍ଲୀଭାରତ ମହାଳିକ, ପୂର୍ବତନ ତହସିଲ୍‌ଦାର ବସନ୍ତ ଲେଙ୍କା ଏବଂ ୨ଜଣ ରାଜସ୍ୱ ପରିଦର୍ଶକ, ଗିରିଶ ଚନ୍ଦ୍ର ନାୟକ, ଧର୍ମପଦ ସାହୁ ପ୍ରମୁଖ ଶତ୍ରୁଘ୍ନ ରାଉତଙ୍କ କର୍ତ୍ତବ୍ୟନିଷ୍ଠାର ଭୂୟସୀ ପ୍ରଶଂସା କରି ତାଙ୍କୁ ଅଫିସ ତରଫରୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରାଜେଶ ମାଝୀ, ଚିତ୍ତରଞ୍ଜନ ମଲ୍ଲିକ, ତାପସ ପଣ୍ଡା, ବାସୁଦେବ ପଣ୍ଡା, ଦେବାଶିଷ ମହାପାତ୍ର, ମାନସ ରଞ୍ଜନ କର, ରାଜସ୍ୱ ନିରୀକ୍ଷକ ପ୍ରକାଶ ଚନ୍ଦ୍ର ମଲ୍ଲିକ, କିଶୋର ଚନ୍ଦ୍ର ମଲ୍ଲିକ, ସରୋଜ ଜେନା, ଦେବାଶିଷ ସାହୁ, ଭକ୍ତିଲତା ପତି, ଅର୍ଚ୍ଚନା ନାୟକ, ସ୍ମୃତିପ୍ରଭା ମଲ୍ଲ, ପୁଷ୍ପାଲତା ପ୍ରମୁଖ ଉପସ୍ଥିତ ରହି ଶୁଭେଚ୍ଛା ଜଣାଇଥିଲେ।

## ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଆଇନ ସଚେତନତା ଶିବିର

ବାଲେଶ୍ୱର,୨।୪(ସମିସ): ଜଳ ସଂରକ୍ଷଣ, ପ୍ରଦୂଷଣ ନିୟନ୍ତ୍ରଣ ଏବଂ ବିଭିନ୍ନ ପରିବେଶ ସୁରକ୍ଷା ଆଇନ୍ ଉପରେ ଏକ ସଚେତନତା ଶିବିର ଜିଲ୍ଲା ଆଇନସେବା ପ୍ରାଧିକରଣର ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲା ଏବଂ ଦୌରା ଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ସତ୍ୟ ନାରାୟଣ ମିଶ୍ର ଅଧ୍ୟକ୍ଷତା କରି ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ଇତିହାସକୁ ଅବଲୋକନ କରିବା ସହିତ ଓଡିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବାରେ ଯେଉଁ ବରପୁତ୍ର ମାନଙ୍କର ଅଶେଷ ଅବଦାନ ଥିଲା ସେମାନଙ୍କର ସ୍ମୃତି ଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଥମ ଅତିରିକ୍ତ ଜିଲ୍ଲା ଏବଂ ଦୌରା ଜଜ, ବାଲେଶ୍ୱର ଇର୍ଶାଦୁନ୍ ନବୀ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଧିକାରୀ ସମ୍ବେଦନା ସମ୍ବିତ, ଜିଲ୍ଲା ବାର୍ ଆସୋସିଏସନ୍, ବାଲେଶ୍ୱର ସଭାପତି ମନୋଜ କୁମାର ନାୟକ, ବରିଷ୍ଠ ଆଇନଜୀବୀ ପୁରୁଷୋତ୍ତମ ବିଶ୍ୱାଳ, ବାଲେଶ୍ୱର ଜିଲ୍ଲା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ମନମୋହନ ମୂର୍ମୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିବିରକୁ ଜିଲ୍ଲା ଆଇନସେବା ପ୍ରାଧିକରଣ ଭାରପ୍ରାପ୍ତ ସଚିବ ସୀତୀକଣ୍ଠ ପ୍ରଧାନ ପରିଚାଳନା କରିଥିଲେ।

## ପ୍ରଜ୍ଞା ଭାରତୀ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

ଚନ୍ଦନେଶ୍ୱର, ୨।୪ (ସମିସ): ଭୋଗରାଇ ବ୍ଲକର ନାରାୟଣ ମହାନ୍ତି ପଡିଆ ପଞ୍ଚାୟତର ଦୁର୍ଗାଦେବୀ ହାଟ ନିକଟସ୍ଥ ପ୍ରଜ୍ଞା ଭାରତୀ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାୟୀ ସଭାପତି ହେମନ୍ତ ଜେନା ସଂଚାଳନ କରିଥିବାବେଳେ ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସାମ୍ବାଦିକ ଅନନ୍ତ କୁମାର ପ୍ରଧାନ, ମୁଖ୍ୟଅତିଥି ଭାବେ ଶ୍ରଦ୍ଧାପୁର କ୍ଲଷ୍ଟରର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦେବ କୁମାର ପାତ୍ର, ସମ୍ମାନିତ ଅତିଥି ଭାବେ ନନ୍ଦ ଦୁଲାଲ ପ୍ରଧାନ ପ୍ରମୁଖ ଯୋଗଦେଇ ଥିଲେ। ପ୍ରଜ୍ଞାଭାରତୀ ଶିକ୍ଷାକେନ୍ଦ୍ରର ସମ୍ପାଦକ ସୁଶାନ୍ତ କୁମାର ସେନାପତି ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଧାନ ଆଚାର୍ଯ୍ୟା ସଞ୍ଜିତା ସାହୁ ବାର୍ଷିକ ବିବରଣୀ ପଠନ କରିଥିଲେ। ଗୁରୁଜୀ ବିଦ୍ୟାଧର ଗିରି ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁମା କାବେରୀ ପଣ୍ଡା, ପଦ୍ମାବତୀ କର, କିସ୍ମାତୁନ ନେସା, କଲ୍ୟାଣୀ ପରିଡା, ଆଲପନା ମାଝୀ, ସରିତା ଦତ୍ତ, ଜ୍ୟୋତିର୍ମୟୀ ଗିରି, ପୂର୍ଣ୍ଣିମା ମାହାନା ଓ ସେବିକା ମଞ୍ଜୁଲତା ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଗ୍ୟାସ୍ ଅଭାବର ଶିକାର ହେଉଛନ୍ତି ସାଧାରଣ ଲୋକେ

ବାରିକପୁର,୨।୪(ସମିସ): କିଛିଦିନ ହେବ ଗ୍ୟାସ୍ ସିଲିଣ୍ଡର ପାଇଁ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗାଁଠାରୁ ସହର ଯାଏଁ ସବୁଠି ଗ୍ୟାସ୍ ପାଇଁ ଧାଁ ଦୌଡ଼। ବୁକିଂ ପରେ ଗୋଟିଏ ସିଲିଣ୍ଡର ପାଇଁ ଲୋକେ ଧାଡ଼ିରେ ଘଣ୍ଟା ଘଣ୍ଟା ଛିଡ଼ା ହେଉଛନ୍ତି। ପର୍ଯ୍ୟାପ୍ତ ପରିମାଣରେ ଗ୍ୟାସ୍ ମହଜୁଦ ଥିବା କୁହାଯାଉଥିଲେ ବି ଅନେକ ଲୋକ ସିଲିଣ୍ଡର ପାଇବାରୁ ବଞ୍ଚିତ ହେଉଥିବା ଦେଖାଯାଉଛି। ଏଭଳି କିଛି ଅଭିଯୋଗ ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳରୁ ଆସିଛି। ସୂଚନା ମୁତାବକ, ହୋଟେଲ ଓ ଢାବା ବ୍ୟବସାୟ କରୁଥିବା ବ୍ୟକ୍ତି ଗ୍ୟାସ୍ ପାଇଁ କିଛି ଉପଭୋକ୍ତାଙ୍କ ଜରିଆରେ ଅନ୍‌ଲାଇନ୍ ବୁକିଂ କରୁଛନ୍ତି। ନିର୍ଦ୍ଧାରିତ ତାରିଖ ଅନୁଯାୟୀ ବିତରଣ ସଂସ୍ଥା ନିକଟରେ ଗ୍ୟାସ୍ ଗାଡ଼ି ପହଞ୍ଚିବା ପରେ



ବ୍ୟବସାୟୀମାନେ ତତ୍‌କ୍ଷଣାତ ସିଲିଣ୍ଡର ହାତେଇ ନେଉଛନ୍ତି। ଯେଉଁଥିପାଇଁ ବୁକିଂ କରି ମଧ୍ୟ ନିହାତି ଆବଶ୍ୟକ କରୁଥିବା ଅନେକ ଉପଭୋକ୍ତା ସିଲିଣ୍ଡର ପାଇବାରୁ ବଞ୍ଚିତ ହେଉଛନ୍ତି। ତେଣୁ ଏହା ଉପରେ ଯୋଗାଣ ବିଭାଗ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଏଆଇକେକେଏମ୍‌ଏସ୍ ନେତା ପ୍ରକାଶ ମଲ୍ଲିକଙ୍କୁ ଖଲାସ ଦାବି

ଯାଜପୁର,୨।୪(ସମିସ)




ଏଆଇକେକେଏମ୍‌ଏସ୍ ପକ୍ଷରୁ ଜିନ୍ଦଲ-ପୋସ୍କୋ ପ୍ରତିରୋଧ ମଞ୍ଚ ଉପସଭାପତି ତଥା ଏଆଇକେକେଏମ୍‌ଏସ୍‌ର ନେତା ପ୍ରକାଶ ମଲ୍ଲିକଙ୍କୁ ବିନା ସର୍ତ୍ତରେ ଖଲାସ ପାଇଁ ଏକ ଶୋଭାଯାତ୍ରା ଓ ସଭା ଅନୁଷ୍ଠିତ ହୋଇଯାଇଛି। ଏଆଇକେକେଏମ୍‌ଏସ୍‌ର ନେତା-କର୍ମୀମାନେ ମେଡିକାଲ ଛକରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ମେଡିକାଲ ଛକ, ଗାନ୍ଧୀଛକ, ଜିଲ୍ଲାପାଳ ଅଫିସ ସମ୍ମୁଖରେ କେକେଏମ୍‌ଏସ୍ ଜିଲ୍ଲା କମିଟି ସଭ୍ୟ ରାଧାବଲ୍ଲଭ ମଲ୍ଲିକଙ୍କ ସଭାପତିତ୍ୱରେ ସଭାରେ ଜିଲ୍ଲା କମିଟି ସମ୍ପାଦକ ଅଚ୍ୟୁତ ପ୍ରଧାନ, ଏସ୍‌ୟୁସିଆଇ(ସି) ଓଡ଼ିଶା ରାଜ୍ୟ କମିଟି ସଭ୍ୟ ନୃସିଂହ ଚରଣ ପଣ୍ଡା, ସୁବାସ ମଲ୍ଲିକ ପ୍ରମୁଖ ବକ୍ତାମାନେ କହିଥିଲେ ଯେ, ହାଇକୋର୍ଟର ଜାମିନ ଅର୍ଡର ଥିବା ସତ୍ତ୍ୱେ ମାର୍ଚ୍ଚ ୩୧ ରାତିରେ ଅଗଣତାନ୍ତ୍ରିକ ଗିରଫଦାରୀକୁ ନିନ୍ଦା କରୁଛୁ। ଏଥିସହ ନିଃସର୍ତ୍ତରେ ତୁରନ୍ତ ଖଲାସ କରିବାକୁ ସେମାନେ ଦାବି କରିଥିଲେ। କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍‌ରେ ବିଜେପି ସରକାର ବଳପୂର୍ବକ ଚାଷ ଜମି ଦଖଲ କରି ଜିନ୍ଦଲ-ପୋସ୍କୋ କମ୍ପାନୀକୁ ହସ୍ତାନ୍ତର କରିବା ପାଇଁ ଉଦ୍ୟମ କରୁଛନ୍ତି। ଏହା ବିରୋଧରେ ଜିନ୍ଦଲ - ପୋସ୍କୋ ପ୍ରତିରୋଧ ମଞ୍ଚର ନିରୀହ ଆଦିବାସୀ ଗରିବ ଚାଷୀମାନଙ୍କ ନାମରେ ମିଥ୍ୟା କେସ୍ ଦେଇ ଆନ୍ଦୋଳନକୁ ଦମନ କରିଚାଲିଛନ୍ତି। ଏହା ବିରୋଧରେ ଦୁର୍ବାର ଆନ୍ଦୋଳନ ଗଢ଼ିତୋଳିବା ପାଇଁ ବକ୍ତାମାନେ କହିଥିଲେ। ଏହି ପ୍ରତିବାଦ ସଭାରେ ଏଆଇକେକେଏମ୍‌ଏସ୍ ସଂଗଠକ ରାଜକିଶୋର ନାଥ, କୃଷ୍ଣ ମଲ୍ଲିକ, ଅଜୟ ଦାସ, କୀର୍ତ୍ତନ ଜେନା, ବିଶ୍ୱନାଥ ସାହୁ, ବିନୋଦ ବିହାରୀ ସାହୁ ଏବଂ ପାର୍ଟିର ଜିଲ୍ଲା ସମ୍ପାଦକ ସୁରେନ୍ଦ୍ର ମଲ୍ଲିକଙ୍କ ସହ ବୀରକିଶୋର ନାୟକ, ସୁଲୋଚନା ପ୍ରଧାନ, ଅଭିମନ୍ୟୁ ମଲ୍ଲିକ, ମଧୁମିତା ସାହୁ, ଦମୟନ୍ତୀ ମୁଦୁଲି, ତରଙ୍ଗିଣୀ ଦାସ, ଲବଙ୍ଗଲତା ଜେନା, ରାଜଶ୍ରୀ ମହାନ୍ତି, ସଂଯୁକ୍ତା ନାୟକ, ଚନ୍ଦ୍ରକାନ୍ତ ପଡ଼ିଆରୀ ପ୍ରମୁଖ ଯୋଗ ଦେଇଥିଲେ।

ସକାଳ
THE SAKALA



## କଂକ୍ରିଟ ରାସ୍ତା ତାଡ଼ି ପାଇପ ବିଛାଇବାକୁ ବିରୋଧ

ଜଳେଶ୍ୱର,୨।୪ (ସମିସ) : କଂକ୍ରିଟ ରାସ୍ତାକୁ ତାଡ଼ି ପାଣି ପାଇପ ବିଛାଇବା କାର୍ଯ୍ୟକୁ ବିରୋଧ କରି ଜଳେଶ୍ୱର ପୌରପାଳିକାର ୮ ନଂ ୱାର୍ଡବାସୀ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଉପ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସୂଚନାଯୋଗ୍ୟ, ବିଭିନ୍ନ ସ୍ଥାନରେ ପାଣି ପାଇପ ଲାଇନ ବିଛାଇବା ଲାଗି କଂକ୍ରିଟ ରାସ୍ତା ମଝିକୁ ଭାଇବ୍ରେଟର ଦ୍ୱାରା ଟ୍ରେଞ୍ଚ ଖୋଳାଯାଇଥାଏ। ପରେ ପାଇପ ବିଛାଯାଇ ସେହି ଟ୍ରେଞ୍ଚକୁ ମାଟିରେ ଭର୍ତ୍ତି କରି ପୁଣି କଂକ୍ରିଟ କରାଯିବା ଦ୍ୱାରା କିଛି ଦିନ ପରେ ରାସ୍ତାଟି ଫାଟି ଯାଇଥାଏ। ଟ୍ରେଞ୍ଚ ଖୋଳାଯାଇଥିବା ସ୍ଥାନରେ ମାଟି ଦବିଯାଇ ଗର୍ତ୍ତ କିମ୍ବା ନାଳ ସୃଷ୍ଟି ହୋଇଥାଏ ପରବର୍ତ୍ତୀ ପର୍ଯ୍ୟାୟରେ ଘୋର ବିପତ୍ତି ସୃଷ୍ଟି କରେ। ସେତେବେଳେ କେହି ଶୁଣିବାକୁ ନଥିବା ବେଳେ ଗର୍ତ୍ତ ଯୋଗୁଁ ସଡ଼କ ଦୁର୍ଘଟଣା ମାନ ଘଟିଥାଏ। ରାସ୍ତା ପାଖରେ ଟ୍ରେଞ୍ଚ ଖୋଳା ନ ଯାଇ କଂକ୍ରିଟ ରାସ୍ତାର ମଧ୍ୟସ୍ଥଳକୁ ଭଙ୍ଗାଯିବା ଦ୍ୱାରା ସରକାରଙ୍କ ଆର୍ଥିକ କ୍ଷତି ଘଟୁଛି। ଜଳେଶ୍ୱର ପୌରପାଳିକାର ୮ ନଂ ୱାର୍ଡ ପଞ୍ଚୁଘଣ୍ଟାର ପୀରବାବା ଛକଠାରୁ ଜେଲ ପର୍ଯ୍ୟନ୍ତ ପ୍ରାୟ ୧ କିମିରୁ ଊର୍ଦ୍ଧ୍ୱ ଦୂରତାର ରାସ୍ତା ନିକଟରେ ନବୀକରଣ କାମ ହୋଇଥିବାବେଳେ ଏବେ ପାଣି ପାଇପ ବିଛାଇବା ଲାଗି କଂକ୍ରିଟ ଭାଂଗି ଟ୍ରେଞ୍ଚ ଖୋଳା ଚାଲିଛି। ରାସ୍ତା ପାଖରେ ଖୋଳା ନ ଯାଇ କଂକ୍ରିଟ ଭଂଗାଯିବାକୁ କେତେକ ସଚେତନ ୱାର୍ଡବାସୀ ବିରୋଧ କରିଛନ୍ତି। ଅନନ୍ତ ଦାସ, ସୁଶାନ୍ତ ସୁଶାନ୍ତ କୟାଲ, ଫାଲଗୁନି ପାଣିଗ୍ରାହୀ, ବୀରେନ୍ଦ୍ର ସାମଲ, ବୁଧିଆ ସିଂ, ଆଶିକ ଶାହା, ଚନ୍ଦ୍ର ମୋହନ ସିଂ ପ୍ରମୁଖଙ୍କ ସମେତ ବହୁ ୱାର୍ଡବାସୀ ଏ ସଂପର୍କରେ କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ ସିଂ ଓ ଉପ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ବର୍ତ୍ତନା ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

ଜଳେଶ୍ୱର/ଜଳେଶ୍ୱର ବ୍ଲକ,୨।୪ (ସମିସ)



ଉପଜିଲ୍ଲାପାଳଙ୍କୁ ଭେଟିଲେ ୧୧ ୱାର୍ଡ ସଭ୍ୟ

ଜଳେଶ୍ୱର ବ୍ଲକ ବର୍ତ୍ତନା ଗ୍ରାମପଞ୍ଚାୟତର ସରପଞ୍ଚ ମଧୁସ୍ମିତା ବେହେରାଙ୍କ ନାମରେ ୧୧ ୱାର୍ଡ ସଭ୍ୟ ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି। ଦୁର୍ନୀତି ଓ ସ୍ୱେଚ୍ଛାଚାରିତାର ସଂଗୀନ ଅଭିଯୋଗ ଆଣି ପଞ୍ଚାୟତର ମୋଟ ୧୩ ଜଣ ସଭ୍ୟଙ୍କ ମଧ୍ୟରୁ ୧୧ ଜଣ ସଭ୍ୟ ଗୁରୁବାର ଏକାଠି ହୋଇ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁସାରେ ସରପଞ୍ଚ ସାମାଜିକ ପଛୁଆ ବର୍ଗଙ୍କ ଉନ୍ନତି ପାଇଁ ଉଦ୍ଦିଷ୍ଟ ପାଣ୍ଠିକୁ ସରକାରୀ ନିୟମ ଉଲ୍ଲଂଘନ କରି ସଭ୍ୟମାନଙ୍କ ଅଗୋଚରରେ ଅନ୍ୟତ୍ର ବିନିଯୋଗ କରିବା, ଏହାସହିତ ଆବାସ ଯୋଜନା, ରାସ୍ତା ଓ ପାନୀୟ ଜଳ ପ୍ରକଳ୍ପରେ ବ୍ୟାପକ ଆର୍ଥିକ ଅନିୟମିତତା ହୋଇଥିବା ସେମାନେ ଦର୍ଶାଇଛନ୍ତି। ପଞ୍ଚାୟତ ପରିଚାଳନାରେ ସରପଞ୍ଚ ସମ୍ପୂର୍ଣ୍ଣ ସ୍ୱେଚ୍ଛାଚାରୀ ଆଚରଣ ପ୍ରଦର୍ଶନ କରିବା ସହ ୱାର୍ଡ ସଭ୍ୟମାନଙ୍କୁ କୌଣସି ଗୁରୁତ୍ୱ ଦେଉନଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ, ୧୯୬୪ର ଧାରା ୨୪ ଅନୁଯାୟୀ ଏହି ଅନାସ୍ଥା ପ୍ରସ୍ତାବ ଆଗତ କରାଯାଇଛି। ମୋଟ ୧୩ ୱାର୍ଡ ସଭ୍ୟରୁ ୧୧ ଜଣ ଅନାସ୍ଥା ପ୍ରସ୍ତାବକୁ ସମର୍ଥନ କରିଥିବାରୁ ସରପଞ୍ଚଙ୍କ ପଦବୀ ଏବେ ସଙ୍କଟରେ ପଡ଼ିଥିବା ଜଳ ଜଳ ଦେଖାଯାଉଛି। ଏ ସମ୍ପର୍କରେ ସରପଞ୍ଚ ମଧୁସ୍ମିତା ବେହେରା ଏହାକୁ ନିରାଧାର କହିବା ସହିତ ପଞ୍ଚାୟତର ଯେ କୌଣସି ତଦନ୍ତରେ ସମ୍ମୁଖୀନ ହେବାକୁ ସେ ପ୍ରସ୍ତୁତ ଅଛନ୍ତି। ୱାର୍ଡସଭ୍ୟମାନେ ବୈଠକରେ ଯୋଗ ଦେଉନଥିବା ବେଳେ ରାଜନୈତିକ ଉଦ୍ଦେଶ୍ୟ ରଖି ଏଭଳି କାର୍ଯ୍ୟ କରୁଛନ୍ତି ବୋଲି ସରପଂଚ କହିଛନ୍ତି। ଅସନ୍ତୁଷ୍ଟ ୱାର୍ଡ ସଭ୍ୟ କାଳିଚରଣ ପାଳ, ଗଣେଶ ଚନ୍ଦ୍ର ସାମଲ, ତ୍ରିଲୋଚନ ସେଠୀ, ବିଜୟ କୁମାର ସାମଲ, ରଞ୍ଜିତା ବିର, ମିନତି ବେହେରା, ଦ୍ରୌପଦୀ ଟୁଡୁ, କସ୍ତୁରୀ ଜେନା, ମଞ୍ଜରୀ ଧଳ, ମମତା ଦଳାଇ ଏବଂ ସୁଷମା ରାଣୀ ଜେନା ସ୍ୱତନ୍ତ୍ର ବୈଠକ ଆହ୍ୱାନ କରି ବିହିତ ପଦକ୍ଷେପ ନେବାକୁ ଉପଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି।

## ବିଦ୍ୟୁତ୍ ନିରାପତ୍ତାକୁ ଟିପିଏନ୍‌ଓଡିଏଲର ପ୍ରାଥମିକତା

ବାଲେଶ୍ୱର, ୨।୪(ସମିସ): ବିଦ୍ୟୁତ୍ ସେବା ବିତରଣରେ ନିରାପତ୍ତାକୁ ସର୍ବଦା ପ୍ରାଥମିକତା ଦେଇଆସିଛି ଟିପିଏନଓଡିଏଲ। ବିଶେଷତଃ ଶିକ୍ଷାନୁଷ୍ଠାନଗୁଡିକରେ ପିଲାମାନଙ୍କ ନିରାପତ୍ତାକୁ ଅଧିକ ଗୁରୁତ୍ୱ ଦେଉଛି। ଟିପିଏନଓଡିଏଲ ଏହି କ୍ରମରେ ୧୮ ଶହରୁ ଅଧିକ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ର ପରିସରରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମରଗୁଡିକୁ ଅନ୍ୟତ୍ର ସ୍ଥାନାନ୍ତର କରିଛି। ନିରାପତ୍ତା ପାଇଁ ସୁରକ୍ଷା ପ୍ରାଚୀର ମଧ୍ୟ ନିର୍ମାଣ କରାଯାଇଛି। ବାଲେଶ୍ୱର ଜିଲ୍ଲାରେ ୫୬୭ଟି ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ର ପରିସରରୁ ବିଦ୍ୟୁତ ଟ୍ରାନ୍ସଫର୍ମରଗୁଡିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିବାବେଳେ ଯାଜପୁରରେ ୩୫୬ଟି ଶିକ୍ଷାନୁଷ୍ଠାନ ପରିସରରୁ ଟ୍ରାନ୍ସଫର୍ମରଗୁଡିକୁ ସ୍ଥାନାନ୍ତର କରାଯାଇଛି। ସେହିପରି କେନ୍ଦୁଝରରେ ପ୍ରାୟ ୩୫୦, ଭଦ୍ରକରେ ୨୧୭ ଏବଂ ମୟୂରଭଞ୍ଜର ୨୫୦ରୁ ଅଧିକ ଶିକ୍ଷାନୁଷ୍ଠାନରୁ ବିଦ୍ୟୁତ ଟ୍ରାନ୍ସଫର୍ମରଗୁଡିକୁ ସ୍ଥାନାନ୍ତର କରାଯାଇଛି। ପିଲାମାନଙ୍କ ନିରାପତ୍ତାକୁ



ଦୃଷ୍ଟିରେ ରଖି ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା ଟିପିଏନଓଡିଏଲ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଟିପିଏନଓଡିଏଲ ପକ୍ଷରୁ ବିଭିନ୍ନ ସ୍ଥାନରେ ଅସୁରକ୍ଷିତ ତଥା ଅବ୍ୟବସ୍ଥିତ ଥିବା ଟ୍ରାନ୍ସଫର୍ମରଗୁଡ଼ିକ ପାଇଁ ଫେନ୍ସିଂ ବା ସୁରକ୍ଷା ବାଡ଼ ମଧ୍ୟ ନିର୍ମାଣ କରାଯାଉଛି। ବାଲେଶ୍ୱର ଜିଲ୍ଲାରେ ୭୮୧ଟି ଟ୍ରାନ୍ସଫର୍ମର ପରିସରକୁ ସୁରକ୍ଷା ବାଡ଼ ନିର୍ମାଣ କରାଯାଇ ଆବଦ୍ଧ କରାଯାଇଥିବାବେଳେ ବାରିପଦାରେ ୫୮୬, ଯାଜପୁରରେ ୪୭୬, ଭଦ୍ରକରେ

### ୧୭ଶହରୁ ଅଧିକ ଶିକ୍ଷାନୁଷ୍ଠାନ ପରିସରରୁ ବିଦ୍ୟୁତ ଟ୍ରାନ୍ସଫର୍ମର ସ୍ଥାନାନ୍ତର

ପ୍ରାୟ ୪ଶହ, ଏବଂ କେନ୍ଦୁଝରରେ ୩ଶହରୁ ଅଧିକ ଟ୍ରାନ୍ସଫର୍ମର ପରିସରରେ ସୁରକ୍ଷା ବାଡ଼ ନିର୍ମାଣ କରାଯାଇଛି। ସୁରକ୍ଷା ବାଡ଼ ନିକଟରେ ପିଲାମାନଙ୍କୁ ଖେଳିବାକୁ ନଦେବା, ଗାଈଗୋରୁ କିମ୍ବା ଅନ୍ୟ ପଶୁମାନଙ୍କୁ ନ ବାନ୍ଧିବା ଅବା ଓଦା କପଡ଼ା ନ ଶୁଖାଇବା ପାଇଁ ଟିପିଏନଓଡିଏଲ ପକ୍ଷରୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି। ଅସୁରକ୍ଷିତ ଅବସ୍ଥାରେ ଥିବା ବୈଦ୍ୟୁତିକ ଟ୍ରାନ୍ସଫର୍ମର ତଥା ଖୁଣ୍ଟି କିମ୍ବା ଛିଣ୍ଡା ତାର ସମ୍ପର୍କରେ ଜନସାଧାରଣ ୧୮୦୦-୩୪୫-୬୭୧୮ କିମ୍ବା ୧୯୧୨ରେ ସୂଚନା ଦେବା ପାଇଁ ଟିପିଏନଓଡିଏଲ ପକ୍ଷରୁ କୁହାଯାଇଛି।

## ସାଂସଦଙ୍କ ପ୍ରତିନିଧିଙ୍କ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

କାଳିପଦା, ୨।୪ (ସମିସ): ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ପ୍ରତିନିଧି ରବୀନ୍ଦ୍ର କୁମାର ଅଣ୍ଡିଆ ଓ ବାଲିଆପାଳ ସରପଞ୍ଚ ପ୍ରତିନିଧି ହେମନ୍ତ କୁମାର ଦାସ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପରି ଦର୍ଶନରେ ଯାଇଥିଲେ। ଏହି ପରିଦର୍ଶନ ସମୟରେ ଶ୍ରୀ ଅଣ୍ଡିଆ ରୋଗୀ ମାନଙ୍କର ସୁବିଧା ଅସୁବିଧା ବୁଝିବା ସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ସମୟରେ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉପସ୍ଥିତ ଥିବା ଡାକ୍ତର ଏସ. ଗିରି ଓ ହିମାଦ୍ରୀ ପାଣିଗ୍ରାହୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କର୍ମଚାରୀ ଅଭାବ ଓ ଆବଶ୍ୟକ ସୁବିଧା ଯୋଗାଇ ଦେବାକୁ କହିଥିଲେ। ସାଂସଦ ପାଣ୍ଠିରେ ଏକ୍ସରେ ମେସିନ, ସାଇକେଲ ଷ୍ଟାଣ୍ଡ, କମ୍ୟୁନିଟି ହଲ ଆଦି ନିର୍ମାଣ ହେବ ବୋଲି ମଧ୍ୟ ସେ ସୂଚନା ଦେଇଥିଲେ।

## ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ବିରାଟ ଗର୍ତ୍ତ



ଜଳେଶ୍ୱର, ୨।୪ (ସମିସ): ଜଳେଶ୍ୱର ଅଞ୍ଚଳରେ ଥିବା ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକ ସମ୍ମୁଖରେ ରହିଥିବା ବିରାଟ ଗର୍ତ୍ତ ରୋଗୀଙ୍କ ପାଇଁ ମରଣ ଯନ୍ତା ସୃଷ୍ଟି ହୋଇଛି। ଆପଦ ବିପଦ ସମୟରେ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଶୀଘ୍ର ଆସିଲେ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜୀବନ ରକ୍ଷା ବଦଳରେ ଜୀବନ ଯିବାର ଯଥେଷ୍ଟ ସମ୍ଭାବନା ରହିଛି। ଜଳେଶ୍ୱର ସହରରେ ମୁଖ୍ୟତଃ ଦୁଇଟି ସ୍ୱାସ୍ଥ୍ୟ କେନ୍ଦ୍ର ମଧ୍ୟରୁ ଗୋଟିଏ ବଡ ବଜାରସ୍ଥିତ ନୂତନ ଭାବେ ନିର୍ମାଣ କରାଯାଇଥିବା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଯାହାର ସମ୍ମୁଖ ଫାଟକ ମଝିରେ ଦୁଇଟି ବଡ ଗର୍ତ୍ତ ଦୀର୍ଘଦିନ ଧରି ରହିଛି। ଯାହା ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସୁଥିବା ରୋଗୀ ବା ଲୋକଙ୍କ ପାଇଁ ମରଣ ଯନ୍ତା ପାଲଟିଛି। ସାମାନ୍ୟ ଅସାବଧାନତା ଯୋଗୁଁ ବହୁ ସମୟରେ ଦୁର୍ଘଟଣା ଘଟୁଛି। ଦ୍ୱିତୀୟଟି ଜି.କେ.ଭଟ୍ଟର ହସପିଟାଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଯାହା ଉପରେ ସାରା ଜଳେଶ୍ୱର ସହିତ ପଶ୍ଚିମବଙ୍ଗ ଓ ଅନ୍ୟ ବ୍ଲକର ଲୋକେ ନିର୍ଭର କରନ୍ତି। ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯିବା ପାଇଁ ମୁଖ୍ୟ ସଡକର ନୂଆ ବଜାର ଟ୍ରାଫିକ ଛକ ନିକଟରେ ରାସ୍ତା ଅଣଓସାରିଆ ହୋଇଥିବା ବେଳେ ଏକ ବିରାଟ ଗର୍ତ୍ତ ଦୀର୍ଘଦିନ ଧରି ରହିଛି। ରାସ୍ତାରେ ଟ୍ରାଫିକ ପୋଷ୍ଟ ବସାଇବା ଦ୍ୱାରା ରାସ୍ତା ଅଣଓସାରିଆ ହୋଇଥିବା ବେଳେ ସେହିଠାରେ ଏହି ଗର୍ତ୍ତ ଲୋକଙ୍କ ପାଇଁ ମରଣ ଯନ୍ତା ପାଲଟିଛି। ଏହି ଦୁଇଟି ସ୍ଥାନ ଦେଇ ଜଳେଶ୍ୱରର ଜନ ପ୍ରତିନିଧି, ପ୍ରଶାସନିକ ଅଧିକାରୀ ଓ ବିଭାଗୀୟ ଅଧିକାରୀମାନେ ପ୍ରତିଦିନ ଯିବା ଆସିବା କରୁଛନ୍ତି ମାତ୍ର ଏହାର ନିରାକରଣ ପାଇଁ କାହାରି ଇଚ୍ଛାଶକ୍ତି ନାହିଁ। ଯାହାକୁ ନେଇ ସହରର ବହୁ ଜନସାଧାରଣ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଉକ୍ତ ବ୍ୟକ୍ତିମାନେ ନେଉଥିବା ପି.ସିରୁ ସାମାନ୍ୟ ମାତ୍ର ଖର୍ଚ୍ଚ କଲେ ବା କୌଣସୀ ଠିକାଦାରଙ୍କୁ କହିଲେ ହୁଏତ ଏହି ସମସ୍ୟାର ସମାଧାନ ହୋଇପାରନ୍ତା ବା ନିଜସ୍ୱ ସାମାନ୍ୟ ଖର୍ଚ୍ଚରେ ଏହି ଗର୍ତ୍ତ ଗୁଡିକ ପୂରଣ ହୋଇପାରନ୍ତା ମାତ୍ର ତାହା ହୋଇପାରୁନାହିଁ ବୋଲି ବୁଦ୍ଧିଜୀବୀ ମାନଙ୍କର ଚର୍ଚ୍ଚାର ବିଷୟ ହୋଇଛି। ଦେଖାଯାଉ କେବେ ଏହାର ସମାଧାନ ହେଉଛି ବା କେତେ ଜଣ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି।

## ଜାମଶୂଳୀ କଲେଜରେ ବିଦାୟ ସମ୍ବର୍ଦ୍ଧନା ଉତ୍ସବ



କାଳିପଦା, ୨।୪ (ସମିସ): ଜାମଶୂଳୀସ୍ଥିତ ଲକ୍ଷ୍ମୀନାରାୟଣ କଲେଜର ଇତିହାସ ବିଭାଗ ପକ୍ଷରୁ ଯୁକ୍ତ ତିନି ଶେଷ ବର୍ଷ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଗୁରୁବାର ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। କଲେଜର ଅଧ୍ୟକ୍ଷ ପ୍ରଧାପକ ଦିବ୍ୟେନ୍ଦୁ କୁମାର ଗିରିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଗଣିତ ବିଭାଗ ମୁଖ୍ୟ ଡ. ସୁକାନ୍ତ କୁମାର ଗିରି ଅତିଥି ଭାବରେ ଯୋଗ ଦେଇ ବିଦାୟ ସମ୍ବର୍ଦ୍ଧନା ଉତ୍ସବର ପରମ୍ପରା ଓ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଯୁକ୍ତ ତିନି ପ୍ରଥମ ଓ ଦ୍ୱିତୀୟ ବର୍ଷ ସମ୍ମାନ ଶ୍ରେଣୀର ଛାତ୍ରଛାତ୍ରୀ ତୃତୀୟ ଶେଷ ବର୍ଷ ଛାତ୍ର ଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇ ଥିଲେ। ବିଭାଗୀୟ ଅଧ୍ୟାପକ ପରମାନନ୍ଦ ମହାନ୍ତି ଅତିଥି ପରିଚୟ ଓ ବିଭାଗୀୟ ମୁଖ୍ୟ ପ୍ରଧ୍ୟାପକ ନିର୍ମଳ ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଭାଗୀୟ ଅଧ୍ୟାପକ ଏସ କେ ସବିର ହାସନ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାମୀ ସ୍ୱରୂପାନନ୍ଦ ପରମହଂସଙ୍କ ଉପାସନା

ଜଳେଶ୍ୱର, ୨।୪ (ସମିସ): ନମିତା ଗିରି ପୂଜ୍ୟପୂଜ୍ୟା ସଂସଦ ଆନୁକୂଲ୍ୟରେ ଜଳେଶ୍ୱର ବ୍ଲକ କୃଷ୍ଣନଗର ସ୍ଥିତ ନମିତା ଗିରି ସ୍ମୃତି ମନ୍ଦିର ଠାରେ ଶ୍ରୀଶ୍ରୀ ସ୍ୱାମୀ ସ୍ୱରୂପାନନ୍ଦ ପରମହଂସ ଦେବଙ୍କ ସମବେତ ଉପାସନା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗୀୟ ନମିତା ଗିରିଙ୍କ ୭ମ ଶ୍ରାଦ୍ଧ ବାର୍ଷିକୀ ଉଦ୍ଦେଶ୍ୟରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବକ୍ତୃତା ଓ ସଙ୍ଗୀତ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିବା ବେଳେ ପୂଜ୍ୟପୂଜା, ପ୍ରତିଭା ସମ୍ମାନ ଓ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ପ୍ରଧାନ ଶିକ୍ଷକ ତଥା ସ୍ୱର୍ଗୀୟ ନମିତା ଗିରି ପୂଜ୍ୟପୂଜା ସଂସଦର ସଭାପତି ହରେକୃଷ୍ଣ ଗିରି ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ବାଗେଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିବେକାନନ୍ଦ ସାହୁ ଯୋଗଦେଇ ଥିଲେ। ମୁଖ୍ୟବକ୍ତା ନିଶିକାନ୍ତ ଗିରି, ସମ୍ମାନିତ ଅତିଥି ଭାବେ ଡ. ବେଣୁଧର ବେହେରା, ସମ୍ମାନିତ ପ୍ରତିଭା ଶିବଶଙ୍କର ଗିରି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଯୋଗଦେଇ ତାତ୍ତ୍ୱିକ ଅଭିଭାଷଣ ପ୍ରଦାନ କରିଥିଲେ। ସଭା ପ୍ରାରମ୍ଭରେ ପୂର୍ବତନ ପ୍ରଧାନ ଶିକ୍ଷକ ଯୋଗେଶ ଚନ୍ଦ୍ର ରାଉଳ ଅତିଥି ମାନଙ୍କୁ ମଞ୍ଚ ଆମନ୍ତ୍ରଣ ଓ ପରିଚୟ ପ୍ରଦାନ କରିଥିବା ବେଳେ ଡ. ନିଶିକାନ୍ତ ଗିରି ବିବରଣୀ ପାଠ ଓ ଶେଷରେ ନିବେଦିତା ଗିରି ଧନ୍ୟବାଦ ଅର୍ପଣ କରିଥିଲେ।

## ସୟଦନା ସେଖ ଅହମ୍ମଦ ପୀର ବାବାଙ୍କ ଉର୍ସ ଉତ୍ସବ

ବାଲେଶ୍ୱର,୨।୪(ସମିସ): ବାଲେଶ୍ୱର ସହରର ସୁନହଟସ୍ଥିତ ସୟଦନା ସେଖ ପୀର ରେହେମାତୁଲ୍‌ହା ଆଲାୟେଙ୍କର ୬୯ତମ ବାର୍ଷିକ ଉର୍ସ ଉତ୍ସବ ଉଦ୍‌ଘାଟିତ



ହୋଇଯାଇଛି। ବାଲେଶ୍ୱରର ପ୍ରସିଦ୍ଧ ଭୁଜାଖିଆ ପୀର ବାବାଙ୍କ ବଡ ଭାଇ ହେଉଛନ୍ତି ଅହମ୍ମଦ ପୀର ବାବା। ଗୁରୁବାର ଦିନ ଶୁଭାରମ୍ଭ ହୋଇଥିବା ଏହି ଉତ୍ସବରେ ପ୍ରଥମେ ବାବାଙ୍କର ଗୋସାଲ କରାଯାଇଥିଲା। ବୁଢାବଳଙ୍ଗ ନଦୀର ପରମିଟ ଘାଟରୁ ବାବାଙ୍କର ଗୋସାଲ ପାଇଁ ଏକ ଶୋଭାଯାତ୍ରରେ ପାଣି ଅଣାଯିବା ପରେ ଆସ୍ଥାନକୁ ପବିତ୍ର କରାଯାଇଥିଲା। ଅପରାହ୍ନରେ ଫୁଲ ଏବଂ ଚନ୍ଦନ ଶୋଭାଯାତ୍ରା ସହର ପରିକ୍ରମା କରିଥିବା ବେଳେ ଅପରାହ୍ନଠାରୁ ବାବାଙ୍କ ଆସ୍ଥାନରେ ଶବିନା ପାଠ କରାଯାଇଥିଲା। ଗୋସାଲ ପରେ ବହୁ ଭକ୍ତ ବାବାଙ୍କ ଆସ୍ତାନରେ ଚାଦର ଚଢାଉଥିବା ଦେଖିବାକୁ ମିଳିଥିଲା। ଶୁକ୍ରବାର ଦିନ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସକାଳେ କୋରାନ ସରିଫ ପାଠ ସହିତ ସନ୍ଧ୍ୟାରେ ଫାତେହା ପରେ ଶିରିଣୀ ବିତରଣ କରାଯିବ ବୋଲି ଆୟୋଜକ କମିଟି କର୍ମକର୍ତ୍ତା କହିଛନ୍ତି। କମିଟିର ସଭାପତି ସେଖ ସାଉଦ୍ଦିନ, ଉପସଭାପତି ଅବଦୁଲ ଅବଦୁଲ କାମିଲ, ସମ୍ପାଦକ ଶେଖ ଅବଦୁଲ ଜାହିଦ, ସୟେଦ ନସୀମ ଅହେମ୍ମଦ ରାଜା, ହାଜି ଶେଖ ଅବଦୁଲ ସାଜିଦ, ଶେଖ ଅବଦୁଲ ରଜାକ, ଶେଖ ଗୋଲାମ୍ ମଜାମିଲ୍, ଅବଦୁଲ ଜାକିର ଖାନ, ଶେଖ ରୋହିତ, ଶେଖ ଫରହାଦ, ହାଜି ଶେଖ ସାଦିରୁଦ୍ଦିନ, ଶେଖ ସାଦିକ୍, ଅବଦୁଲ ହାଫିଜ୍ ଖାନ୍, ଶେଖ ଇମାମୁଦ୍ଦିନ, ଶେଖ ସାଜନ୍, ଶେଖ ସାଦିକିନ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ନିର୍ଯାତିତ ଯୁବତୀକୁ ଉଦ୍ଧାର କଲେ ସମାଜସେବୀ

ଜଳେଶ୍ୱର,୨।୪(ସମିସ): ଖୋର୍ଦ୍ଧା ଅଞ୍ଚଳର ନିର୍ଯାତିତା ବାଟବଣା ଯୁବତୀ ଜଳେଶ୍ୱର ଟାଉନ୍ ହଲ୍ ପଡ଼ିଆରେ ରାତିରେ ହଟହଟା ହେଉଥିବା ବେଳେ ଉଦ୍ଧାର କଲେ ସମାଜସେବୀ। ଯୁବତୀର କହିବା ଅନୁସାରେ ଖୋର୍ଦ୍ଧା ଅଞ୍ଚଳର ରାଜୁ ଦାସ ନାମକ ଜନୈକ ନିଃସନ୍ତାନ ବ୍ୟକ୍ତି ଦୀର୍ଘ ୧୭ ବର୍ଷ ଧରି ଝିଅ ଭାବେ ତାକୁ ପାଳି ଆସୁଥିଲେ। ୪ ମାସ ତଳେ ଦମ୍ପତିଙ୍କର ସନ୍ତାନ ଜନ୍ମ ହେବା ପରେ ପାଳିତା କନ୍ୟାକୁ ଅକଥନୀୟ ଅତ୍ୟାଚାର କର ଘରୁ ତଡି ଦେଇଛନ୍ତି। ଝିଅଟି ଜନ୍ମକଲା ବାପା ମାଁ ଙ୍କ ପରିଚୟ ଜାଣିନଥିବା ବେଳେ ଏଣେ ତେଣେ ବୁଲି ଖୋର୍ଦ୍ଧା ରୁ ଟ୍ରେନ ଯୋଗେ ଜଳେଶ୍ୱରରେ ଆସି ପହଞ୍ଚିଛି। ବୁଧବାର ରାତିରେ ଟାଉନ୍ ହଲ୍ ପଡିଆ ଠାରେ କେତେକ ଯୁବତୀଙ୍କୁ ଅସଦାଚରଣ କରୁଥିବା ବେଳେ ଭୋଲା ଭଣ୍ଡାରୀ ଅନ୍ନଦାତା ପରିବାରର ସଦସ୍ୟା ରିଙ୍କି ଖଟକିଙ୍କ ଘରେ ସେ ପଶିଯାଇଥିଲା। ଖବର ପାଇ ଅଞ୍ଚଳର ବିଶିଷ୍ଟ ସମାଜସେବୀ ହରିଶଙ୍କର ପଣ୍ଡାଙ୍କ ତତ୍ତ୍ୱାବଧାନରେ ମହିଳାଙ୍କ ଘରେ ରାତ୍ରି ରେ ଆଶ୍ରୟ ଦିଆଯାଇଥିଲା। ଗୁରୁବାର ପୀଡ଼ିତ ଯୁବତୀଙ୍କୁ ଜଳେଶ୍ୱର ଥାନାରେ ହାଜର କରାଯିବା ପରେ ଆଇଆଇସି ଅଶୋକ ବାରିକ୍,ଏସ ଆଇ ଚିରଞ୍ଜିବୀ ବିଶ୍ୱାଳ, ସାନ୍ତିଆ ସ୍ଥିତ ଗାନ୍ଧୀ ସେବା ଶ୍ରମରେ ଛାଡିଛନ୍ତି।

## ଜଳେଶ୍ୱର ଓକିଲ ସଂଘର ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା




ଜଳେଶ୍ୱର, ୨।୪ (ସମିସ) : ପବିତ୍ର ଉତ୍କଳ ଦିବସ ପାଳନ ଅବସରରେ ଜଳେଶ୍ୱର ଓକିଲ ସଂଘର ନବ ନିର୍ବାଚିତ ପଦାଧିକାରୀ ଓକିଲ ବନ୍ଧୁ ମାନଙ୍କୁ ଜାଗ୍ରତ ଜଳେଶ୍ୱର ସଂଗଠନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜାଗ୍ରତ ଜଳେଶ୍ୱର ସଂଗଠନର ସଭାପତି କମଳ ଲୋଚନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅତିଥି ଭାବରେ ବିଜେପି ନେତ୍ରୀ ସିପ୍ରା ବାଜପେୟୀ, ଜଳେଶ୍ୱର ଓକିଲ ସଂଘର ନବ ନିର୍ବାଚିତ ସଭାପତି କୁଞ୍ଜ ବିହାରୀ ଦାସ୍, ସମ୍ପାଦକ ରାଜେଶ କୁମାର ପାତ୍ରଙ୍କ ସମେତ ଓକିଲ ସଂଘର ସମସ୍ତ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ଜାଗ୍ରତ ଜଳେଶ୍ୱରର ସଦସ୍ୟ ଆଦିତ୍ୟ ନାରାୟଣ ପାତ୍ର ମଞ୍ଚ ଆହ୍ୱାନ କରିଥିଲେ।

## ଶିଶୁବାଟିକା ସେବିକା ଚୟନରେ ଅନିୟମିତତା ଅଭିଯୋଗ

ଜଳେଶ୍ୱର ୨।୪(ସମିସ): ପୌରପାଳିକାର ୧୬ନଂ ୱାର୍ଡ ଅଲାଲପୁରଠାରେ ଥିବା ନରେନ୍ଦ୍ରନାଥ ଉପ୍ରା ବିଦ୍ୟାଳୟରେ ଶିଶୁବାଟିକା ସେବିକା ଚୟନରେ ଅନିୟମିତତା ଦର୍ଶାଇ ଗ୍ରାମର କେତେକ ଲୋକ ବିଇଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଚୟନ ପ୍ରକ୍ରିୟାକୁ ନେଇ ଛକାଫଂଷ ଲାଗି ରହିଥିବା ବେଳେ ଗତ ୨ଦିନ ତଳେ ଆବେଦନକାରୀଙ୍କ ମଧ୍ୟରୁ କେତେକ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅଟକ ରଖିବା ଓ ପରେ ପୁଲିସ୍ ଯାଇ ଉଦ୍ଧାର କରିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଥିଲା। ଏସ୍‌ଏସ୍‌ସି ସଭାପତି ଓ ପ୍ରଧାନ ଶିକ୍ଷୟତ୍ରୀ ଉଦ୍ଦେଶ୍ୟମୂଳକଭାବେ ଅନିୟମିତତା କରି ଜଣେ ମହିଳାଙ୍କୁ ନିଯୁକ୍ତି ଦେଇଥିବା ବେଳେ ସରକାରୀ ନିୟମ ଅନୁଯାୟୀ ଜନଜାତି ମହିଳାଙ୍କୁ ପ୍ରାଧାନ୍ୟ ଦିଆନଯିବା ଅଭିଯୋଗ ହୋଇଛି। ଗ୍ରାମର କାଉନ୍‌ସିଲର ଲକ୍ଷ୍ମଣ ସରେନ୍, କମିଟି ସଭ୍ୟ ପୂର୍ଣ୍ଣଚନ୍ଦ୍ର ହେମ୍ବ୍ରମ, ପ୍ରଳୟ ଭଂଜ, ସୁମା ମଣ୍ଡଳ, ଶୁଭଦ୍ରା ଜେନା, ସଂଜିତ ରାୟ, ବିନାୟକ ରାୟ ପ୍ରମୁଖ ବହୁ ଲୋକ ଜିଲ୍ଲା ଶିକ୍ଷାଧିକାରୀ, ଜିଲାପାଳ, ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିଥିବା ଜଣାଯାଇଛି।

# ବିଭିନ୍ନ ସ୍ଥାନରେ ଓଡ଼ିଶା ଦିବସ ପାଳିତ

ବାଲେଶ୍ୱର,୨।୪(ସମିସ)



ରାଣୀପାଟଣାସ୍ଥିତ ଦୃଷ୍ଟିହୀନ ବିଦ୍ୟାଳୟରେ ଓଡ଼ିଶା ଦିବସ ପାଳନ କରାଯାଇଛି। ଏହି ଅବସରରେ ବିଦ୍ୟାଳୟର ନିର୍ଦ୍ଦେଶକ ଦିବାକର ସ, ପ୍ରଧାନ ଶିକ୍ଷକ ନବୀନ ବେହେରା, ଶିକ୍ଷକ/ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

**ସ୍ରଷ୍ଟା ନାଟ୍ୟ ସଂସ୍ଥା :** ସ୍ରଷ୍ଟା ନାଟ୍ୟ ସଂସ୍ଥା ଦ୍ୱାରା ମାକଲପୁରସ୍ଥିତ ସ୍ରଷ୍ଟା ନାଟ୍ୟାଳୟରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ସ୍ରଷ୍ଟା ସଭାପତି ଆଲୋକ କୁମାର ସାହୁ, ସମ୍ପାଦକ ହେମେନ୍ଦ୍ର ମହାପାତ୍ର, ଗୌରୀ ଶଙ୍କର ସାହାଣୀ, ସଂଗ୍ରାମ କେଶରୀ ମହାନ୍ତି, ମଦନ ମୋହନ ସାହୁ, ଦିବାକର ମହାନ୍ତି, ପୀତାମ୍ବର ଦାସ,ଷପ୍ରସନ୍ନ କୁମାର ଦାସ, ଶ୍ୟାମରାଇ କର, ମନୋରଞ୍ଜନ ଦାସ, ରାମଚନ୍ଦ୍ର ମହାପାତ୍ର, ରତିକାନ୍ତ ମଲିକ, ପ୍ରଦୀପ ଶତପଥି, ସରୋଜ ରାଉତ, ରଶ୍ମି ରଞ୍ଜନ ଦାସ, ପୁଷ୍ପିତା ପାଢ଼ୀ, ସ୍ୱାଗତିକା ବାରିକ, ଅନୁଭା ଶତପଥି, ସୁମନା ପରିଡ଼ା, ଅଜିତ ପଣ୍ଡା ପ୍ରମୁଖ ମଧୁ ବାବୁ, ଫକୀରମୋହନ ସେନାପତି, ରାଧାନାଥ ରାୟଙ୍କ ଅକ୍ଲାନ୍ତ ଉଦ୍ୟମରେ ଓଡ଼ିଶା କିପରି ପ୍ରଥମ ଭାଷାଭିତ୍ତିକ ପ୍ରଦେଶ ଗଠନ ହୋଇପାରିଥିଲା ସେ ବିଷୟରେ ଆଲୋଚନା ହୋଇଥିଲା।

**ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ:** କଲେଜର ବିଜ୍ଞାନ ଭବନରେ ଓଡ଼ିଆ ପକ୍ଷ ପାଳନ ସମାରୋହ ପାଳନ ଅବସରରେ ୯୧ତମ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ପରିସରସ୍ଥ ସମସ୍ତ ବରପୁତ୍ରଙ୍କ ପାଖରେ ପୁଷ୍ପ ମାଲ୍ୟାର୍ପଣ ପରେ ପ୍ରଫେସର୍ ଅନିରୁଦ୍ଧ ବେହେରାଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ପ୍ରଫେସର୍ ଫିରୋଜ୍ ପାଢ଼ୀ, ପରୀକ୍ଷା ନିୟନ୍ତ୍ରକ ପ୍ରଫେସର୍ ରାଜେଶ ରାଉତ, ଓଡ଼ିଆ ବିଭାଗ ମୁଖ୍ୟ ଡ. ସନ୍ତୋଷ ନାୟକ ଓ ଇଂରାଜୀ ବିଭାଗର ଅଧାପିକା ଡ. ମିନତୀ ସେଠୀ ପ୍ରମୁଖ ଯୋଗଦେଇ ଓଡ଼ିଶା ଦିବସ ପାଳନ ସମ୍ପର୍କରେ ଆଲୋକପାତ କରିଥିଲେ। ଡ. ସନ୍ତୋଷ ନାୟକ ଧନ୍ୟବାଦ ଜ୍ଞାପନ କରିଥିଲେ।

**ଖଇରା :** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡ ଆଞ୍ଚଳିକ ଉନ୍ନୟନ ପରିଷଦ ଓ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଲଙ୍କେଶ୍ୱର ମନ୍ଦିର ପ୍ରାଙ୍ଗଣରେ ୯୧ତମ ଉତ୍କଳ ଦିବସ ପାଳିତ ହୋଇ ଯାଇଛି। ପରିଷଦର ସଭାପତି ମଦନମୋହନ ମହଲାଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଚେତନା ସାହିତ୍ୟ ସଂସଦର ସମ୍ପାଦକ ଶରତ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି, କବି ପ୍ରଶାନ୍ତ ଦାସ ମୁଖ୍ୟବକ୍ତା, ଗୋପାଳପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ ପ୍ରଭାକର ମହାଜନ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ ବିବରଣୀ ପାଠ ଓ ଅଭିମନ୍ୟୁ ରାଉଳ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଖଇରା ଅଞ୍ଚଳର ସୁନାମଧନ୍ୟ ଚିକିତ୍ସକ ଡା ବ୍ରଜସୁନ୍ଦର ସ୍ୱାଇଁ, ଗଣମାଧ୍ୟମ ପ୍ରତିନିଧି ତପୋଧନ ବାରିକ, ଅବସରପ୍ରାପ୍ତ ଅଧ୍ୟାପକ ଅଜୟ କୁମାର ନାୟକ, ସମାଜସେବୀ ଅଭୟ କୁମାର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଷଦର ସଭ୍ୟ ପଦ୍ମଲୋଚନ ଜେନା, ସୁବାଷ ପ୍ରଧାନ, ଅଭୟ ମହାନ୍ତି, ପଙ୍କଜ ବାରିକ, ପୁରୁଷୋତ୍ତମ ମହାନ୍ତି ଓ ରାମଚନ୍ଦ୍ର ମହାକୁଡ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ଚନ୍ଦନେଶ୍ୱର:** ଭୋଗରାଇର ସୀମାନ୍ତ ସାହାବାଜିପୁର ସାଗରସାଥୀ କ୍ଲବ ପକ୍ଷରୁ ୯୧ତମ ଉତ୍କଳ ଦିବସ ସମାରୋହ ଅନୁଷ୍ଠିତ ହୋଇଛି। ଚନ୍ଦନେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଥିବା ମଧୁ ମଣ୍ଡପରେ ଆୟୋଜିତ ସଭାକୁ ବରିଷ୍ଠ ସାମ୍ବାଦିକ ସୁବାସ ଦାସ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ମୁଖ୍ୟବକ୍ତା ବାଲେଶ୍ୱର ଜିଲ୍ଲା ପରିଷଦର ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ପ୍ରଧାନ ଯୋଗଦେଇ ଥିଲେ। ଚନ୍ଦନେଶ୍ୱର ମନ୍ଦିର ମୌରସୀ ତପନ କୁମାର ପଣ୍ଡା, ପ୍ରାକ୍ତନ ରାଷ୍ଟ୍ରୀୟ ଗୌରବପ୍ରାପ୍ତ ସରପଞ୍ଚ ରମାକାନ୍ତ କରଣ, ଚନ୍ଦନେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟା ପ୍ରତିମା ଚାନ୍ଦ, ନିବେଦିତା ମହାନ୍ତି, କବିତା ମହାନ୍ତି, ଦମୟନ୍ତୀ ସାହୁ, ଗିରିଶ ଦତ୍ତ, ଜୟରାମ ଦାସ, ସାହାବାଜିପୁର ସରପଞ୍ଚ ଅରୁଣ ଗିରି, ହୁଗୁଳି ସମିତି ସଦସ୍ୟ ଗୋବିନ୍ଦ ଦାସ, ପ୍ରଧାନ ଆଚାର୍ଯ୍ୟ ଧରଣୀଧର ସେନାପତି, କ୍ଲବର ସଭାପତି ସୁଶାନ୍ତ କୁମାର ବେହେରା ପ୍ରମୁଖ ଯୋଗଦେଇ ଓଡ଼ିଆ ଜାତିର ଅସ୍ମିତା ଏବଂ ସ୍ୱାଭିମାନ ସମ୍ପର୍କରେ କହିଥିଲେ।



## ଆଜିର ରାଶିଫଳ

**ମେଷ:** ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ। ଧୈର୍ଯ୍ୟ ହରାନ୍ତୁନି। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିପାରେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିପାରନ୍ତି।

**ବୃଷ:** ଅଚାନକ ଖୁସି ଖବର ପାଇପାରନ୍ତି। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଦୂରସ୍ଥାନକୁ ଯାତ୍ରା ଯୋଗ ଅଛି। ଆୟ ଅନୁସାରେ ବ୍ୟୟ କରନ୍ତୁ।

**ମିଥୁନ:** ସାମାଜିକ କାର୍ଯ୍ୟରେ ସାମିଲ ରହିପାରନ୍ତି। ରାଜନେତାଙ୍କ ପାଇଁ ଦିନଟି ଭଲ। ଲୋକସମ୍ପର୍କ ବୃଦ୍ଧି ପାଇବ। ନୂତନ ଯାନବାହନ କିଣିପାରନ୍ତି। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ।

**କର୍କଟ:** ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିପାରେ। ଉଧାର ଟଙ୍କା ଫେରି ପାଇବେ। ଯୋଜନା ମୁତାବକ କାମ କରନ୍ତୁ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**ସିଂହ:** ଅଫିସ୍ କାମ ପାଇଁ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ଜୀବନସାଥୀଙ୍କ ସହଯୋଗ ମିଳିପାରେ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ।

**କନ୍ୟା:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପଡୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ। ଦାନ ଧର୍ମ କରନ୍ତୁ।

**ତୁଳା:** ଆଜି ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିପାରେ। ରାଜନୀତିରେ ସଫଳତା ମିଳିପାରେ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିପାରେ। ଅଚାନକ ଖୁସି ଖବର ମିଳିପାରେ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ନିଜ ଲୋକ ଶତ୍ରୁ ସାଜି ପାରନ୍ତି। ଦାନ ଧର୍ମ କରନ୍ତୁ।

**ମକର:** ବ୍ୟବସାୟରେ ଲାଭ ମିଳିପାରେ। ଭାଇ –ଭାଇ ମଧ୍ୟରେ କଳହ ଦେଖାଦେବ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ଅଚାନକ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ମାନ ସମ୍ମାନ ବୃଦ୍ଧି ପାଇବ। ବିବାହ ସମସ୍ୟାର ସମାଧାନ ହେବ। ଭାବି ଚିନ୍ତି ଖର୍ଚ୍ଚ କରନ୍ତୁ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ଯୋଗ ଅଛି।

**ମୀନ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପଢ଼ା ପାଇଁ ଅର୍ଥ ନିବେଶ କରିବେ। ଦୂରସ୍ଥାନକୁ ଯାତ୍ରା କରିବେ। ଧାର କରଜରୁ ନିବୃତ୍ତ ରହିବେ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ।

## ଆଜିର ଇତିହାସ

- ୧୯୩୩- ବିଶ୍ୱର ସବୁଠାରୁ ଉଚ୍ଚ ଶିଖର ମାଉଣ୍ଟ ଏଭରେଷ୍ଟ ଉପରେ ପ୍ରଥମ ଥର ବିମାନ ଉଡ଼ିଲା।
- ୧୯୪୯- ଆମେରିକା, ବ୍ରିଟେନ୍, ଫ୍ରାନ୍ସ ଓ କାନାଡ଼ା ଉତ୍ତର ଆଣ୍ଟଲାଟିକ୍ ବୁଝାମଣାପତ୍ରରେ ସ୍ୱାକ୍ଷର କଲେ।
- ୧୯୮୪- ଭାରତର ପ୍ରଥମ ମହାକାଶଚାରୀ ରାକେଶ ଶର୍ମା ମହାକାଶ ଯାତ୍ରା ଆରମ୍ଭ କଲେ।
- ୨୦୧୬- ପାନାମା ପେପର୍ ଲିକ୍ ହୋଇଥିଲା।



# ସଲମାନ୍‌ଙ୍କ ଫିଲ୍ମରେ ଅରବିନ୍ଦ ସ୍ୱାମୀ

ଏଇ କିଛି ବର୍ଷ ହେଲାଣି ବଲିଉଡ୍‌ର ଆଗଧାଡ଼ିର କଳାକାରମାନେ ସାଉଥ୍ ନିର୍ଦ୍ଦେଶକଙ୍କ ସହ କାମ କରୁଥିବାର ଦେଖାଯାଇଛି। ଏବେ ଦବଙ୍ଗ ଖାନ୍ ସଲମାନ୍ ମଧ୍ୟ ଏଥିରେ ସାମିଲ ହୋଇଛନ୍ତି। ବାମଶୀ ପୈଡିପାଲ୍ଲୀଙ୍କ ଏକ ହାଇ ବଜେଟ୍ ଆକ୍ସନ୍ ଥ୍ରିଲର୍ ଫିଲ୍ମରେ ସଲମାନ୍ ଲିଡ୍ ରୋଲରେ ନଜର ଆସିବେ। ଏଥିରେ ତାଙ୍କ ବିପକ୍ଷରେ ସାଉଥ୍ ସୁନ୍ଦରୀ ନୟନତାରା ଦେଖାଯିବେ। ଅନୀଲ କପୁର ମଧ୍ୟ ଏହି ଫିଲ୍ମରେ ନଜର ଆସିବେ। ଏହାର ପ୍ରଯୋଜନା ଦାୟିତ୍ୱରେ ଦିଲ ରାଜୁ ଅଛନ୍ତି। ଖୁବ୍‌ଶୀଘ୍ର ଏହାର ସୁଟିଂ ଆରମ୍ଭ ହେବ। ଇତିମଧ୍ୟରେ ଏହି ଫିଲ୍ମକୁ ନେଇ ଆଉ ଏକ ଖବର ଆସିଛି। ଏଥିରେ ଏବେ ସାଉଥ ଇଣ୍ଡଷ୍ଟ୍ରୀର ଲୋକପ୍ରିୟ ଅଭିନେତା ଅରବିନ୍ଦ ସ୍ୱାମୀ ନଜର ଆସିପାରନ୍ତି ବୋଲି କୁହାଯାଉଛି। ଅରବିନ୍ଦ ତାମିଲ୍ ବ୍ୟତୀତ ବଲିଉଡ୍ ଫିଲ୍ମରେ ମଧ୍ୟ କାମ କରିଛନ୍ତି। ଅରବିନ୍ଦ ଏହି ଫିଲ୍ମରେ କାମ କରିଲେ ସୁଦ୍ଧା ସେ କେଉଁଭଳି ଚରିତ୍ରରେ ଅଭିନୟ କରୁଛନ୍ତି ତାହା ସ୍ପଷ୍ଟ ହୋଇ ନାହିଁ। ଏହି ଫିଲ୍ମ ଆସନ୍ତାବର୍ଷ ମୁକ୍ତିଲାଭ କରିପାରେ। ସଲମାନ୍‌ଙ୍କ କାମ କଥା କହିବାକୁ ଗଲେ, ସେ ଶେଷ ଥର ପାଇଁ 'ସିକନ୍ଦର' ଫିଲ୍ମରେ ନଜର ଆସିଥିଲେ। ଏଥିରେ ତାଙ୍କ ବିପକ୍ଷରେ ରଶ୍ମିକା ମନ୍ଦାନା ଦେଖାଯାଇଥିଲେ। ଏହା ବକ୍ସ ଅଫିସ୍‌ରେ ଫ୍ଲପ୍ ସାବ୍ୟସ୍ତ ହୋଇଥିଲା। ଏବେ ସଲମାନ୍ ଅପୂର୍ବ ଲାଖିଆଙ୍କ ଫିଲ୍ମ 'ମାତୃଭୂମି'ରେ କାମ କରୁଛନ୍ତି। ଏହା ଏପ୍ରିଲ୍ ୧୭ରେ ରିଲିଜ୍ ହେବ ବୋଲି ପୂର୍ବରୁ ସ୍ଥିର କରାଯାଇଥିଲା। ହେଲେ ଏବେ ଏହାର ରିଲିଜ୍‌କୁ ଘୁଞ୍ଚାଇ ଦିଆଯାଇଛି ବୋଲି କିଛି ରିପୋର୍ଟରେ ପ୍ରକାଶ ପାଇଛି।

# ପ୍ଲାଷ୍ଟିକ୍ ସର୍ଜରୀରୁ ବିଗିଡ଼ିଲା ମୁହଁ



ବ୍ରାଜିଲର ଲୋକପ୍ରିୟ ଇନ୍‌ଫ୍ଲୁଏନସର ଜୁଜୁ ଡୋ ପିକ୍ସ। ତାଙ୍କର ପ୍ରକୃତ ନାମ ଜୁଲିୟାନା ଓଲିଭେରା। ପ୍ଲାଷ୍ଟିକ୍ ସର୍ଜରୀ କରାଇବା ପରେ ସେ ଅଚାନକ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ପ୍ଲାଷ୍ଟିକ୍ ସର୍ଜରୀରେ ଗୋଟିଏ ଭୁଲ୍ ତାଙ୍କ ପାଇଁ ଏକ ବିପଜ୍ଜନକ ସ୍ଥିତି ସୃଷ୍ଟି କରିଛି। ସର୍ଜରୀରେ ସିଲିକନ ଫିଲର୍ ସ୍ଥାନରେ ବିପଜ୍ଜନକ ମିନେରାଲ ଅଏଲକୁ ବ୍ୟବହାର କରାଯିବାରୁ ତାଙ୍କ ମୁହଁ ସମ୍ପୂର୍ଣ୍ଣ ବଦଳିଗଲା। ତେବେ ଏହି ଘଟଣା କେବଳ ତାଙ୍କ ପରିଚୟକୁ ପ୍ରଭାବିତ କରି ନାହିଁ, ବରଂ ତାଙ୍କ ଜୀବନକୁ ଏକ ନୂଆ ମୋଡ଼ ପ୍ରଦାନ କରିଛି। ୨୦୧୭ ମସିହାରେ ଜୁଜୁ ଫିଲର୍ ଟ୍ରିଟ୍‌ମେଣ୍ଟ କରାଇଥିଲେ। ଏକ ଅବୈଧ କ୍ଲିନିକ୍‌ର ଡାକ୍ତରମାନେ ସିଲିକନ୍ ବଦଳରେ ତାଙ୍କ ଗାଲରେ ମିନେରାଲ ଅଏଲ ଓ ଲେକ୍ସେଟିଭ ଭରି ଦେଇଥିଲେ। ଇଞ୍ଜେକସନ୍ ନେବାର କିଛି ସମୟ ମଧ୍ୟରେ ତାଙ୍କ ଗାଲ ଫୁଲି ଯାଇଥିଲା। ତ୍ୱଚା ଶକ୍ତ ହୋଇଯିବା ସହ ତାଙ୍କ ଚେହେରା କଦାକାର ଦେଖାଗଲା। ଏହି ଘଟଣା ଏବେ କସମେଟିକ୍ ସର୍ଜରୀରେ ଥିବା ବିପଦକୁ ଉଜାଗର କରିଛି। ଗତବର୍ଷ ଜାନୁଆରୀରେ ତାଙ୍କର ୪ ଘଣ୍ଟା କାଳ ଅସ୍ତ୍ରୋପଚାର କରାଯାଇ ମିନେରାଲ ୱାଟର୍ ବାହାର କରିବାକୁ ଚେଷ୍ଟା କରାଯାଇଥିଲା। ସେହିଭଳି ଜାନୁଆରୀ ୨୦୨୬ରେ ତାଙ୍କର ଦ୍ୱିତୀୟ ସର୍ଜରୀ ହୋଇଥିଲା। ଏବେ ଯଦିଓ ପୂର୍ବାପେକ୍ଷା ତାଙ୍କ ଚେହେରାର ଫୁଲା ଟିକେ କମ୍ ହୋଇଛି, କିନ୍ତୁ ମିନେରାଲ୍ ଅଏଲ୍ ପୂରା ଶରୀରରେ ବ୍ୟାପି ଯାଇଥିବାରୁ ଏହାକୁ ବାହାର କରିବା ପାଇଁ ଆହୁରି ଲମ୍ବା ପ୍ରକ୍ରିୟା ଚାଲିବ ବୋଲି ତାଙ୍କୁ ଏବେ ଚିକିତ୍ସିତ କରୁଥିବା ଡାକ୍ତରମାନେ କହିଛନ୍ତି। ତେବେ ଏହି ମାମଲା ବ୍ରାଜିଲରେ ସୀମିତ ନାହିଁ। ବ୍ରିଟେନରେ ମଧ୍ୟ ପ୍ରତିବର୍ଷ ଲୋକେ ଭୁଲ କସ୍ମେଟିକ୍ ସର୍ଜରୀ କରାଇ ଚିକିତ୍ସା ପାଇଁ ଆସନ୍ତି। ଏବାବଦକୁ ସେମାନେ ପାଖାପାଖି ୨୦, ୦୦୦ ପାଉଣ୍ଡ ଖର୍ଚ୍ଚ କରନ୍ତି। ତେଣୁ ଅଫର୍ ଚକ୍କରରେ ନ ପଡ଼ି ଭଲ ସର୍ଜନଙ୍କ ପାଖରେ କସ୍ମେଟିକ୍ ସର୍ଜରୀ କରାଇବା ପାଇଁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

# ଜ୍ୟାକେଟ୍‌ରେ ଏୟାର୍‌ବ୍ୟାଗ୍

ଟେକ୍ନୋଲଜି ଏବେ କେବଳ ଗାଡ଼ି ଓ ମୋବାଇଲ୍ ଫୋନ୍ ଭିତରେ ସୀମିତ ହୋଇ ରହିନାହିଁ। ଏବେ ସ୍ମାର୍ଟ ପୋଷାକ ଆସିଲାଣି, ଯାହା ମଣିଷକୁ ସୁରକ୍ଷା ପ୍ରଦାନ କରିବ। ଏହି କ୍ରମରେ ଏକ ଏୟାରବ୍ୟାଗ୍ ଜ୍ୟାକେଟ୍ ଚର୍ଚ୍ଚାକୁ ଆସିଛି, ଯାହା ମଣିଷ ତଳେ ପଡ଼ିବା ପୂର୍ବରୁ ସକ୍ରିୟ ହୋଇଯାଇ ଦୁର୍ଘଟଣାରୁ ରକ୍ଷା କରିବ। ଯିଦିଆବାଓ ଇଣ୍ଟେଲିଜେଣ୍ଟ ଟେକ୍ନୋଲୋଜି କମ୍ପାନି ଲିମିଟେଡ ଏହି ସ୍ମାର୍ଟ ଜ୍ୟାକେଟ୍‌କୁ ବିକଶିତ କରିଛି। ଏଥିରେ ଆଡଭାନ୍ସ ସୁରକ୍ଷା ସିଷ୍ଟମ ଲଗାଯାଇଛି। ଏହାକୁ ପିନ୍ଧିଥିବା ବ୍ୟକ୍ତି ତଳେ ପଡ଼ିବାର ଥିଲେ ଜ୍ୟାକେଟ୍‌ଟି ୦.୧୮ ସେକେଣ୍ଡ ମଧ୍ୟରେ ଜାଣିପାରି ସକ୍ରିୟ ହୋଇ ଉଠିବ। ଜ୍ୟାକେଟ୍ ଭିତରେ ଏକ ସ୍ମାର୍ଟ ଚିପ୍ ଲାଗିଛି। ଯାହାକି ପ୍ରତି ସେକେଣ୍ଡରେ ହଜାରେ ଥର ଶରୀରର ସ୍ଥିତି ଏବଂ ଗତିବିଧି ଉପରେ ନଜର ରଖେ। ସେହିପରି ଏହାକୁ ପିନ୍ଧିଥିବା ବ୍ୟକ୍ତି ତଳେ ପଡ଼ିବା ଆଶଙ୍କା ଥିଲେ, ଜ୍ୟାକେଟ୍‌ଟି ତୁରନ୍ତ ଏୟାର୍‌ବ୍ୟାଗ୍ ଭଳି ଫୁଲି ସୁରକ୍ଷା କବଚ ପାଲଟିଯାଏ। ଏହାଦ୍ୱାରା ତଳେ ପଡ଼ି ଆଘାତ ଲାଗିବା ଆଶଙ୍କା ଅନେକ ପରିମାଣରେ ହ୍ରାସ ପାଏ। ତେବେ ଏହି ଜ୍ୟାକେଟ୍‌ରେ ଚାର୍ଜ ରଖିବା ଜରୁରି। ବୟସ୍କମାନେ ଯେଭଳି ଚିନ୍ତାରେ ପଡ଼ିବେନି ଏଥିରେ ୱେୟାରଲେସ୍ ଚାର୍ଜରର ବିକଳ୍ପ ମଧ୍ୟ ଦିଆଯାଇଛି। ବୟସ ବଢ଼ିବା ସହିତ ଶରୀର ଦୁର୍ବଳ ହେବାକୁ ଲାଗେ। ତଳେ ପଡ଼ିଯିବା ଆଶଙ୍କା ଅଧିକ ଥାଏ। ଏଭଳି ସ୍ଥିତିରେ ଏୟାରବ୍ୟାଗ୍ ଜ୍ୟାକେଟ୍ ଲୋକଙ୍କୁ ଆଶ୍ୱସ୍ତି ପ୍ରଦାନ କରିବ। ଏହି ସ୍ମାର୍ଟ ଜ୍ୟାକେଟ୍ ଠିକ୍ ଭାବେ ପରିଚାଳିତ ହେବା ଲାଗି ବ୍ୟାଟେରିର ଆବଶ୍ୟକତା ଅଛି। ଥରେ ଏହାକୁ ଚାର୍ଜ କଲେ ଦୀର୍ଘ ସମୟ ପର୍ଯ୍ୟନ୍ତ କାର୍ଯ୍ୟ କରିଥାଏ। ଅନ୍ୟପଟେ ଏହା ବ୍ୟବହାରକାରୀଙ୍କ ଗତିବିଧି ଉପରେ ନଜର ରଖିବାକୁ ବି ସକ୍ଷମ।






# ରକ୍ତ ଶର୍କରା ନିୟନ୍ତ୍ରଣ ବିଧି

**ଅତ୍ୟାଧୁନିକ ଜୀବନଶୈଳୀ, ଚିନ୍ତା ଆଦି ଯୋଗୁଁ ଲୋକ କମ୍ ବୟସରୁ ବହୁ ରୋଗର ଶିକାର ହେଉଛନ୍ତି। ଘରେ ଘରେ ଲୋକେ ମଧୁମେହ, ଅମ୍ଳ ଆଦି ସମସ୍ୟାରେ ପୀଡ଼ିତ। ତନ୍ମଧ୍ୟରୁ ଅସନ୍ତୁଳିତ ରକ୍ତ ଶର୍କରା ଅଧିକ ଚିନ୍ତା ବଢ଼ାଏ। ତେଣୁ ରକ୍ତ ଶର୍କରା ନିୟନ୍ତ୍ରଣ ବିଧି ବିଷୟରେ ଜାଣିବା।**



- ତିକ୍ତ ଓ କଷାୟ ରସଯୁକ୍ତ ଭୋଜନ ହିତକର। ମଧୁର, ଲବଣ, କଟୁ, ଅମ୍ଳ ଏହି ଚାରିଟି ରସ ଯୁକ୍ତ ଭୋଜନ କମ୍ ବ୍ୟବହାର କରିବା ଆବଶ୍ୟକ।
- ଚିନି, ପ୍ୟାକେଜ୍ଡ ଲୁଣ, ରିଫାଇନ୍ ତେଲ ଯଥା ସମ୍ଭବ କମ୍ ବ୍ୟବହାର କରିବା ଜରୁରି। ତନ୍ତୁଜାତୀୟ ଖାଦ୍ୟ ଯଥା- ଅଙ୍କୁରିତ ମୁଗ, ବୁଟ, ଗହମ ଇତ୍ୟାଦି, ସବୁଜ ପନିପରିବା ଉପରେ ଅଧିକ ଗୁରୁତ୍ୱ ଦେବେ। ଆୟୁର୍ବେଦରେ ବର୍ଣ୍ଣିତ ବିରୁଦ୍ଧ ଭୋଜନ କରିବେ ନାହିଁ। ଯେପରି ଲୁଣ ସହିତ ଦୁଗ୍ଧ ସେବନ ଅନୁଚିତ। ଶାରୀରିକ ପରିଶ୍ରମ କରିବା ଆବଶ୍ୟକ। ମାନସିକ ସ୍ୱାସ୍ଥ୍ୟର ସନ୍ତୁଳନ ପାଇଁ, ଧ୍ୟାନ, ଯୋଗ, ପ୍ରାଣାୟମ ଆଦି କରିବାର ଆବଶ୍ୟକ ରହିଥାଏ। ସେହିପରି ସାମାଜିକ ସ୍ୱାସ୍ଥ୍ୟର ସନ୍ତୁଳନ ପାଇଁ ସତ୍‌ସଙ୍ଗ, ସ୍ୱାଧ୍ୟାୟ, ସାମାଜିକ କାର୍ଯ୍ୟରେ ଆଗ୍ରହ ସହକାରେ ରହିବା ଦରକାର।
- ସେହିପରି ରକ୍ତ ଶର୍କରା ନିୟନ୍ତ୍ରଣ ପାଇଁ ଜାମୁକୋଳି ମଞ୍ଜି ଚୂର୍ଣ୍ଣ, ଗୁଡ଼ମାରୀ ରସ, ସଦାବିହାରୀ ପତ୍ର ରସ, ମେଥି ଚୂର୍ଣ୍ଣ ଇତ୍ୟାଦି ଚିକିତ୍ସକଙ୍କ ପରାମର୍ଶରେ ଗ୍ରହଣ କରାଯାଇପାରେ।

# କରୋନାର ନୂତନ ଉପପ୍ରଜାତି ସିକାଡ଼ା



**କରୋନା ପରେ ଅନେକ ଭୂତାଣୁଜନିତ ରୋଗ ଦେଖାଯାଇଛି। ତନ୍ମଧ୍ୟରୁ କିଛି ଭୂତାଣୁ ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ସାବ୍ୟସ୍ତ ହୋଇଛି। ଏହି କ୍ରମରେ ଏବେ ଆମେରିକାରେ କରୋନାର ନୂତନ ଉପ ପ୍ରଜାତି ଠାବ ହୋଇଛି। ଏହି ନୂଆ ପ୍ରଜାତିର ନାଁ ଦିଆଯାଇଛି ସିକାଡ଼ା। ବୈଜ୍ଞାନିକ ଭାଷାରେ ଏହାକୁ ବିଏ.୩.୨ ଷ୍ଟ୍ରେନ୍ କୁହାଯାଉଛି। ଏହା ଓମିକ୍ରନ ପରିବାରର ଉପ ପ୍ରଜାତି। ଏହି ନୂଆ ପ୍ରଜାତି କ'ଣ ଏବଂ ଏହା କେତେ ବିପଜ୍ଜନକ ଜାଣିବା।**

'ସିକାଡ଼ା' କୋଭିଡ୍‌୧୯ର ସବ୍ ଭାରିଆଣ୍ଟ। ଏହି ନୂତନ ପ୍ରଜାତିର ସ୍ପାଇକ୍ ପ୍ରୋଟିନ୍‌ରେ ୭୦ରୁ ୭୫ ମ୍ୟୁଟେସନ୍ ରହିଛି। ଏହି ପ୍ରଜାତି ମନୁଷ୍ୟ ଶରୀରର ରୋଗପ୍ରତିରୋଧକ ପ୍ରଣାଳୀକୁ କିଛି ମାତ୍ରାରେ ପ୍ରଭାବିତ କରିପାରେ। କରୋନାର ଏହି ନୂଆ ଉପପ୍ରଜାତିର ଲକ୍ଷଣ ପ୍ରାୟତଃ କରୋନା ସହିତ ସମାନ। ଏହି ନୂତନ ଭୂତାଣୁ ସଂକ୍ରମଣ ଦ୍ୱାରା ଜ୍ୱର, କାଶ, ଥକ୍କା ଲାଗିବା, ଥଣ୍ଡା ଲାଗିବା, ଗଳା ଦରଜ, ନାକ ବନ୍ଦ ହୋଇଯିବା, ଶ୍ୱାସକ୍ରିୟାରେ କଷ୍ଟ, ଗନ୍ଧ ବାରି ନ ପାରିବା, ଶରୀର ଯନ୍ତ୍ରଣା ହେବା ଆଦି ଲକ୍ଷଣ ଦେଖାଯାଇଥାଏ। ଉପରୋକ୍ତ ଲକ୍ଷଣ ଦେଖିବା ମାତ୍ରେ ତୁରନ୍ତ ସ୍ୱାସ୍ଥ୍ୟ ପରୀକ୍ଷା କରିବା ଜରୁରି। ଏହାସହିତ ବୟସ୍କ, ପୂର୍ବରୁ ଏକାଧିକ ରୋଗରେ ପୀଡ଼ିତ ଥିଲେ, ଛୋଟ ପିଲା, ଗର୍ଭବତୀ ମହିଳା, ରୋଗପ୍ରତିରୋଧକ ଶକ୍ତି ଦୁର୍ବଳ ଥିବା ବ୍ୟକ୍ତିଙ୍କଠାରେ ଏହି ସଂକ୍ରମଣ ଗମ୍ଭୀର ରୂପ ନେଇପାରେ। ଏଥିପ୍ରତି ଧ୍ୟାନ ଦେବା ଆବଶ୍ୟକ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମୁତାବକ, ଏହି ନୂତନ ପ୍ରଜାତିରେ ଅଧିକ ମ୍ୟୁଟେଶନ ଥିବାରୁ ଉପଲବ୍ଧ ଥିବା ଟିକା ଏଥିରେ ସେତେ ପ୍ରଭାବଶାଳୀ ପ୍ରମାଣିତ ହୋଇ ନ ପାରେ। ତେଣୁ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ସହିତ ହାତକୁ ସଫା କରିବା, ଭିଡ଼ ସ୍ଥାନକୁ ନ ଯିବା, ବାହାରକୁ ମାସ୍କ ପିନ୍ଧି ଯିବା ଆବଶ୍ୟକ।

# ଜିଏଫ୍‌ଆର୍ ଟେଷ୍ଟ




ମନୁଷ୍ୟ ଶରୀରରୁ ବର୍ଜ୍ୟବସ୍ତୁକୁ ବାହାର କରିବାରେ ବୃକ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ହେଲେ ବିଶୃଙ୍ଖଳିତ ଜୀବନଚର୍ଯ୍ୟା, ଚିନ୍ତା, ଅଧିକ ତେଲ ମସଲାଯୁକ୍ତ ଖାଦ୍ୟ ଓ କମ୍ ପାଣି ପିଇବା ଆଦି ଅଭ୍ୟାସରୁ ବୃକ୍କ ଉପରେ ପ୍ରଭାବ ପଡେ। ଅନେକ ଲୋକ କ୍ରନିକ୍ ବୃକ୍କ ରୋଗରେ ପୀଡ଼ିତ ହୁଅନ୍ତି। ତେଣୁ ବୃକ୍କରୁ ରକ୍ତ କେତେ ପରିଷ୍କାର ହୁଏ, ଶରୀରରେ ବର୍ଜ୍ୟବସ୍ତୁ ଏବଂ ତରଳ ପଦାର୍ଥ ଭଲଭାବେ ଛାଣି ହେଉଛି କି ନାହିଁ ଜାଣିବାକୁ ଜିଏଫ୍‌ଆର୍ ଟେଷ୍ଟ କରାଯାଏ। ଯେଉଁମାନଙ୍କର ବୃକ୍କ ସଂକ୍ରମଣ ହୁଏ ସେମାନଙ୍କ ପାଇଁ ଏହି ପରୀକ୍ଷା ଗୁରୁତ୍ୱପୂର୍ଣ୍ଣ। ଗ୍ଲୋମେରୁଲାର ଫିଲ୍ଟ୍ରେସନ ରେଟ୍ (ଜିଏଫ୍‌ଆର୍) ଟେଷ୍ଟ ବୃକ୍କ ସ୍ୱାସ୍ଥ୍ୟର ଯାଞ୍ଚ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ରକ୍ତ ପରୀକ୍ଷା। ଜିଏଫ୍‌ଆର୍ ୯୦ କିମ୍ବା ଏହାଠୁ ଅଧିକ ସାଧାରଣ ସ୍ଥିତିକୁ ସୂଚାଏ। ୬୦ରୁ ୮୯ ଜିଏଫ୍‌ଆର୍ ବୃକ୍କ ରୋଗ ଆରମ୍ଭର ସଙ୍କେତ। ୩୦ରୁ ୫୯ ବୃକ୍କ ରୋଗ ଏବଂ ୧୫ରୁ ୨୯ ଗମ୍ଭୀର ରୋଗ ଏବଂ ୧୫ରୁ କମ୍ ଜିଏଫ୍‌ଆର୍‌ସ୍ତର ବୃକ୍କ ଅଚଳକୁ ଦର୍ଶାଇଥାଏ। କମ୍ ଜିଏଫ୍‌ଆର୍ ଥକ୍କାପଣ, ବାନ୍ତି, ପାଦ ଫୁଲାର ସଙ୍କେତ ଦିଏ। ତେଣୁ ବୃକ୍କକୁ ସୁସ୍ଥ ରଖିବାକୁ ସନ୍ତୁଳିତ ଖାଦ୍ୟ ସେବନ, ଦିନକୁ ୩ ଲିଟର ପାଣି ପିଇବା, ରକ୍ତଚାପ, ରକ୍ତ ଶର୍କରାକୁ ନିୟନ୍ତ୍ରଣରେ ରଖିବା ଏବଂ ନିୟମିତ ବ୍ୟାୟାମ କରିବା ଆବଶ୍ୟକ। ଆବଶ୍ୟକସ୍ଥଳେ ଡାକ୍ତରଙ୍କ ପରାମର୍ଶରେ ଔଷଧ ସେବନ କରିବା ଆବଶ୍ୟକ।

# ସ୍ମାର୍ଟ ଏୟାର୍ ପ୍ୟୁରିଫାୟାର୍



ଭାରତର ପ୍ରମୁଖ ସହରମାନଙ୍କରେ ଲୋକେ ବାୟୁ ପ୍ରଦୂଷଣ ଯୋଗୁଁ ଅଣନିଃଶ୍ୱାସୀ ହେଉଛନ୍ତି। ପ୍ରଦୂଷିତ ବାୟୁରୁ ସୁରକ୍ଷା ପାଇଁ ଲୋକେ ମାସ୍କ ସହିତ ଘରେ ଏୟାର୍ ପ୍ୟୁରିଫାୟାର୍ (ବାୟୁ ଶୋଧକ ଯନ୍ତ୍ର) ବ୍ୟବହାର କରୁଛନ୍ତି। ହେଲେ ଏବେ ବାହାରକୁ ଯିବା ସମୟରେ ଲୋକେ ଏୟାର୍ ପ୍ୟୁରିଫାୟାର୍ ବ୍ୟବହାର କରି ପାରିବେ। ଏନେଇ ଭାରତୀୟ ଷ୍ଟାର୍ଟଅପ୍ ଆଟୋଭିଓ ଦ୍ୱାରା ଏକ ପିନ୍ଧିବା ଯୋଗ୍ୟ ସ୍ମାର୍ଟ ଏୟାର୍ ପ୍ୟୁରି ଫାୟାର୍ ତିଆରି କରାଯାଇଛି। ଏହା ବାୟୁକୁ ଶୁଦ୍ଧ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିବ। ଏହାର ନାଁ ପେବଲ। ଏହା ଛୋଟ, ହାଲୁକା ଏବଂ ଏକ ସ୍ମାର୍ଟ ଉପକରଣ। ଏହାକୁ ବେକରେ ଲକେଟ୍ ପରି ପିନ୍ଧି ପାରିବେ। ଏହାକୁ ପିନ୍ଧିବା ଦ୍ୱାରା ଉପକରଣଟି ମୁହଁ ଚାରିପାଖେ ପ୍ରଦୂଷିତ କଣିକାକୁ ହ୍ରାସ କରି ବାୟୁକୁ ଶୁଦ୍ଧ କରିବ। ଏହି ଉପକରଣ ନେଗେଟିଭ ଆୟନ କୌଶଳକୁ ଉପଯୋଗ କରିଥାଏ। ଏହା ବାୟୁରେ ଥିବା ଧୂଳି ଏବଂ ଅନ୍ୟ କ୍ଷତିକାରକ କଣିକାକୁ ଶୁଦ୍ଧ କରିଥାଏ। କମ୍ପାନୀ ଅନୁସାରେ, ଆଇଆଇଟି କାନପୁରର ନ୍ୟାସ୍‌ନାଲ ଏରୋସ୍ପେସ୍ ଫ୍ୟାସିଲିଟିରେ ଏନେଇ ଏକ ପରୀକ୍ଷା କରାଯାଇଥିଲା। ଏହି ପରୀକ୍ଷଣରୁ ଏହି ଉପକରଣଟି ୯୦% ପ୍ରଦୂଷଣ ହ୍ରାସ କରିବାରେ ସକ୍ଷମ ବୋଲି ଜଣାପଡ଼ିଛି। ତେବେ ବର୍ତ୍ତମାନ ୪୦,୦୦୦ରୁ ଅଧିକ ଲୋକ ଏହାକୁ ବ୍ୟବହାର କରିଥିବା କମ୍ପାନୀ ମତ ରଖିଛି।

## ଘର ବଇଦ

# ବାନ୍ତିର ଉପଚାର

- ଅଁଳାଚୂର୍ଣ୍ଣ ଏକ ଭରି, କିସ୍‌ମିସ୍ ଏକ ଭରି, ଚିନି ଦୁଇ ଭରି ଏକତ୍ର ବାଟି କୋଳି ପରି ବଟିକା କରିବେ। ଏହି ବଟିକାରୁ ଗୋଟିଏ ପାଟିରେ ରଖି ରସ ଢ଼ୋକିବେ, ଚୋବାଇବେ ନାହିଁ। ଦିନକୁ ୩/୪ଟା ବଟିକା ଖାଇଲେ ବାନ୍ତି ବନ୍ଦ ହୁଏ। ଗର୍ଭାବସ୍ଥାରେ ବାନ୍ତି ହେଲେ ଏହି ଔଷଧରେ ବାନ୍ତି ବନ୍ଦ ହୁଏ।
- ଏକ ଛଟାଙ୍କି ଚିନି ସର୍ବତରେ ଦଶ ବାରଟା କଷି ଆମ୍ବପତ୍ର ଚକଟି ଛାଣି ସେହି ସର୍ବତ ପିଇଲେ ବାନ୍ତି ତତ୍‌କ୍ଷଣାତ୍ ବନ୍ଦ ହୁଏ।
- ଅଶ୍ୱତ୍ଥ ଗଛର ଛେଲିକୁ ପୋଡ଼ି ସେହି ଜ୍ୱଳନ୍ତ ଅଙ୍ଗାରକୁ ପାଣିରେ ପକାଇ ପାଣି ପିଇଲେ ବାନ୍ତି ବନ୍ଦ ହୁଏ।
- ବିଡ଼ଙ୍ଗ ଓ ମୁଥାର ଚୂର୍ଣ୍ଣ ମହୁ ସହିତ ଖାଇଲେ କଫଜ ବାନ୍ତି ପ୍ରଶମିତ ହୁଏ।
- ବେଲମୂଳର ଛେଲିର କ୍ୱାଥ ଶୀତଳ କରି ତହିଁରେ ମହୁ ମିଶାଇ ପିଇଲେ ବାନ୍ତି ବନ୍ଦ ହୁଏ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)



## ସନ୍‌ରାଇଜର୍ସ ହାଇଦରାବାଦ୍ ବନାମ କୋଲକାତା ନାଇଟ୍ ରାଇଡର୍ସ

# ଅଭିଷେକ, ହେଡ୍‌ଙ୍କ ବିସ୍ଫୋରକ ବ୍ୟାଟିଂ







କୋଲକାତା,୨।୪(ଏଜେନ୍ସି): ଅଭିଷେକ ଶର୍ମା ଓ ଟ୍ରାଭିସ୍ ହେଡ୍‌ଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଏଠାରେ ଗୁରୁବାର ଖେଳାଯାଇଥିବା କୋଲକାତା ନାଇଟ ରାଇଡର୍ସ ବିପକ୍ଷ ଆଇପିଏଲ୍-୨୦୨୬ର ୬ଷ୍ଠ ଲିଗ୍ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦରାବାଦ ଜୋରଦାର ଆରମ୍ଭ କରିଛି। ଉଭୟ ବ୍ୟାଟର ବିସ୍ଫୋରକ ଆରମ୍ଭ କରିଥିଲେ ମଧ୍ୟ ଯଥାକ୍ରମେ ୪୮ ଓ ୪୬ ରନ୍ କରି ଆଉଟ ହୋଇଥିଲାବେଳେ ଅର୍ଦ୍ଧଶତକରୁ ବଞ୍ଚିତ ହୋଇଛନ୍ତି। ଏହି ମ୍ୟାଚ୍‌ରେ ୧୭ ଓଭର ଖେଳ ଶେଷ ବେଳକୁ ପ୍ରଥମେ ବ୍ୟାଟିଂ କରିଥିବା ସନ୍‌ରାଇଜର୍ସ ୪ ୱିକେଟ ବିନିମୟରେ ୧୮୪ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ହେନରିକ୍ କ୍ଲାସେନ ୩୪ ଓ ନୀଶିଥ କୁମାର ରେଡ୍ଡୀ ୩୦ ରନ୍ କରି ଖେଳୁଥିଲେ। ଦଳର ଅଧିନାୟକ ମ୍ୟାଚ୍‌ରେ ସନ୍‌ରାଇଜର୍ସ ପକ୍ଷରୁ ଅଲରାଉଣ୍ଡର ଶିବାଙ୍ଗ କୁମାର ଡେବ୍ୟୁ କରିଛନ୍ତି।

ଏହି ମ୍ୟାଚ୍‌ରେ ଆଜିଙ୍କ୍ୟ ରାହାଣେ ଟସ୍ ଜିତିବା ପରେ ସନ୍‌ରାଇଜର୍ସଙ୍କୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲେ। ସନ୍‌ରାଇଜର୍ସ ବ୍ୟାଟିଂ ଆରମ୍ଭ କରି ଦ୍ରୁତଗତିରେ ରନ୍ ସଂଗ୍ରହ କରିଥିଲେ। ଦୁଇ ବାମହାତୀ ଓପନର ଟ୍ରାଭିସ୍ ହେଡ୍ ଓ ଅଭିଷେକ ଶର୍ମା ପ୍ରଥମ ୱିକେଟରେ ୫.୪ ଓଭରରେ ୮୨ ରନ୍ ଉଠାଇଥିଲେ। ଏମାନେ ଯେପରି ବ୍ୟାଟିଂ କରୁଥିଲେ ସେଥିରୁ ଦଳ ଏକ ବିଶାଳ ସ୍କୋର କରିବ ବୋଲି ଆଶା କରାଯାଉଥିଲା। କିନ୍ତୁ ୯ମ ଓଭରରେ କାର୍ତ୍ତିକ ତ୍ୟାଗୀ ୪୬ ରନ୍ କରିଥିବା ହେଡ୍‌ଙ୍କୁ ଆଉଟ କରି ଓପନିଂ ଯୋଡି ଭାଙ୍ଗିଦେଇଥିଲେ। ହେଡ୍ ୨୧ ବଲ୍‌ରେ ୬ଚୌକା ଓ ୩ଛକା ମାରିଥିଲେ। ଏହାପରେ ଅଭିଷେକ ଓ ଇଶାନ ଦ୍ରୁତ ସଂଗ୍ରହରେ ମନୋନିବେଶ କରିଥିଲେ। ଜିମ୍ବାୱେ ଫାଷ୍ଟ ବୋଲର ମୁଜାରବାନି ଏହି ସମୟରେ ଚମତ୍କାର ବୋଲିଂ କରି ଉଭୟ ଇଶାନ ଓ ଅଭିଷେକଙ୍କୁ ଆଉଟ କରି ଦ୍ରୁତ ରନ୍ ସଂଗ୍ରହରେ ବ୍ରେକ୍ ଲଗାଇଦେଇଥିଲେ। ହେଡ୍‌ଙ୍କ ଭଳି ଅଭିଷେକ ମଧ୍ୟ ୨୧ଟି ବଲ୍ ଖେଳିଥିଲେ ଓ ଏଥିରେ ୪ଟି ଲେଖାଏଁ ଚୌକା ଓ ଛକା ରହିଥିଲା। ଇଶାନ ୯ ବଲ୍‌ରେ ୧୪ ରନ୍ କରିବାକୁ ସମର୍ଥ ହୋଇଥିଲେ। ବାମହାତୀ ସ୍ପିନର ଅନୁକୂଳ ରୟ ପ୍ରତିପକ୍ଷ ଅନିକେତଙ୍କୁ ୧ ରନ୍‌ରେ ଆଉଟ କରି କୋଲକାତାକୁ ମ୍ୟାଚ୍‌କୁ ଫେରାଇଆଣିଥିଲେ। ପୂର୍ବରୁ ଉଭୟ ଦଳ ସେମାନଙ୍କ ପ୍ରଥମ ଲିଗ୍ ମ୍ୟାଚ୍‌ରେ ପରାଜିତ ହୋଇଛନ୍ତି। ଏହି ମ୍ୟାଚ୍‌ରେ ଯେଉଁ ଦଳ ବିଜୟୀ ହେବ, ସେହି ଦଳ ପଏଣ୍ଟ ଖାତା ଖୋଲିବ ବୋଲି ସ୍ପଷ୍ଟ ହୋଇଛି।

ତଥା ଅନ୍ୟତମ ବିସ୍ଫୋରକ ବ୍ୟାଟର ଇଶାନ କିଶାନ ୯ଟି ବଲ୍‌ରୁ ୩ ଚୌକା ସହ ୧୪ ଏବଂ ଅନିକେତ ବର୍ମା ୧ ରନ୍‌ରେ ଆଉଟ ହୋଇଛନ୍ତି। କୋଲକାତା ପକ୍ଷରୁ ବ୍ଲେସିଂ ମୁଜାରବାନି ପ୍ରତିପକ୍ଷ ଦଳର ଅଭିଷେକ ଓ ଇଶାନଙ୍କୁ ଆଉଟ କରି ସନ୍‌ରାଇଜର୍ସର ଦ୍ରୁତ ରନ୍ ସଂଗ୍ରହରେ ବ୍ରେକ୍ ଲଗାଇବାରେ ସମର୍ଥ ହୋଇଥିଲେ। କାର୍ତ୍ତିକ ତ୍ୟାଗୀ ଓ ଅନୁକୂଳ ରୟ ଅନ୍ୟ ଦୁଇ ଖେଳାଳିଙ୍କୁ ଆଉଟ କରିଥିଲେ। ଏହି

| ଆଜିର ଆଇପିଏଲ୍ ମ୍ୟାଚ୍ |
|---|
| ଚେନ୍ନାଇ ବନାମ ପଞ୍ଜାବ |
| ଭେନ୍ୟୁ-ଚେନ୍ନାଇ |
| ଖେଳ ଆରମ୍ଭ : ରାତି ୭.୩୦ |
| ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର |

## ଆଇପିଏଲ୍‌ରେ ବିରଳ ସଂଯୋଗ; ହୋମ୍ ଭେନ୍ୟୁ, ଟସ୍, ଚେଜ୍ କରି ୪ର୍ଥ ବିଜୟ

ନୂଆଦିଲ୍ଲୀ,୨।୪(ଏଜେନ୍ସି): ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଏକ ବିରଳ ସଂଯୋଗ ଦେଖିବାକୁ ମିଳିଛି। ଏହି ସଂଯୋଗ ୩ଟି ଭିନ୍ନ ଭିନ୍ନ ବିଭାଗରେ ସମାନ ହୋଇଥିବାରୁ ଏହାକୁ ବିରଳ ସଂଯୋଗ କୁହାଯାଉଛି। ଏହି ବିଭାଗଗୁଡ଼ିକ ହେଲା ପ୍ରଥମ ୪ଟି ମ୍ୟାଚ୍‌ରେ ଟସ୍ ଜିତିଥିବା ଦଳ, ହୋମ୍ ଭେନ୍ୟୁରେ ଖେଳିବା ଓ ଟାର୍ଗେଟ ଚେଜ୍ କରିଥିବା ଦଳଗୁଡିକ ବିଜୟୀ ହୋଇଛି। ଏପରି ୩ଟି ବିଭାଗରେ ସମାନ ଘଟଣା ପୂର୍ବରୁ କେବେ ଘଟି ନ ଥିଲା। ସନ୍‌ରାଇଜର୍ସ ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ଆର୍‌ସିବି ଅଧିନାୟକ ଟସ୍ ଜିତି ଘରୋଇ ବେଙ୍ଗାଲୁରୁରେ ରନ୍ ଚେଜ୍ କରି ବିଜୟୀ ହୋଇଥିଲେ। ଦ୍ୱିତୀୟ ମ୍ୟାଚ ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଅନୁଷ୍ଠିତ କୋଲକାତା ବିପକ୍ଷରେ ମୁମ୍ବାଇ ଟସ୍ ଜିତି ରନ୍ ଚେଜ୍ କରି ମ୍ୟାଚ୍ ଜିତିଥିଲା। ସେହିପରି ଆସାମର ବର୍ଷାପଡ଼ା ଷ୍ଟାଡିୟମ୍‌କୁ ରାଜସ୍ଥାନ ରୟାଲ୍ସ ହୋମ୍ ଭେନ୍ୟୁ କରିଛି। ଏଠାରେ ଅନୁଷ୍ଠିତ ତୃତୀୟ ଲିଗ୍ ମ୍ୟାଚ୍‌ରେ ରାଜସ୍ଥାନ ଟସ୍ ଜିତିବା ପରେ ରନ୍ ଚେଜ୍ କରି ଜିତିଥିଲା। ସେହିପରି ଚତୁର୍ଥ ଲିଗ୍ ମ୍ୟାଚ୍ ପଞ୍ଜାବ କିଙ୍ଗ୍‌ସର ହୋମ୍ ଭେନ୍ୟୁ ନ୍ୟୁ ଚଣ୍ଡିଗଡ ବା ମୁଲାନପୁରରେ ଖେଳାଯାଇଥିଲା। ଏଥିରେ ମଧ୍ୟ ହୋମ୍ ଭେନ୍ୟୁରେ ପଞ୍ଜାବ ଟସ୍ ଜିତିବା ପରେ ରନ୍ ଚେଜ୍ କରି ବିଜୟୀ ହୋଇଥିଲା। ଯେ କୌଣସି ଆଇପିଏଲ୍‌ରେ ପ୍ରଥମ ୪ଟି ମ୍ୟାଚ୍ ହେଉ କିମ୍ବା କ୍ରମାଗତ ୪ଟି ମ୍ୟାଚ୍‌ରେ ଏଭଳି ସଂଯୋଗ ଦେଖିବାକୁ ମିଳିନାହିଁ। ହୋମ୍ ଭେନ୍ୟୁ, ଟସ୍ ବିଜୟ, ରନ୍ ଚେଜ୍ କରି ମ୍ୟାଚ୍ ଜିତିବା ଚଳିତ ଆଇପିଏଲ୍‌ର ପ୍ରଥମ ୪ଟି ମ୍ୟାଚ୍‌ରେ କେବଳ ଦେଖିବାକୁ ମିଳିଛି। କିନ୍ତୁ ଲକ୍ଷ୍ନୌରେ ଖେଳାଯାଇଥିବା ୫ମ ଲିଗ୍ ମ୍ୟାଚ୍‌ରେ ଏହି ଧାରା ଭାଙ୍ଗିଯାଇଥିଲା। ଏଥିରେ ଟସ୍ ଜିତିଥିବା ଦଳ ଦିଲ୍ଲୀ କ୍ୟାପିଟାଲ୍ସ ରନ୍ ଚେଜ୍ କରି ମ୍ୟାଚ୍ ଜିତିଛି ସହ କିନ୍ତୁ ଏହା ବିଜୟୀ ଦଳର ହୋମ୍ ଭେନ୍ୟୁ ନ ଥିଲା।

## ୨୦୦ତମ ଆଇପିଏଲ୍ ମ୍ୟାଚ୍ ଖେଳିବାରେ ଆଜିଙ୍କ୍ୟ ରାହାଣେ ୧୧ତମ ଖେଳାଳି

ଇଡେନ୍: ଏଠାରେ ଆଜି ସନ୍‌ରାଇଜର୍ସ ବିପକ୍ଷରେ ଖେଳି ନାଇଟ୍ ରାଇଡର୍ସର ଅଧିନାୟକ ଆଜିଙ୍କ୍ୟ ରାହାଣେ ଆଇପିଏଲ୍‌ରେ ୨୦୦ତମ ମ୍ୟାଚ୍‌ରେ ପଦାର୍ପଣ କରିଛନ୍ତି। ଏହି ତାଲିକାରେ ସେ ହେଉଛନ୍ତି ୧୧ତମ ଖେଳାଳି। ତାଙ୍କ ପୂର୍ବରୁ ଚେନ୍ନାଇ/ପୁଣେର ମହେନ୍ଦ୍ର ସିଂ ଧୋନି ସର୍ବାଧିକ ୨୭୮, ଡେକାନ/ମୁମ୍ବାଇର ରୋହିତ ଶର୍ମା ୨୭୩, ଆର୍‌ସିବିର ବିରାଟ କୋହଲି ୨୬୮, ଦିନେଶ କାର୍ତ୍ତିକ ୨୫୭, ରବୀନ୍ଦ୍ର ଜାଡେଜା ୨୫୫, ଶିଖର ଧାୱନ ୨୨୨, ରବିଚନ୍ଦ୍ରନ ଅଶ୍ୱିନ ୨୨୧, ସୁରେଶ ରାଇନା ୨୦୫, ରବିନ ଉତପ୍ପା ୨୦୫, ଅମ୍ବତି ରାୟୁଡୁ ୨୦୪ଟି ମ୍ୟାଚ୍ ଖେଳି ଏହି ଏଲିଟ୍ କ୍ଲବ୍‌ରେ ସାମିଲ ହୋଇଛନ୍ତି। ଘରୋଇ କ୍ରିକେଟରେ ମୁମ୍ବାଇ ପକ୍ଷରୁ ଖେଳୁଥିବା ରାହାଣେ ୬ଟି ଫ୍ରାଞ୍ଚାଇଜ୍ ପକ୍ଷରୁ ଖେଳି ୨୦୦ତମ ମ୍ୟାଚ୍‌ରେ ପଦାର୍ପଣ କରିଛନ୍ତି। ଏହି ମୁକାବିଲା ଆରମ୍ଭରୁ ସେ ୧୯୯ଟି ମ୍ୟାଚ୍‌ରୁ ୩୦.୭୧ ହାରରେ ୫୦୯୯ ରନ୍ କରିଛନ୍ତି। ଏଥିରେ ୨ଟି ଶତକ ରହିଛି। ଏବେ ସେ କୋଲକାତା ନାଇଟ୍ ରାଇଡର୍ସର ନେତୃତ୍ୱ ନେଉଛନ୍ତି।

### • ପ୍ରଥମ ବଲ୍‌ରେ ୫ଥର ନେଲେ ୱିକେଟ

## ଆଇପିଏଲ୍‌ରେ ସାମି ରଚିଲେ ଇତିହାସ

ଲକ୍ଷ୍ନୌ,୨।୪(ଏଜେନ୍ସି): ଆଇପିଏଲ୍ ବା ଇଣ୍ଡିଆନ୍ ପ୍ରିମିୟର ଲିଗରେ ମହମ୍ମଦ୍ ସାମି ରଚିଛନ୍ତି ଇତିହାସ। ସେ ପ୍ରଥମ ତଥା ଏକମାତ୍ର ବୋଲରଭାବେ ଆଇପିଏଲ୍‌ରେ ଗୋଟିଏ ଇନିଂସର ପ୍ରଥମ ବଲ୍‌ରେ ୱିକେଟ ନେବାରେ ୫ଥର ସଫଳତା ପାଇଛନ୍ତି। ଗତକାଲି ଏକନ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ରେକର୍ଡ ଲକ୍ଷ୍ନୌ ସୁପର ଜାଏଣ୍ଟସ ପକ୍ଷରୁ ଖେଳି ଦିଲ୍ଲୀ କ୍ୟାପିଟାଲ୍ସ ଓପନର ଲୋକେଶ ରାହୁଲଙ୍କୁ ପ୍ରଥମ ବଲ୍‌ରେ ଆଉଟ କରିବା ସହ ଏହି ସଫଳତା ୫ମଥର ଲାଗି ପାଇଛନ୍ତି। ତାଙ୍କ ପୂର୍ବରୁ ୩ଥର ଲେଖାଏଁ ୭ଜଣ ବୋଲର ଏହି ସଫଳତା ପାଇଛନ୍ତି। ସେମାନେ ହେଲେ ପ୍ରବୀଣ କୁମାର, ଉମେଶ ଯାଦବ, ଟ୍ରେଣ୍ଟ ବୋଲ୍ଟ, ଲାସିଥ ମାଲିଙ୍ଗା, ଭୁବନେଶ୍ୱର କୁମାର, ଅଶୋକ ଦିଣ୍ଡା ଓ ପ୍ୟାଟ କମିନ୍ସ। ଜାତୀୟ ଦଳକୁ ଫେରିବା ଲାଗି ସଂଘର୍ଷ କରୁଥିବା ସାମିଙ୍କ ଏହି ସଫଳତା କିନ୍ତୁ ଦଳ ଲାଗି କାମ ଦେଇନି। ଦିଲ୍ଲୀ ଏହି ମ୍ୟାଚ୍‌କୁ ସହଜରେ ଜିତିନେଇଥିଲା।

### • ଆଜି ପଞ୍ଜାବ ସହ ସିଏସକେର ଲଢ଼େଇ

## ଅଭ୍ୟାସ ଆରମ୍ଭ କଲେ ଧୋନି

ଚେନ୍ନାଇ, ୨।୪ (ଏଜେନ୍ସି): ଆଇପିଏଲ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ଶୁକ୍ରବାର ପାଞ୍ଚଥରର ଚାମ୍ପିଅନ ଚେନ୍ନାଇ ସୁପର୍ କିଙ୍ଗ୍‌ସ (ସିଏସକେ) ଓ ପଞ୍ଜାବ କିଙ୍ଗ୍‌ସ ମଧ୍ୟରେ ଲଢ଼େଇ ହେବ। ଏହି ମ୍ୟାଚ ଲାଗି ଘରୋଇ ଚେନ୍ନାଇର ଷ୍ଟାର ଖେଳାଳି ମହେନ୍ଦ୍ର ସିଂ ଧୋନି ଅଭ୍ୟାସ ଆରମ୍ଭ କରିଛନ୍ତି। ଆଘାଜନିତ ସମସ୍ୟା ଲାଗି ରାଜସ୍ଥାନ ବିପକ୍ଷ ପ୍ରଥମ ମ୍ୟାଚ୍ ଖେଳି ନ ଥିବା ୪୪ ବର୍ଷୀୟ ଧୋନି ଏମ୍ଏ ଚିଦାମ୍ବରମ ଷ୍ଟାଡିୟମରେ ନେଟ୍ସରେ ଯୋଗଦେଇଛନ୍ତି। ତେବେ ଧୋନି ପଞ୍ଜାବ ବିପକ୍ଷରେ ଖେଳିବେ କି ନାହିଁ ଚେନ୍ନାଇ ପକ୍ଷରୁ କିଛି ସ୍ପଷ୍ଟ କରାଯାଇନାହିଁ।

## ଭାନୁକାଙ୍କ ଚେନ ବନ୍ଧା ପକାଇ ସିଂହଳୀ ଅଭିନେତ୍ରୀ ଗିରଫ

କଲମ୍ବୋ, ୨।୪ (ଏଜେନ୍ସି): ଶ୍ରୀଲଙ୍କା କ୍ରିକେଟର୍ ଭାନୁକା ରାଜପକ୍ଷେ ଓ ସିଂହଳୀ ଅଭିନେତ୍ରୀ ହର୍ଷି ରସାଙ୍ଗାଙ୍କୁ ନେଇ ଏକ ବିବାଦ ଦେଖାଦେଇଛି। ଏକ ସୁନା ଚେନକୁ ନେଇ ଭାନୁକା ଅଭିନେତ୍ରୀ ରସାଙ୍ଗାଙ୍କୁ ଏକ ଆଇନଗତ ନୋଟିସ ପଠାଇଥିଲେ। ଯାହା ପରେ ପୁଲିସ ରସାଙ୍ଗାଙ୍କୁ ଗିରଫ କରିଥିଲା। ଘଟଣାରୁ ଜଣାପଡ଼ିଛି ଯେ ଭାନୁକା ଅସ୍ଥାୟୀ ଭାବରେ ଏକ ସୁନା ଚେନ ପୂର୍ବତନ ବାନ୍ଧବୀ ଅଭିନେତ୍ରୀଙ୍କୁ ଦେଇଥିଲେ। କିନ୍ତୁ ଭାନୁକାଙ୍କୁ ନ ଜଣାଇ ରସାଙ୍ଗା ୯ ଲକ୍ଷ ଟଙ୍କା ମୂଲ୍ୟରେ ଚେନ ବନ୍ଧକ ରଖିଥିଲେ। ତେବେ ଶ୍ରୀଲଙ୍କାର ଏକ କୋର୍ଟ ଏହି ମାମଲାର ଶୁଣାଣି କରି ୫-୫ ଲକ୍ଷ ଟଙ୍କାର ଦୁଇ ଜାମିନଦାରରେ ଅଭିନେତ୍ରୀ ହର୍ଷିଙ୍କୁ ଜାମିନ ପ୍ରଦାନ କରିଛନ୍ତି। ଜାମିନ ପାଇବା ପରେ ହର୍ଷି ସାମାଜିକ ଗଣମାଧ୍ୟମରେ କହିଛନ୍ତି ଯେ ଭାନୁକାଙ୍କ ସହ ସମ୍ପର୍କରେ ଥିବା ସମୟରେ ଏହି ଚେନ୍ ତାଙ୍କୁ ଉପହାର ଆକାରରେ ମିଳିଥିଲା। ତେବେ ହର୍ଷିଙ୍କ ଏହି ଦାବିକୁ ନେଇ କ୍ରିକେଟର୍ ଭାନୁକାଙ୍କ ପକ୍ଷରୁ କୌଣସି ମତାମତ ମିଳିନାହିଁ। ପରବର୍ତ୍ତୀ ଶୁଣାଣି ଏପ୍ରିଲ୍ ୨୨ରେ ହେବ ବୋଲି ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ୩୪ ବର୍ଷୀୟ ଭାନୁକା ଶ୍ରୀଲଙ୍କା ପାଇଁ ୫ଟି ଦିନିକିଆ ଓ ୪୫ ଟି-୨୦ ମ୍ୟାଚ୍ ଖେଳିଛନ୍ତି। ଆଇପିଏଲ୍‌ରେ ପଞ୍ଜାବ କିଙ୍ଗ୍‌ସ ପାଇଁ ସେ ଦୁଇଟି (୨୦୨୨ ଓ ୨୦୨୩) ସିଜନରେ ୧୩ଟି ମ୍ୟାଚ୍ ଖେଳିଥିଲେ।



### ଓସିଏ କ୍ଲବ ଲିଗ୍: ଶୁଭ୍ରାଂଶୁଙ୍କ କ୍ରମାଗତ ଶତକ

## ରାଇଜିଂ ଷ୍ଟୁଡେଣ୍ଟ୍ସ-ବିଶ୍ୱଭାରତୀ ଫାଇନାଲ ଆଜି

ଭୁବନେଶ୍ୱର, ୨।୪ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା କ୍ଲବ ଲିଗ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଛି। ଶୁକ୍ରବାର ଦୁଇ କଟକ କ୍ଲବ ରାଇଜିଂ ଷ୍ଟୁଡେଣ୍ଟ୍ସ ଓ ବିଶ୍ୱଭାରତୀ ମଧ୍ୟରେ ଆଇକନିକ ବାରବାଟୀ ଷ୍ଟାଡିୟମରେ ଟାଇଟଲ୍ ପାଇଁ ଲଢ଼େଇ ହେବ। ଗୁରୁବାର ବାରବାଟୀରେ ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ରାଇଜିଂ ଷ୍ଟୁଡେଣ୍ଟ ୧୪୫ ରନରେ ୟୁନିୟନ ସ୍ପୋର୍ଟିଂ କ୍ଲବକୁ ହରାଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ରାଇଜିଂ ଷ୍ଟୁଡେଣ୍ଟ ଶୁଭ୍ରାଂଶୁ ସେନାପତି (୧୧୨ ବଲରେ ୧୪୯ ରନ) ଓ ଗୋବିନ୍ଦ ପୋଦ୍ଦାର (୮୬ ବଲରେ ୧୧୯ ରନ)ଙ୍କ ଦ୍ରୁତ ଶତକୀୟ ପାଳି ବଳରେ ୫୦ ଓଭରରେ ୮ ୱିକେଟ୍ ହରାଇ ୪୬୧ ରନ ସଂଗ୍ରହ କରିଥିଲା। ଗତକାଲି ଜଗତପୁର ବିପକ୍ଷ କ୍ୱାର୍ଟର ମ୍ୟାଚରେ ଶୁଭ୍ରାଂଶୁ ୭୨ ବଲରେ ୧୨୪ ରନ କରିଥିଲେ। ଜବାବରେ ୟୁନିୟନ କ୍ଲବ ଲଢୁଆ ପ୍ରଦର୍ଶନ କରିଥିଲେ ମଧ୍ୟ ୪୯.୨ ଓଭରରେ ୩୧୬ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଗୋବିନ୍ଦ ବୋଲିଂରେ ମଧ୍ୟ ଦମ୍‌ଦାର ପ୍ରଦର୍ଶନ କରି ୩ଟି ୱିକେଟ ନେଇଥିଲେ। ଏହି ଅଲ୍‌ରାଉଣ୍ଡ ସଫଳତା ଲାଗି ଗୋବିନ୍ଦଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବାବଦକୁ ୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ରେଭେନସା ଗ୍ରାଉଣ୍ଡ-୧ରେ ଅନ୍ୟ ଏକ ସେମିଫାଇନାଲରେ ବିଶ୍ୱଭାରତୀ କ୍ଲବ ୨ ୱିକେଟରେ ଜୁଭେନାଇଲ କ୍ଲବକୁ ପରାସ୍ତ କରିଥିଲା। ଅପରାଜିତ ୫୧ ରନ ସହ ଗୋଟିଏ ୱିକେଟ୍ ନେଇଥିବା ଗୌରବ ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ।

### ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ା

## ହକିରେ ଡବଲ୍ ସ୍ୱର୍ଣ୍ଣ; ତୀରନ୍ଦାଜୀରେ ୪ ପଦକ



ଚାମ୍ପିଅନ୍ ଓଡ଼ିଶା ମହିଳା ହକି ଦଳ

ଭୁବନେଶ୍ୱର, ୨।୪ (ସମିସ): ଛତିଶଗଡ଼ରେ ଚାଲିଥିବା ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ାରେ ଓଡ଼ିଶା ହକିରେ ଡବଲ୍ସ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛି। ଓଡ଼ିଶାର ଉଭୟ ପୁରୁଷ ଓ ମହିଳା ହକି ଦଳ ଚାମ୍ପିଅନ ହୋଇଛନ୍ତି। ପୁରୁଷ ବିଭାଗ ଫାଇନାଲରେ ଓଡ଼ିଶା ୪-୧ ଗୋଲ୍‌ରେ ଝାଡ଼ଖଣ୍ଡକୁ ଏବଂ ମହିଳା ଦଳ ୧-୦ ଗୋଲରେ ମିଜୋରମକୁ ହରାଇଥିଲା। ସେହିଭଳି ତୀରନ୍ଦାଜୀରେ ଗୁରୁବାର ଓଡ଼ିଶା ୨ଟି ଲେଖାଏ ରୌପ୍ୟ ଓ କାଂସ୍ୟ ପଦକ ବିଜୟୀ ହୋଇଛି। ରିକର୍ଭ ମିକ୍ସଡ ଟିମ୍ ଇଭେଣ୍ଟରେ ଅର୍ଜୁନ ଖରା ଓ ମମିତା ଓରାମ ରୌପ୍ୟ, ପୁରୁଷ କମ୍ପାଉଣ୍ଡରେ କେଶବ ବାନାରା ରୌପ୍ୟ ଓ ସାଗର ରାଇଜା କାଂସ୍ୟ ଏବଂ ପୁରୁଷ କମ୍ପାଉଣ୍ଡ ଟିମ୍ ଇଭେଣ୍ଟରେ ଓଡ଼ିଶା କାଂସ୍ୟ ପଦକ ଜିତିଥିଲା। ଆଥଲେଟିକ୍ସରେ ସନ୍ଧ୍ୟା ମୁର୍ମୁ ମହିଳା ୧୦ ହଜାର ମିଟରରେ ରୌପ୍ୟ ଓ ସୁନିତା ସାନ୍ତା ୧୫୦୦ ମିଟରରେ କାଂସ୍ୟ ପଦକ ହାସଲ କରିଛନ୍ତି।

### ରାଜ୍ୟର ସୁନାମ ବଢ଼ାଇଛନ୍ତି: ନବୀନ

ସ୍ୱର୍ଣ୍ଣ ବିଜୟୀ ଓଡ଼ିଶାର ଉଭୟ ପୁରୁଷ ଓ ମହିଳା ହକି ଦଳକୁ ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି। ନବୀନ ତାଙ୍କ ଶୁଭେଚ୍ଛା ବାର୍ତ୍ତାରେ ଲେଖିଛନ୍ତି, 'ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ା ପ୍ରତିଯୋଗିତାରେ ଓଡ଼ିଶାର ଉଭୟ ମହିଳା ଓ ପୁରୁଷ ହକି ଦଳ ଚାମ୍ପିଅନ ହୋଇ ରାଜ୍ୟର ସୁନାମ ବଢ଼ାଇଛନ୍ତି। ଜନଜାତି କ୍ରୀଡ଼ା ପ୍ରତିଭାମାନଙ୍କ ଏହି ସଫଳତା ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବ ଆଣିଦେଇଛି। ସଭିଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଇବା ସହ ଆଗାମୀ ଦିନରେ ସମସ୍ତଙ୍କର ଆହୁରି ସଫଳତା କାମନା କରୁଛି।'




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS